# ଧରିତ୍ରୀ DHARITRI

49 ୪୯

ଢେଙ୍କାନାଳ, ଶନିବାର, ନଭେମ୍ବର ୨୬/୨୦୨୨ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Dhenkanal, Saturday, November 26/2022 | Page 20 | ₹ 7.00 | ★★★★★

୧୮ଶ ଭାଗ ୨୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul | VOLUME 18 ISSUE 278 | ମୂଲ୍ୟ₹୭/-




**ଲଥାମଙ୍କ ଶତକ**

ଟମ୍ ଲଥାମଙ୍କ ଅପରାଜିତ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ଶୁକ୍ରବାର ଅକ୍‌ଲାଣ୍ଡରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୭ ଉଇକେଟରେ ପରାସ୍ତ କରିଛି।

୧୪

୧୬

**‘ଆନିମଲ୍’ରେ ରକ୍ତ ଜୁଡ଼ୁବୁଡ଼ୁ ରଣବୀର**

ଅଭିନେତା ରଣବୀର କପୁରଙ୍କ ଆଗାମୀ ଫିଲ୍ମ ‘ଆନିମଲ୍’ର ଭାଇରାଲ ଫଟୋରେ ତାଙ୍କୁ ଲମ୍ବା ଚୁଟି, ଦାଢ଼ି ସହ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଦେଖିବାକୁ ମିଳିଛି।














# ଉଜୁଡ଼ୁଛି ଜଙ୍ଗଲ ଜମି





ଉମରକୋଟ ବ୍ଲକର କପସାଭଟା ଗ୍ରାମ ସଂଲଗ୍ନ ସଂରକ୍ଷିତ ଜଙ୍ଗଲର ୨୦୧୧ ଏବଂ ୨୦୨୨ର ସ୍ଥିତି।

**ଓଡ଼ିଶାରେ ୫୩୭ ବର୍ଗ କିଲୋମିଟର ଜଙ୍ଗଲ ବଢ଼ିଥିବା ଇଣ୍ଡିଆ ଷ୍ଟେଟ୍ ଫରେଷ୍ଟ ରିପୋର୍ଟ-୨୦୨୧ ଦର୍ଶାଉଛି। କିନ୍ତୁ ଏହାର ବାସ୍ତବତା ନବରଙ୍ଗପୁର ଜିଲା ସ୍ଥିତିରୁ ଜଣାପଡୁଛି। ଜଙ୍ଗଲ ସ୍ୱତ୍ୱାଧିକାର ଆଇନ-୨୦୦୬କୁ ଦୁରୁପଯୋଗ କରାଯାଇ ବେଆଇନ ଭାବେ ଜଙ୍ଗଲ ଜମି ଜବରଦଖଲ କରାଯାଉଛି। ଏଥିଯୋଗୁ କେବଳ ଜଙ୍ଗଲ ନଷ୍ଟ ହେଉନି, ପରିବେଶ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହେଉଛି।**

**ସଦାଶିବ ପ୍ରହରାଜ**

ନବରଙ୍ଗପୁର,୨୫।୧୧(ବି.ପ୍ର.)

ନବରଙ୍ଗପୁର ଜିଲାରେ ଉଜୁଡ଼ିଯାଇଛି ୧୭ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ। ଏହାର ଅନ୍ୟତମ ପ୍ରମୁଖ କାରଣ ହେଉଛି ଜଙ୍ଗଲ ଜମିରେ ବେଆଇନ ମକାଚାଷ। ଜଙ୍ଗଲ ଜମି ସ୍ୱତ୍ୱାଧିକାର ନିୟମର ଅପବ୍ୟବହାର କରାଯାଇ ଏହି କାର୍ଯ୍ୟ ହେଉଥିବାବେଳେ ଏହା ପଛରେ ବିଭିନ୍ନ ବିହନ କମ୍ପାନୀ, ସାହୁକାର ଓ ରାଜନେତାଙ୍କ ସମ୍ପୃକ୍ତି ରହିଛି। ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯାଉ ନ ଥିବାରୁ ଜଙ୍ଗଲ କ୍ଷୟ ସାଙ୍ଗକୁ ଜମି ବିବାଦ ବଢୁଛି। ଏଭଳିସ୍ଥଳେ ଶାସକ ଓ ବିରୋଧୀ ଦଳ ଭୋଟବ୍ୟାଙ୍କ ଯୋଗୁ ଚୁପ୍ ରହୁଛନ୍ତି।

ଜଙ୍ଗଲ ଜମି ସ୍ୱତ୍ୱାଧିକାର ନିୟମ-୨୦୦୬ ଅନୁଯାୟୀ ୨୦୦୫ ପୂର୍ବରୁ ଯେଉଁ ବନବାସୀ ଜମି ଅଧିଗ୍ରହଣ କରି ରହିଥିଲେ ସେମାନଙ୍କୁ ପଟ୍ଟା ଦିଆଯିବା କଥା। ଜଙ୍ଗଲ ଜମି ପଟ୍ଟା ପ୍ରଦାନ କ୍ଷେତ୍ରରେ ନବରଙ୍ଗପୁର ଜିଲା ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଛି। ୪୪

## ନବରଙ୍ଗପୁରରେ ସ୍ୱତ୍ୱାଧିକାର ନିୟମର ଦୁରୁପଯୋଗ

- ■ କ୍ଷୟ ହେଲାଣି ୧୭ ହଜାର ହେକ୍ଟର ଜଙ୍ଗଲ
- ■ କୋର୍ଟରେ ଗଡୁଛି ୫,୫୨୫ ଜବରଦଖଲ ମାମଲା
- ■ ମକା ଚାଷ ପାଇଁ ସାହୁକାର ଖଟାଉଛନ୍ତି ଅର୍ଥ

ହଜାର ୫୦୭ ଜଣଙ୍କୁ ଜଙ୍ଗଲ ଜମି ସ୍ୱତ୍ୱାଧିକାର ଆଇନ ଅନୁଯାୟୀ ୯୮,୯୯୬.୩୨ ଏକର ଜମିର ପଟ୍ଟା ଦିଆଯାଇଛି। ସେଥିମଧ୍ୟରେ ରାଜସ୍ୱ ଜଙ୍ଗଲରେ ବସବାସ କରୁଥିବା ୩୧,୬୨୫ ଜଣ ଏବଂ ଜଙ୍ଗଲ ମଧ୍ୟରେ ରହୁଥିବା ୧୨,୮୮୨ ଜଣ ରହିଛନ୍ତି। ଜିଲାରେ ୧୯୮୦ ପୂର୍ବରୁ ୧୪ ହଜାର ୩୮୪ ହେକ୍ଟର ଜଙ୍ଗଲ ଜମି ☞ପୃଷ୍ଠା-୪

# ବିଧାନସଭାରେ ଚାଷୀ ଝଡ଼

- ■ ବିରୋଧୀ-ଶାସକ ମୁହାଁମୁହିଁ
- ■ ଫେଲ୍ ମାରିଲା ସର୍ବଦଳୀୟ ବୈଠକ
- ■ ଶନିବାର ଯାଏ ଗୃହ ମୁଲତବୀ
- ■ ରାଜ୍ୟପାଳଙ୍କୁ ଫେରାଦ ହେଲା ବିଜେଡି, ଭାଜପା

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ବଡ଼ଗଡ଼ ଜିଲାର ପଦ୍ମପୁର ଉପନିର୍ବାଚନରେ ଚାଷୀ ସମସ୍ୟା ମୁଖ୍ୟ ପ୍ରସଙ୍ଗ ହୋଇଛି। ଚାଷୀଙ୍କ ଭୋଟ ହାତେଇବା ପାଇଁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଜୋର ଲଗାଇଛନ୍ତି। ଏହିକ୍ରମରେ ଚାଷୀ ପ୍ରସଙ୍ଗକୁ ନେଇ ବିଧାନସଭାରେ ଶୁକ୍ରବାର ଝଡ଼ ସୃଷ୍ଟି ହୋଇଛି। ବିଧାନସଭା ଓ ବାହାରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ଦେବାରେ ବିଳମ୍ବ, ମଣ୍ଡି ଅବ୍ୟବସ୍ଥା, ଫସଲ ବୀମା ଯୋଜନାରେ ତ୍ରୁଟିପୂର୍ଣ୍ଣ ନୀତିକୁ ନେଇ ଭାଜପା ରାଜ୍ୟ ସରକାରଙ୍କୁ ଘେରିଥିବା ବେଳେ କଂଗ୍ରେସ ଇନ୍‌ପୁଟ ସବ୍‌ସିଡି ବିଳମ୍ବ, ମଣ୍ଡି ଅବ୍ୟବସ୍ଥା ଓ ଫସଲ ବୀମା ମିଳିବାରେ ବିଳମ୍ବ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛି। ସେହିପରି ବିଜେଡି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନ, ଉଷୁନା ଚାଉଳ ଉଠାଣ ଓ ସାର ଯୋଗାଣ ଆଦି ପ୍ରସଙ୍ଗରେ ☞ପୃଷ୍ଠା-୪



ବିଧାନସଭା ଭିତରେ ଶୁକ୍ରବାର ବିରୋଧୀମାନେ ଚାଷୀ ସମସ୍ୟା ନେଇ ହଟ୍ଟଗୋଳ କରୁଛନ୍ତି।

**ଆଜିର ସମ୍ପାଦକୀୟ** ରାଜ୍ୟରେ ବେଶି, କେନ୍ଦ୍ରରେ କମ୍





STORES ONLY AT

| BHUBANESWAR | BHUBANESWAR | BERHAMPUR | CUTTACK | JHARSUGUDA | ROURKELA |
|---|---|---|---|---|---|
| 621, Saheed Nagar, Janpath | 309 District Centre, Chandrasekharpur | Venkatraju Arcade, Sano Bazar | 558/834, Cantonment Road | Sarbahal Road, Jharsuguda | Kesar Bhawan, Main Road |

NOWHERE ELSE

100% BIS Hallmarked | 100% Certified IGI Diamonds | Lowest Gold Price in Odisha | Lifetime Buyback Guarantee

PLATINUM | DE BEERS FOREVERMARK | MONT BLANC | SWAROVSKI

Toll Free: 1800 3131 777

Follow us:

# ବାଇଡଙ୍କ ପକାଇ ଭଣ୍ଡୁର କରାଇବାକୁ ଉଦ୍ୟମ



ଧାରଣାସ୍ଥଳରେ ଆଲୋଚନା କରାଯାଉଛି।

## ଆର୍‌ଟିଆଇରେ ତଥ୍ୟ ନ ମିଳିବାରୁ ପୂର୍ବତନ ବିଧାୟକଙ୍କ ଧାରଣା

ନୀଳଗିରି,୨୫।୧୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଆଇଟିଡିଏ ଅଫିସରେ ବିଭିନ୍ନ ପ୍ରକଳ୍ପ ବାବଦରେ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ମାଗିଥିଲେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ। କାର୍ଯ୍ୟାଳୟର ମୁଖ୍ୟ କିରାଣି ଆଜିକାଲି କହି ଦିନ ପରେ ଦିନ ଗଡ଼େଇ ଚାଲିବା ପରେ ଶେଷରେ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲେ। ଏହାର ପ୍ରତିବାଦ କରି ଶୁକ୍ରବାର ପୂର୍ବାହ୍ନରେ ପୂର୍ବତନ ବିଧାୟକ ଷଡଙ୍ଗୀ ନୀଳଗିରି ଆଇଟିଡିଏ ଅଫିସ୍ ଆଗରେ ଧାରଣାରେ ବସିଥିଲେ। ଧାରଣାକୁ ଭଣ୍ଡୁର କରିବା ପାଇଁ ଧାରଣାସ୍ଥଳରେ ବାଇଡଙ୍କ ପକାଇବା ସହ ଅଞ୍ଚଳର କିଛି ବିପକ୍ଷବାଦୀ ଓ ସପକ୍ଷବାଦୀ ମଧ୍ୟରେ ଠେଲାପେଲା ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଧାରଣାସ୍ଥଳରେ ଉପଜିଲାପାଳ ମନ୍ଦରଧର ମାହାଳିକ, ତହସିଲଦାର ଅଶେଷ କୁମାର ନାୟକ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ସହକାରୀ ଜିଲାପାଳ ସିଦ୍ଧାର୍ଥ ପରିଡ଼ା ପ୍ରମୁଖ ପହଞ୍ଚି ଷଡ଼ଙ୍ଗୀଙ୍କ ସହ ସମସ୍ତ ବିଷୟକୁ ନେଇ ଆଲୋଚନା କରିଥିଲେ। ଏଥିସହ ପୂର୍ବରୁ ମାଗିଥିବା ତଥ୍ୟ ଅବଧି ଶେଷ ହୋଇଥିବାରୁ ଆଉ ଥରେ ସୂଚନା ଆଇନ ବଳରେ ତଥ୍ୟ ମାଗିଲେ ୭ ଦିନ ମଧ୍ୟରେ ତଥ୍ୟ ଦିଆଯିବାର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଷଡ଼ଙ୍ଗୀ ଧାରଣାରେ ବସିଥିବା ବେଳେ ନୀଳଗିରି ଆଇଟିଡିଏର କନିଷ୍ଠଯନ୍ତ୍ରୀ ରତିକାନ୍ତ ମଢ଼େଇ ତାଙ୍କ ଗାଁରୁ ପ୍ରାୟ ୧୫ଜଣ ଲୋକଙ୍କୁ ଆଣି ଧାରଣାକାରୀଙ୍କ ମଧ୍ୟରେ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ରତିକାନ୍ତ ମଢ଼େଇଙ୍କ ନାମରେ ଷଡ଼ଙ୍ଗୀ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ୨୦ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଚମ୍ପଟ

ବ୍ରହ୍ମଗିରି,୨୫।୧୧(ଡି.ଏନ.ଏ)



ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହେଉଥିବା ସମୟରେ ଏହାକୁ ଅବାଧରେ ଶିକାର କରିବାକୁ ପକ୍ଷୀ ଶିକାରୀମାନେ ମାତିଲେଣି। ଏ ନେଇ ବ୍ରହ୍ମଗିରି ବନାଞ୍ଚଳ ଅଧିକାରୀଙ୍କ ତରଫରୁ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ଚାଲିଥିବାବେଳେ ଶୁକ୍ରବାର ଘଟକୁଡ଼ିରେ ଚଢ଼ାଉ ବେଳେ ୨୦ ମୃତ ପକ୍ଷୀଙ୍କୁ ବନ ବିଭାଗ ଜବତ କରିଛି। କିନ୍ତୁ ଘଟଣାସ୍ଥଳରୁ ପକ୍ଷୀ ଶିକାରୀମାନେ ଚମ୍ପଟ ମାରିଛନ୍ତି। ପ୍ରକାଶ ଥାଉକି, ଚିଲିକାକୁ ବର୍ତ୍ତମାନ ବିଦେଶୀ ପକ୍ଷୀଙ୍କ ସମାଗମ ହେବାରେ ଲାଗିଛି। ଏଥିସହ ଏହି ପକ୍ଷୀମାନେ ଚିଲିକା କୂଳବର୍ତ୍ତୀ ଗ୍ରାମାଞ୍ଚଳ, ଜଳାଶୟକୁ ଖାଦ୍ୟ ଅନ୍ୱେଷଣରେ ଚାଲିଆସୁଛନ୍ତି। ଏହାର ସୁଯୋଗ ନେଇ ସ୍ଥାନୀୟ ପକ୍ଷୀ ଶିକାରୀମାନେ ବିଷ, ଫାଶ ଦ୍ୱାରା ଅବାଧରେ ପକ୍ଷୀ ଶିକାର କରିଚାଲିଛନ୍ତି। ଖବରପାଇ ବ୍ରହ୍ମଗିରି ବନ ବିଭାଗ ଅଧିକାରୀ ଜନାର୍ଦ୍ଦନ ମିଶ୍ର ଓ ବନପାଳ ପ୍ରଶାନ୍ତ କୁମାର ମିଶ୍ର ମିଳିତ ଭାବେ ବନକର୍ମଚାରୀଙ୍କୁ ନେଇ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରୁଥିଲେ। ହେଲେ ଶୁକ୍ରବାର ଘଟକୁଡ଼ିଠାରେ ପକ୍ଷୀ ଶିକାର ହେଉଥିବା ଜାଣି ବନ ବିଭାଗର ଏକ ଟିମ୍ ଚଢ଼ାଉ କରିବାବେଳେ ବନ କର୍ମଚାରୀଙ୍କୁ ଦେଖି ଶିକାରୀମାନେ ମୃତ ପକ୍ଷୀକୁ ଛାଡ଼ି ଚମ୍ପଟ ମାରିଥିଲେ। ଫଳରେ ଘଟଣାସ୍ଥଳରୁ ବନ ବିଭାଗ ୨୦ଟି ମୃତ ବିଦେଶୀ ପକ୍ଷୀକୁ ଜବତ କରି ବ୍ୟବଚ୍ଛେଦ କରିଛି। ଏହି ପକ୍ଷୀ ଶିକାର ରୋକିବା ସମ୍ପର୍କରେ ରେଞ୍ଜ ଅଧିକାରୀ ଜନାର୍ଦ୍ଦନ ମିଶ୍ର କୁହନ୍ତି, ଏବେ ବିଦେଶୀ ପକ୍ଷୀଙ୍କ ଆଗମନ ବଢୁଥିବାରୁ କିଛି ଗ୍ରାମାଞ୍ଚଳରେ ଶିକାର କରୁଛନ୍ତି। ଏଥିପାଇଁ ପ୍ରତ୍ୟେକ ଦିନ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରଖିବୁ। ଏଥିସହ ଶିକାର ନ କରିବା ପାଇଁ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଚାଲିଛି।




# ଡିସେମ୍ବର ସୁଦ୍ଧା ୩୦୦ଟଙ୍କାର ଶୀତ ସହାୟତା

- ୪୮ ଲକ୍ଷରୁ ଅଧିକ ହିତାଧିକାରୀ ଉପକୃତ ହେବା ସହ ଖର୍ଚ୍ଚ ହେବ ୧୪୬ କୋଟି
- ଖୋଲା ଆକାଶ ତଳେ କେହି ଯେପରି ନ ଶୋଇବେ ଧ୍ୟାନ ଦିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ପଡ଼ିବା ଆରମ୍ଭ ହୋଇଗଲାଣି। କୋରାପୁଟ, କନ୍ଧମାଳ ଆଦି ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରାରେ ବିଶେଷ ହ୍ରାସ ଘଟିବା ସହ ଆଗାମୀ ଦିନରେ ଶୀତର ପ୍ରକୋପ ଆହୁରି ବୃଦ୍ଧି ପାଇବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶୁକ୍ରବାର ରାଜ୍ୟରେ ଶୀତ ଲହରି ଏବଂ ଗରିବ ଲୋକଙ୍କୁ ଶୀତ ସହାୟତା ଯୋଗାଇବା ସମ୍ପର୍କରେ ଏକ ସମୀକ୍ଷା ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶୀତ ପ୍ରକୋପକୁ ଦୃଷ୍ଟିରେ ରଖି ଗରିବ ଲୋକ ବିଶେଷକରି ବରିଷ୍ଠ ନାଗରିକଙ୍କୁ ସୁରକ୍ଷିତ ରଖିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଡିସେମ୍ବର ପହିଲା ସୁଦ୍ଧା ସବୁ ହିତାଧିକାରୀଙ୍କୁ କମ୍ବଳ କିଣିବା ପାଇଁ ୩୦୦ ଟଙ୍କା ଲେଖାଏ ଶୀତ ସହାୟତା ଭାବେ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ମଧୁବାବୁ ପେନ୍‌ସନ ଯୋଜନା ଓ ଜାତୀୟ ପେନ୍‌ସନ ଯୋଜନା (ଏନ୍‌ଏସ୍‌ଏପି) ଅନ୍ତର୍ଗତ ୪୮ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ୧୪୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାସହ ଶୀତ ପ୍ରବାହ ସମୟରେ କେହି ଯେପରି ଖୋଲା ସ୍ଥାନରେ ଅସହାୟ ଭାବେ ନ ରୁହନ୍ତି ସେଥିପ୍ରତି ବିଶେଷ ଦୃଷ୍ଟିଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପଞ୍ଚାୟତିରାଜ ବିଭାଗ, ନଗର ଉନ୍ନୟନ ବିଭାଗ ତଥା ଜିଲାପାଳ ଓ ମ୍ୟୁନିସିପାଲ କର୍ତ୍ତୃପକ୍ଷମାନେ ତୁରନ୍ତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ତେବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଆସିଥିବା ସୂଚନା ଅନୁଯାୟୀ, ପ୍ରତି ୨ ବର୍ଷରେ ଥରେ ରାଜ୍ୟ ସରକାର ପେନ୍‌ସନ ହିତାଧିକାରୀଙ୍କୁ ଗ୍ରୀଷ୍ମ ଓ ଶୀତ ସହାୟତା ଯୋଗାଇ ଦେଇଆସିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୫୫ଟି ଯାତ୍ରୀ ଆଶ୍ରୟସ୍ଥଳୀ ଖୋଲାଯାଇଥିବା ବେଳେ ଆବଶ୍ୟକସ୍ଥଳେ ପଞ୍ଚାୟତ କାର୍ଯ୍ୟାଳୟ ଓ ସ୍କୁଲଗୁଡିକୁ ମଧ୍ୟ ରାତ୍ରି ଆଶ୍ରୟସ୍ଥଳ ଭାବେ ବ୍ୟବହାର କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନଭେମ୍ବର ୩୦ ଓ ଡିସେମ୍ବର ୧ ମଧ୍ୟରେ ସବୁ ହିତାଧିକାରୀ ଯେପରି ସହାୟତା ପାଇବେ ସେଥିପାଇଁ ପଦକ୍ଷେପ ନିଆଯିବ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ତଥା ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।



# ପୁଣି ଶ୍ରଦ୍ଧାଞ୍ଜଳିଙ୍କୁ ଜେରା, ଚନ୍ଦନ ମୁହଁରେ ଅର୍ଚ୍ଚନା ଚରିତ

## ବେଆଇନ ଅର୍ଥ କାରବାର ମାମଲା

- ଡ୍ରାଇଭରଙ୍କୁ ଜେରା, ମିଳିଲା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ
- ନାଗ-ଚାନ୍ଦ ଦମ୍ପତି ରିମାଣ୍ଡରେ ଆସିବା ପରେ ଖୋଲିବ ଗୁମର



ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାର ଓ କଳା ସାମ୍ରାଜ୍ୟର ଗୋପନ ପେଡ଼ି ଖୋଲୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ୧୫ଜଣଙ୍କ ତାଲିକା ପ୍ରସ୍ତୁତ କରି କାର୍ଯ୍ୟାଳୟକୁ ଡାକି ଜେରା ଆରମ୍ଭ କରିଛି। କେତେବେଳେ ଜଣ ଜଣ କରି ତ ଆଉ କେତେବେଳେ ମୁହାଁମୁହିଁ ଜେରା କରି କଳାଧନ୍ଦାର ଲିଙ୍କ୍ ଖୋଜୁଛି। ଇତିମଧ୍ୟରେ ରାଜ୍ୟର ଏହି ବଡ଼ ହନିଟ୍ରାପ ମାମଲାରେ ମୋହରା ସାଜିଥିବା ଶ୍ରଦ୍ଧାଞ୍ଜଳି ବେହେରା, ଅର୍ଚ୍ଚନାଙ୍କ ବିଜ୍‌ନେସ୍ ପାର୍ଟନର ଖଗେଶ୍ୱର, ବ୍ୟବସାୟୀ ଅମିୟକାନ୍ତ ଦାଶ, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା, ଢେଙ୍କାନାଳର ବିଜେଡି ବିଧାୟକଙ୍କ ଭାଇ ତଥା ବ୍ୟବସାୟୀ ଗଙ୍ଗାଧର ସାମଲଙ୍କୁ ଜେରା କରାଯାଇଥିବାବେଳେ ଶୁକ୍ରବାର ପୁଣି ଶ୍ରଦ୍ଧାଞ୍ଜଳିଙ୍କୁ ଦ୍ୱିତୀୟଥର କାର୍ଯ୍ୟାଳୟକୁ ଡାକି ଆଉ କିଛି ତଥ୍ୟ ସଂଗ୍ରହ କରିଛି ଇଡି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ସାମ୍ରାଜ୍ୟର ପ୍ରତ୍ୟକ୍ଷଦର୍ଶୀ କୁହାଯାଉଥିବା ତାଙ୍କ ଡ୍ରାଇଭର ଚନ୍ଦନଙ୍କୁ ମଧ୍ୟ ଇଡି ଜେରା କରିଛି। ତାଙ୍କ ମୁହଁରୁ ଅର୍ଚ୍ଚନାଙ୍କ ଚରିତ ଶୁଣିଛନ୍ତି ଇଡି ଅଧିକାରୀ। ଅର୍ଚ୍ଚନାଙ୍କ ବିଷୟରେ ଚନ୍ଦନ ସବୁକିଛି ଜାଣିଛନ୍ତି। ସେ କୁଆଡ଼େ ଯାଉଥିଲେ, କାହା ସହ ମିଶୁଥିଲେ, ସତ୍ୟବିହାରସ୍ଥିତ ଆଲିସାନ୍ ଘରକୁ କେଉଁମାନେ ଆସୁଥିଲେ, ତାହାର ସବୁ ତଥ୍ୟ ଚନ୍ଦନ ପାଖରେ ରହିଥିବାରୁ ଇଡି ତାଙ୍କୁ ନୋଟିସ୍ କରିଥିଲା। ସେ ହାଜର ହେବା ପରେ ଇଡି ଏସବୁ ସଂକ୍ରାନ୍ତରେ ଚନ୍ଦନଙ୍କଠାରୁ କିଛି ନୂଆ ତଥ୍ୟ ପାଇଥିବା ସୂଚନା ମିଳିଛି। ଚନ୍ଦନଙ୍କ ପୂର୍ବରୁ ଅର୍ଥାତ୍ ସକାଳ ପ୍ରାୟ ୭ଟା ୩୦ରେ ପ୍ରଥମେ ଶ୍ରଦ୍ଧାଞ୍ଜଳି ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଇଡି ଅଧିକାରୀମାନେ ତାଙ୍କୁ ପୁଣି ଗୁଡ଼ାଇ ତୁଡ଼ାଇ ନାଗ ସାମ୍ରାଜ୍ୟ ବିଷୟରେ ପ୍ରଶ୍ନ ପଚାରିଥିଲେ। ବ୍ଲାକ୍‌ମେଲ ଓ ଆର୍ଥିକ କାରବାର କେମିତି ହେଉଥିଲା, କାହା ମାଧ୍ୟମରେ ଟଙ୍କା ଆସୁଥିଲା, ଆଦାୟ ହେଉଥିବା ବ୍ଲାକମେଲ ଅର୍ଥରେ ଶ୍ରଦ୍ଧାଞ୍ଜଳିଙ୍କ ଭାଗ କେତେ ରହୁଥିଲା, ବିଳମ୍ବରେ ଏତଲା ଦେବାର ରହସ୍ୟ କ'ଣ, ଏସବୁ ସଂକ୍ରାନ୍ତରେ ସତ୍ୟତା ଜାଣିବାକୁ ଇଡି ଅଧିକାରୀମାନେ ଚେଷ୍ଟା କରିଥିଲେ। ଆସନ୍ତା ୩୦ ତାରିଖରେ ଅର୍ଚ୍ଚନା ଓ ଜଗବନ୍ଧୁ ରିମାଣ୍ଡରେ କୋର୍ଟରେ ହାଜର ହେବେ। ଏହି ସମୟରେ ଉଭୟଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଇଡି ଯୋଜନା କରୁଛି। ସେମାନଙ୍କ ପ୍ରଶ୍ନ ପ୍ରସ୍ତୁତ ହୋଇସାରିଥିବାବେଳେ ଅନ୍ୟମାନଙ୍କୁ ଜେରାବେଳେ ମିଳିଥିବା ତଥ୍ୟ ଆଧାରରେ ଆଉ କିଛି ଯୋଡ଼ାଯାଇପାରେ ବୋଲି ସୂଚନା ମିଳିଛି। ଜେରା ତାଲିକାରେ ସୁନା ବ୍ୟବସାୟୀ, ଖଣି ବ୍ୟବସାୟୀ, ହୋଟେଲ ବ୍ୟବସାୟୀ, ପ୍ରଭାବଶାଳୀ ଓ କ୍ଷମତାଶାଳୀ ନେତା, ପ୍ରଶାସନିକ ଅଧିକାରୀ ରହିଥିବା ଚର୍ଚ୍ଚା ହେଉଥିବାରୁ ଆଗକୁ ଅନ୍ୟମାନଙ୍କ ପାଳି ପଡିବାକୁ ଯାଉଛି। ସତ୍ୟବିହାରସ୍ଥିତ ଗୋଟିଏ ପ୍ଲଟ୍‌ରେ ଅର୍ଚ୍ଚନା ଓ ଖଗେଶ୍ୱରଙ୍କ ଘର ରହିଛି। ଉକ୍ତ ଜମିକୁ ନେଇ ଥିବା ଗୁମର କଥା ଜାଣିବାକୁ ଜମି ମାଲିକଙ୍କୁ ମଧ୍ୟ ଇଡି ନୋଟିସ କରିଛି। ତେବେ ଅର୍ଚ୍ଚନା ଓ ଜଗବନ୍ଧୁ ରିମାଣ୍ଡରେ ଆସିବା ପରେ ନାଗ-ଚାନ୍ଦ ଦମ୍ପତିଙ୍କ ବହୁ ଗୁମର କଥା ପଦାକୁ ଆସିବ ବୋଲି କୁହାଯାଉଛି।

# ଏମ୍ସରେ ଅତ୍ୟାଧୁନିକ ମଲିକୁଲାର ଆଣ୍ଡ୍ ଡାଇଗ୍ନୋଷ୍ଟିକ୍ ଗବେଷଣା କେନ୍ଦ୍ର ଉଦ୍‌ଘାଟିତ

## ପୂର୍ବ ଭାରତରେ ପ୍ରଥମ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ଫଙ୍ଗାଲ ଇନ୍‌ଫେକ୍ସନ ବା କବକ ସଂକ୍ରମଣ, ଚିହ୍ନଟ ଓ ନିରାକରଣ ନେଇ ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ ଗବେଷଣା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହା ପୂର୍ବ ଭାରତରେ ପ୍ରଥମ ତଥା ରେଫରାଲ୍ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ଗବେଷକମାନେ ମତ ରଖିଛନ୍ତି। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସଙ୍କ ଉପସ୍ଥିତିରେ ବାୟୋଲୋଜି ବିଭାଗରେ ବିଶ୍ୱର ଖ୍ୟାତନାମା ମେଡିକାଲ ମାଇକ୍ରୋଲୋଜିଷ୍ଟ ପ୍ରଫେସର ଅରୁଣାଲୋକ ଚକ୍ରବର୍ତ୍ତୀ ମାଇକ୍ରୋ ଏହି ଆଇସିଏମ୍‌ଆର୍ ଆଡ୍‌ଭାନ୍ସଡ୍ ମଲିକୁଲାର ଆଣ୍ଡ୍ ଡାଇଗ୍ନୋଷ୍ଟିକ୍ ରିସର୍ଚ୍ଚ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, କୋଭିଡ୍ ଓ ପରବର୍ତ୍ତୀ ସମୟରେ ଅନେକ ମାରାତ୍ମକ ଫଙ୍ଗାଲ୍ ସଂକ୍ରମଣ ସାମ୍ନାକୁ ଆସିଛି। ଏଥିମଧ୍ୟରୁ ମ୍ୟୁକୋର୍‌ମାଇକୋସିସ୍ ଏବଂ କ୍ୟାଣ୍ଡିଡା ଅରିସ୍ ପରି କେତେକ ଫଙ୍ଗାଲ ସଂକ୍ରମଣ ମେଡିକାଲ ଓ ଅଣ-ମେଡିକାଲ କ୍ଷେତ୍ରରେ ଲକ୍ଷ୍ୟ କରାଯାଇଛି। ନିକଟରେ ଫଙ୍ଗାଲ୍ ସଂକ୍ରମଣର ବ୍ୟାପକତା ବୃଦ୍ଧି ପାଇଛି। ବିଭିନ୍ନ ବ୍ୟବସ୍ଥା ସତ୍ତ୍ୱେ କବକ ସଂକ୍ରମଣର ଚିହ୍ନଟ ଏବଂ ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା ଭଳି ଅନେକ ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଅତ୍ୟାଧୁନିକ ମଲିକୁଲାର ଆଣ୍ଡ୍ ଡାଇଗ୍ନୋଷ୍ଟିକ୍ ଅନୁସନ୍ଧାନ କେନ୍ଦ୍ର ବେଶ୍ ଗୁରୁତ୍ୱ ବହନ କରୁଛି ବୋଲି ସେ କହିଛନ୍ତି।

ଏହି ଅବସରରେ ଏମ୍ସ ଡିନ୍(ଏକାଡେମିକ୍) ପ୍ରଫେସର ପି. ଆର୍. ମହାପାତ୍ର, ମାଇକ୍ରୋ ବାୟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ବୈଜୟନ୍ତୀମାଳା ମିଶ୍ର ଏବଂ ଆଇସିଏମ୍‌ଆର୍ ବୈଜ୍ଞାନିକ ଡା. ମଧୁଛନ୍ଦା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡା. ମଧୁଛନ୍ଦାଙ୍କ କହିଛନ୍ତି, ଫଙ୍ଗାଲ ସଂକ୍ରମଣ କ୍ଷେତ୍ରରେ ଓଡ଼ିଶାବାସୀଙ୍କ ଉନ୍ନତ ଚିକିତ୍ସା ଯୋଗାଇ ଦେବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଚିହ୍ନଟ ତଥା ଚିକିତ୍ସା ପାଇଁ ଓଡ଼ିଆ ଡାକ୍ତର ଏବଂ ପାରାମେଡିକାଲ୍ କର୍ମଚାରୀଙ୍କୁ ତାଲିମ ଦେବା, ନିରାକରଣ ଓ ପରିଚାଳନା ପାଇଁ ପୂର୍ବ ଭାରତର ବିଭିନ୍ନ ମେଡିକାଲ ଓ ଡାକ୍ତରଖାନାକୁ ଏହି କେନ୍ଦ୍ର ସହଯୋଗ କରିବ। ବିଭିନ୍ନ ଫଙ୍ଗାଲ ସଂକ୍ରମଣ ରୋଗୀଙ୍କ ପାଇଁ ଏକାଧିକ ସେରୋଲୋଜିକାଲ୍, ମଲିକୁଲାର୍ ଏବଂ ଆଣ୍ଟିଫଙ୍ଗାଲ୍ ସମ୍ବେଦନଶୀଳତା ପରୀକ୍ଷା ସେବା ପ୍ରଦାନ କରି ମେଡିକାଲ ଫଙ୍ଗାଲ୍‌ଗୁଡ଼ିକୁ ଚିହ୍ନଟ କରିବାରେ ପ୍ରମୁଖ ଭୂମିକା ନେବ। କବକ ସଂକ୍ରମଣର ଶିକାର ହୋଇଥିବା ଡାକ୍ତରଖାନାଗୁଡ଼ିକ ଏହି କେନ୍ଦ୍ରରୁ ସହାୟତା ଲୋଡ଼ିପାରିବେ।

# ଲାଞ୍ଚ ନେଇ ପୋଲିସ ଏଏସ୍‌ଆଇ ଗିରଫ

ବୌଦ୍ଧ, ୨୫।୧୧(ସ୍ୱ.ପ୍ର.)

ଲାଞ୍ଚ ନେଇ ଗିରଫ ହେଲେ ପୋଲିସ ଏଏସ୍‌ଆଇ। ବୌଦ୍ଧ ଜିଲା ବୌଦ୍ଧ ଥାନା ଅଧୀନ ଜହ୍ନାପଙ୍କ ଫାଣ୍ଡି ଏଏସ୍‌ଆଇ ମଦନ ମୋହନ ପ୍ରଧାନ ଶୁକ୍ରବାର ଜଣେ ବ୍ୟବସାୟୀଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।



ମଦନ ମୋହନ ପ୍ରଧାନ

ସୂଚନା ଅନୁସାରେ, ବୌଦ୍ଧ ସହର ନୂଆଁସାହି ଛକଠାରେ ସ୍ୱପ୍ନେଶ୍ୱର ଖୁଣ୍ଟିଆଙ୍କ ବୈଜନ୍ତୀ ଏଗ୍ରୋମେଶିନାରି ନାମକ ଏକ ଦୋକାନ ରହିଛି। ଏହି ଦୋକାନରେ ବୌଦ୍ଧ ଥାନା ଅନ୍ତର୍ଗତ ରାୟପୁର ଗ୍ରାମର ମନୋଜ ପ୍ରଧାନ ସେଲ୍‌ସ ଓ କଲେକ୍ସନ ଦାୟିତ୍ୱ ବୁଝୁଥିଲେ। ଗତ ତିନି ମାସ ତଳେ ମନୋଜ କଲେକ୍ସନରୁ ତିନି ଲକ୍ଷ ଟଙ୍କା ନେଇଯାଇଥିଲେ। ଏନେଇ ଦୋକାନ ମାଲିକ ବୌଦ୍ଧ ଥାନାରେ ଗତ ଅଗଷ୍ଟରେ ମନୋଜ ନାମରେ ଏକ ଏତଲା ଦେଇଥିଲେ। ହେଲେ ବୌଦ୍ଧ ଥାନା ଏତଲାକୁ ଗ୍ରହଣ କରି ନ ଥିଲା। ଏହା ଆମର କାମ ନୁହେଁ, ଏହା କୋର୍ଟର କାମ ବୋଲି କହି ଫେରାଇ ଦେଇଥିଲା। ଶେଷରେ ବାଧ୍ୟହୋଇ ଖୁଣ୍ଟିଆ ଅଗଷ୍ଟ ୨୯ରେ ବୌଦ୍ଧ ଏସ୍‌ଡିଜେଏମ୍ କୋର୍ଟର ଆଶ୍ରୟ ନେଇଥିଲେ। କୋର୍ଟ ନିର୍ଦ୍ଦେଶରେ ବୌଦ୍ଧ ଥାନାରେ ଅକ୍ଟୋବର ୧୬ରେ ଏକ ମାମଲା ରୁଜୁକଲା ପୋଲିସ। ଏହି ମାମଲାର ତଦନ୍ତ ଦାୟିତ୍ୱ ଜହ୍ନାପଙ୍କ ଫାଣ୍ଡି ଏଏସ୍‌ଆଇ ମଦନ ମୋହନ ପ୍ରଧାନଙ୍କୁ ଦିଆଯାଇଥିଲା। ଫାଣ୍ଡି ଅଧିକାରୀ ପ୍ରଧାନ ଦୋକାନ ମାଲିକଙ୍କୁ ଡାକି ୧୫ ହଜାର ଟଙ୍କା ଦେବାକୁ କହିଥିଲେ ; ନ ଦେଲେ ମାମଲାକୁ ରଫାଦଫା କରିଦେବାକୁ କହୁଥିଲେ। ଗତ ୨୪ ତାରିଖରେ ଏଏସ୍‌ଆଇ ପ୍ରଧାନ ଖୁଣ୍ଟିଆଙ୍କୁ ଜହ୍ନାପଙ୍କ ଫାଣ୍ଡିକୁ ଡାକିଥିଲେ। ଶୁକ୍ରବାର ୧୫ ହଜାର ଟଙ୍କା ଦେବାକୁ ଦୋକାନ ମାଲିକ କହିଥିଲେ। ଖୁଣ୍ଟିଆ ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କୁ ଯୋଗାଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ, ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ୧୫ରେ ଜହ୍ନାପଙ୍କ ଫାଣ୍ଡିରେ ଦୋକାନ ମାଲିକଙ୍କ ଠାରୁ ଏଏସ୍‌ଆଇ ପ୍ରଧାନ ୧୫ ହଜାର ଟଙ୍କା ନେଇ ତାଙ୍କ ଟେବୁଲ ଡ୍ର'ରେ ରଖୁଥିବା ସମୟରେ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୨୭।୨୨) ରୁଜୁ କରାଯାଇ ଏଏସ୍‌ଆଇ ପ୍ରଧାନଙ୍କୁ ଗିରଫ କରି ବୌଦ୍ଧ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ଶନିବାର ତାଙ୍କୁ ଫୁଲବାଣୀ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ। ଏଏସ୍‌ଆଇ ପ୍ରଧାନଙ୍କ ଘର କନ୍ଧମାଳ ଜିଲା ଉଦୟଗିରିର ବାଲୁପଟା ଗ୍ରାମ ହୋଇଥିବାବେଳେ ବର୍ତ୍ତମାନ ସେ ବୌଦ୍ଧ ସହର ନିକଟସ୍ଥ ମାଲସିଙ୍ଗାଠାରେ ରହୁଛନ୍ତି। ତାଙ୍କ ଘରେ ମଧ୍ୟ ଛାନ୍‌ଭିନ୍ ଚାଲୁ ରହିଥିବା ଭିଜିଲାନ୍ସ ଡିଏସ୍‌ପି ଅରୁଣ କୁମାର ନାୟକ ପ୍ରକାଶ କରିଛନ୍ତି। ଚଢ଼ାଉରେ ଡିଏସ୍‌ପି ନାୟକଙ୍କ ସମେତ ବୌଦ୍ଧ ଭିଜିଲାନ୍ସ ଇନ୍ସପେକ୍ଟର ଜଗବନ୍ଧୁ ଅଙ୍ଗାରିଆ, ବ୍ରହ୍ମପୁର ଭିଜିଲାନ୍ସ ଇନ୍ସପେକ୍ଟର ପ୍ରଫୁଲ୍ଲ ପ୍ରଧାନ, ପ୍ରତାପ ଶତପଥୀ, ଦିଲୀପ ଦାଶ, ଲୋକନାଥ ସାହୁ, ସନ୍ତୋଷ ସାହୁ ପ୍ରମୁଖ ସାମିଲ ଥିଲେ।

# ସେବା ନିବୃତ୍ତ ହେଲା 'ଆଇସିଜିଏସ୍ ସରୋଜିନୀ ନାଇଡୁ'



କୋଷ୍ଟଗାର୍ଡର ଯବାନମାନେ ଜାହାଜରୁ ପତାକା ଅବତରଣ କରୁଛନ୍ତି।

## ୨୦ ବର୍ଷ ସମୁଦ୍ରରେ ପାଟ୍ରୋଲିଂ କରୁଥିଲା

ପାରାଦୀପ,୨୫।୧୧(ସ୍ୱ.ପ୍ର.)

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ)ର ଓଡ଼ିଶା ଉପକୂଳରେ ଗତ ୨୦ ବର୍ଷ ଧରି ସାମୁଦ୍ରିକ ପାଟ୍ରୋଲିଂ କରୁଥିବା ଜାହାଜ 'ଆଇସିଜିଏସ୍ ସରୋଜିନୀ ନାଇଡୁ' ଶୁକ୍ରବାର ସୂର୍ଯ୍ୟାସ୍ତ ସମୟରେ ସେବା ନିବୃତ୍ତ ହୋଇଛି। ଏନେଇ କୋଷ୍ଟଗାର୍ଡ ପକ୍ଷରୁ ପାରାଦୀପ ବନ୍ଦର ଭିତରେ ଥିବା କୋଷ୍ଟଗାର୍ଡ ବର୍ଥରେ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କୋଷ୍ଟଗାର୍ଡ ଡିଆଇଜି ୱାଇ.କେ.ସିଂ ଯୋଗଦେଇ ଏହା ଘୋଷଣା କରିଥିଲେ। ଏହାପରେ କୋଷ୍ଟଗାର୍ଡ ଯବାନମାନେ ଜାହାଜରେ ଲାଗିଥିବା ପତାକାକୁ ସସମ୍ମାନେ ଅବତରଣ କରି କୋଷ୍ଟଗାର୍ଡ କମାଣ୍ଡାଣ୍ଟ ଜଗନ୍ନାଥ ବେହେରାଙ୍କୁ ଦେଇଥିଲେ।

ଏହି ପାଟ୍ରୋଲିଂ ଜାହାଜ ଗୋଆରେ ପ୍ରଥମ କରି ସେବା ଆରମ୍ଭ କରିଥିଲା। ପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସାମୁଦ୍ରିକ ସୀମାରେ ସେବା ଯୋଗାଉଥିଲା। ମହିଳା ସ୍ୱାଧୀନତା ସଂଗ୍ରାମୀ ସରୋଜିନୀ ନାଇଡୁଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଥିଲା।

# ୨୦୩ ସହକାରୀ ପ୍ରଫେସରଙ୍କୁ ନିଯୁକ୍ତି

## ଦିଗ୍‌ଦର୍ଶନ ଦେଲେ ମୁଖ୍ୟମନ୍ତ୍ରୀ, କହିଲେ ପ୍ରତିଟି ଜୀବନ ମୂଲ୍ୟବାନ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ମେଡିକାଲ ଏଜୁକେଶନ ସର୍ଭିସରେ ଶୁକ୍ରବାର ୨୦୩ଜଣ ସହକାରୀ ପ୍ରଫେସର ନିଯୁକ୍ତି ପାଇଛନ୍ତି। ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜରେ ନବନିଯୁକ୍ତ ଏହି ସହକାରୀ ପ୍ରଫେସରଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ନୂତନ ସହକାରୀ ପ୍ରଫେସରଙ୍କୁ ଶୁଭେଚ୍ଛା ଜଣାଇବା ସହ ୫-ଟି ମନ୍ତ୍ର ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ସବୁବେଳେ ପ୍ରାଥମିକତା ଦେଇଆସୁଛନ୍ତି। ପ୍ରତି ଜୀବନ ମୂଲ୍ୟବାନ୍। ସେଥିପାଇଁ ରାଜ୍ୟ ସରକାର ସବୁବେଳେ 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ଉପରେ ବିଶ୍ୱାସ ରଖନ୍ତି। ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍‌ୱାର୍କ, ଟାଇମ ଓ ଟ୍ରାନ୍ସଫରମେଶନ କ୍ୟାରିୟରରେ ସବୁଠାରୁ ଅଧିକ ମହତ୍ତ୍ୱ ରଖେ ବୋଲି କହିଛନ୍ତି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଗତ ୩ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ବଜେଟ ଦୁଇଗୁଣା କରାଯାଇଛି। ରାଜ୍ୟ ବଜେଟର ୬ ପ୍ରତିଶତରୁ ଅଧିକ ସ୍ୱାସ୍ଥ୍ୟକ୍ଷେତ୍ରରେ ବ୍ୟୟ କରାଯାଉଛି। ନବନିଯୁକ୍ତ ସହକାରୀ ପ୍ରଫେସରମାନଙ୍କୁ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ନୈତିକତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସଚେତନ କରାଇଥିଲେ।




# ଘରୋଇ, ବ୍ୟବସାୟୀ ଉପଭୋକ୍ତାଙ୍କ ଉପରେ ୭,୫୮୬.୬ କୋଟିର ବିଦ୍ୟୁତ୍ ବକେୟା

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ରାଜ୍ୟରେ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ୮୯,୨୫,୬୯୩ ଥିବାବେଳେ ବ୍ୟବସାୟିକ ଉପଭୋକ୍ତାଙ୍କ ସଂଖ୍ୟା ୫,୨୩,୦୩୮। ଘରୋଇ ଉପଭୋକ୍ତାଙ୍କ ଉପରେ ୭୦୧୮.୩୭ କୋଟି ଟଙ୍କା ଏବଂ ବ୍ୟବସାୟିକ ଉପଭୋକ୍ତାଙ୍କ ଉପରେ ୫୬୮.୨୩ କୋଟି ଟଙ୍କା ବକେୟା ରହିଛି। ଟିପିଡିସିଏଲ ଅଧୀନ ୩୮ଟି ସରକାରୀ ସଂସ୍ଥା ଉପରେ ୧୩,୬୮୭.୧୮ ଲକ୍ଷ ଟଙ୍କା ବକେୟା ରହିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଉପରେ ୬୭, ୭୯, ୪୪, ୩୮୦ ଟଙ୍କା ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ଉପରେ ୬.୫୨.୪୯,୮୧୨ ଟଙ୍କା ବକେୟା ରହିଛି।

# ଚୋର ସନ୍ଦେହରେ ଜଣଙ୍କୁ ପିଟି ମାରିଦେଲେ

## ଅନ୍ୟ ଜଣେ ହସ୍ପିଟାଲରେ ଭର୍ତ୍ତି, ପୋଲିସର ତଦନ୍ତ

ପାରଳାଖେମୁଣ୍ଡି(ଡି.ଏନ୍.ଏ.)/କାଶୀନଗର,୨୫।୧୧

ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ କିଡିଗାଁରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର କେତେଜଣ ଚୋର ସନ୍ଦେହରେ ଜଣଙ୍କୁ ପିଟି ମାରିଦେଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ସେମାନଙ୍କର ପରିଚୟ ମିଳିପାରି ନାହିଁ। ପୋଲିସ ଶୁକ୍ରବାର ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

ପ୍ରକାଶ ଯେ, କିଡିଗାଁରେ ଗୁରୁବାର ରାତିରେ ୨ଜଣ ଅଜଣା ବ୍ୟକ୍ତି ବୁଲୁଥିଲେ। ଗ୍ରାମର କେତେଜଣ ସେମାନଙ୍କୁ ଦେଖି କାହିଁକି ବୁଲୁଛ ବୋଲି ପଚାରିଥିଲେ। ହେଲେ ସେମାନେ କୌଣସି ଉତ୍ତର ଦେଇ ନ ଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ହାବଭାବ ଦେଖି ଲୋକମାନେ ସେମାନଙ୍କୁ ଚୋର ବୋଲି ସନ୍ଦେହ କରି ନିର୍ଘୁକ ପିଟିଥିଲେ। ଖବର ପାଇ କାଶୀନଗର ପୋଲିସ ପହଞ୍ଚି ଆକ୍ରମଣରେ ଶିକାର ହୋଇଥିବା ଦୁଇ ଜଣଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପାରଳାଖେମୁଣ୍ଡି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କାଶୀନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ନଂ. ୧୪୮/୨୨ରେ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣା ନେଇ କାହାରିକୁ ଗିରଫ କରାଯାଇନାହିଁ ବୋଲି ଥାନାଧିକାରୀ ସୁଶାନ୍ତ ସାହୁ କହିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପ୍ରୀତି ନ କରିବ ରାଣ୍ଡରେ**
**ଗୀତ ନ ଗାଇବ ଦାଣ୍ଡରେ**
**ମାଡ଼ ନ ମାରିବ ମୁଣ୍ଡରେ**
**ବିଶ୍ୱାସ ନ ଯିବ ଗଣ୍ଡରେ।**

ବିଧବା ମହିଳାଙ୍କ ସହ ଅବୈଧ ସମ୍ପର୍କ ରଖିବା ଶାସ୍ତ୍ର ବିରୋଧୀ। ଦାଣ୍ଡରେ ଗୀତ ଗାଇବା ଅଶୋଭନୀୟତାର ଲକ୍ଷଣ ହୋଇଥାଏ। ମୁଣ୍ଡରେ ମାଡ଼ ବସିଲେ ମୃତ୍ୟୁ ଆଶଙ୍କା ରହିଥାଏ। ସେହିପରି ଗଣ୍ଡର ଗଭୀରତା ନ ଜାଣି ତାକୁ ହାଲକା ଭାବରେ ଗ୍ରହଣ କରିବା ଅନୁଚିତ ଅର୍ଥରେ ଏଭଳି ଉଲ୍ଲେଖ କରାଯାଇଛି।

**ପରକୁ କି ପାଇଁ ନିନ୍ଦୁ ?**
**ଘର ପୁଅ ପରଦେଶିଆ ବନ୍ଧୁ**
**କିମ୍ବା ବାହୁନେଇ କାନ୍ଦୁ ?**

କେତେକ ସନ୍ତାନ ରୋଜଗାରକ୍ଷମ ହେବା ପରେ ନିଜ କର୍ମ ଜଞ୍ଜାଳରେ ବୁଡିରହି ଘର, ପରିବାରଠାରୁ ଦୂରେଇ ଯାଇଥାନ୍ତି। ମୁଣ୍ଡକୁ ହାତ ପାଇଗଲା ପରେ ଘରକୁ ପର କରିଦେଇ ନିଜ ସୁଖ ସୁବିଧା ପ୍ରତି ଅଧିକ ଯତ୍ନଶୀଳ ହୋଇପଡ଼ିଥାନ୍ତି। ଏପରିସ୍ଥଳେ ନିଜ ପୁଅ ଯଦି ନିଜର ନ ହେଲା, ନିଜର ଦୁଃଖ ବୁଝି ନ ପାରିଲା ସେତେବେଳେ ଅନ୍ୟ ଉପରେ ଦୋଷ ଦେବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଗଣିତରେ କପି କରି ଧରାପଡ଼ିଲେ ୨୯

କଟକଅଫିସ,୨୫।୧୧: ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପ୍ରଥମ ସମ୍ମେଟିଭ ଆସେସମେଣ୍ଟ (ଏସ୍ଏ-୧) ପରୀକ୍ଷା ଜାରି ରହିଛି। ଶୁକ୍ରବାର ଛାତ୍ରୀଛାତ୍ରମାନେ ଗଣିତ ପରୀକ୍ଷା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ୧୫ ମିନିଟରେ ସରିଥିଲା। ପରୀକ୍ଷା ସୁଚାରୁରୂପେ ସମ୍ପନ୍ନ ହୋଇଛି। ତେବେ ରାଜ୍ୟର ବିଭିନ୍ନ ଜିଲାରେ ପରୀକ୍ଷାରେ କପି କରି ୨୯ଜଣ ଛାତ୍ରୀଛାତ୍ର ଧରାପଡ଼ିଥିବା ଜଣାପଡ଼ିଛି। ତନ୍ମଧ୍ୟରୁ ସର୍ବାଧିକ ୨୭ଜଣ ହାଇସ୍କୁଲ ପରୀକ୍ଷାର୍ଥୀ ଥିବାବେଳେ ୨ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟର ପରୀକ୍ଷାର୍ଥୀ ରହିଛନ୍ତି। ବୋର୍ଡ ପକ୍ଷରୁ ଗଠିତ ସ୍ପେଶାଲ ସ୍କ୍ୱାଡ୍ ଏବଂ ଜିଲାସ୍ତରୀୟ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ସମୟରେ ଉକ୍ତ ପରୀକ୍ଷାର୍ଥୀମାନେ ଧରାପଡ଼ିଛନ୍ତି। ଆସନ୍ତା ୨୬ ତାରିଖରେ ପ୍ରଥମ ଭାଷା ବିଷୟରେ ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ଦୁର୍ଘଟଣାରେ ୨ ଏମ୍ଆର୍‌ଙ୍କ ମୃତ୍ୟୁ

## ବସ୍ ପଛରେ ପିଟିହେଲା ବାଇକ୍

ଖମାର, ୨୫।୧୧ (ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ବ୍ଲକ ଖମାର ଥାନା ବନର ବସ୍‌ଷ୍ଟପ୍‌ଠାରେ ଶୁକ୍ରବାର ଏକ ଦୁର୍ଘଟଣାରେ ୨ ଜଣ ମେଡିଶିନ ରିପ୍ରେଜେଣ୍ଟେଟିଭ୍ (ଏମ୍ଆର୍)ଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଢେଙ୍କାନାଳ ଜିଲା ସଦର ଥାନା ସିଆରିଆ ଗ୍ରାମର ସୂର୍ଯ୍ୟ କୁମାର ରାଉତ (୨୯) ଓ ଶିବ କୁମାର ରାଉଳ (୨୩)। ପ୍ରକାଶ ଯେ, ମଧ୍ୟାହ୍ନରେ ସୂର୍ଯ୍ୟ ଓ ଶିବ ଏକ ବାଇକ୍‌ରେ ପାଲଲହଡ଼ାରୁ ଢେଙ୍କାନାଳ ଫେରୁଥିଲେ। ବାଇକ୍ ଦ୍ରୁତଗତିରେ ଥିବାରୁ ଖମାର ଥାନା ବନର ବସ୍‌ଷ୍ଟପ୍‌ଠାରେ ଯାତ୍ରୀଙ୍କୁ ଓହ୍ଲାଉଥିବା ଏକ ବସ୍ ପଛରେ ଗାଡ଼ିଟି ପିଟି ହୋଇଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଣଙ୍କୁ ଆମ୍ବୁଲାନ୍ସରେ ଓ ଅନ୍ୟ ଜଣଙ୍କୁ ଘରୋଇ ଗାଡ଼ିରେ ଖମାର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରୁ କଟକ ନିଆଯାଉଥିବା ବେଳେ ଅବସ୍ଥା ଅତି ସଂକଟାପନ୍ନ ହେବାରୁ ଜଣଙ୍କୁ ଢେଙ୍କାନାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତରଙ୍କ କଟକରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ପୋଲିସ ଜବତ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀ ପ୍ରକାଶ କରିଛନ୍ତି।

# ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକନ୍ତୁ: ନରସିଂହ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଚାଷୀ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକନ୍ତୁ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ମୁଖ୍ୟମନ୍ତ୍ରୀ ସବୁ ଦଳର ନେତାଙ୍କୁ ଡାକନ୍ତୁ । ଆଲୋଚନା କରାଯାଉ, ଚାଷୀଙ୍କର ଦାବି ଗ୍ରହଣ କରାଯାଉ ଏବଂ ବିଧିବଦ୍ଧ ଭାବରେ ଦିନେ ଦୁଇ ଦିନ ଭିତରେ ଆଇନ ତିଆରି କରାଯାଉ। ସେଥିରେ ବ୍ୟବସ୍ଥା ରହୁ ଯିଏ ସେହି ଆଇନ ଅମାନ୍ୟ କରିବ ତାକୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଜରିମାନା କରାଯିବ। ଯିଏ ସେଥିରେ ରାଜି ହେବନାହିଁ ସେ କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି ଜଣାଯିବ। ଯଦି ମୁଖ୍ୟମନ୍ତ୍ରୀ ବୈଠକ ଡାକିବେନି ତେବେ ଧରି ନିଆଯିବ, ସେ ଚାଷୀ ସମସ୍ୟାର ସମାଧାନ ଚାହୁନାହାନ୍ତି ।

ଆଜି ବିଧାନସଭାରେ ଇତିହାସ ସୃଷ୍ଟି ହୋଇଛି। ବିଧାନସଭାରେ ୪ଟି ଦଳ କଂଗ୍ରେସ, ସିପିଆଇ, ବିଜେଡି, ଭାଜପାର ପ୍ରତିନିଧି ଅଛନ୍ତି। ସମସ୍ତଙ୍କର ହୃଦୟ କାନ୍ଦୁଛି ଚାଷୀ ସମସ୍ୟା ନେଇ। ସମସ୍ତେ ଚାଷୀଙ୍କର ସପକ୍ଷରେ ରହିଛନ୍ତି। ବିଭିନ୍ନ ପ୍ରକାର ଆଇନ ଦେଖାଯାଉଛି, ସବୁ ଆଇନ ପଢ଼ିବା, ଦରକାର ପଡ଼ିଲେ ସଙ୍ଗେ ସଙ୍ଗେ 'ଲ' ଡିପାର୍ଟମେଣ୍ଟ ଆଇନକୁ ଡ୍ରାଫ୍ଟ କରିବ। ଏପରି କୁମ୍ଭୀରକାନ୍ଦଣା ବନ୍ଦ କରନ୍ତୁ ବୋଲି କହିଛନ୍ତି ନରସିଂହ। ଗୋଟିଏ ଦଳ କେନ୍ଦ୍ରରେ ସରକାର ଅଛି। ଆଉ ଗୋଟିଏ ଦଳ ରାଜ୍ୟରେ ସରକାର ଅଛି। ଚାଷୀଙ୍କର ଗୋଟିଏ ମୁଖ୍ୟ ସମସ୍ୟା ହେଲା ସେମାନେ ଉତ୍ପାଦିତ ଧାନ ବିକ୍ରି କରିପାରୁ ନାହାନ୍ତି। ଯଦି ବି ବିକ୍ରି ହେଉଛି କମ୍ ଦରରେ ବିକ୍ରି କରିବାକୁ ବାଧ। ବହୁ ଦିନରୁ ଗୋଟିଏ ଆଇନ ଅଛି 'ଫୁଡ୍ କର୍ପୋରେଶନ ଇଣ୍ଡିଆ ଆକ୍ଟ'। ସେଥିରେ ସ୍ପଷ୍ଟ ଭାବରେ ଲେଖାଅଛି, ଯଦି ଚାଷୀ ଉପଯୁକ୍ତ ମୂଲ୍ୟରେ ତା'ର ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିପାରୁ ନାହିଁ ତା' ହେଲେ ଏଫ୍‌ସିଆଇ କିଣିବା ପାଇଁ ବାଧ । ଏଫ୍‌ସିଆଇ ହେଉଛି କେନ୍ଦ୍ର ସରକାରଙ୍କ ସଂସ୍ଥା। ଇନ୍‌ସ୍ୟୁରାନ୍ସ ମଧ୍ୟ କେନ୍ଦ୍ର ସରକାରଙ୍କ ଯୋଜନା। ଏ ସବୁ ବିଷୟରେ ସର୍ବଦଳୀୟ ବୈଠକରେ ଆଲୋଚନା ହୋଇଯିବ ବୋଲି ନରସିଂହ କହିଛନ୍ତି।

# ୧୩ ଓଏଏସ୍ ଅଫିସରଙ୍କୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ରାଜ୍ୟର ୧୩ଜଣ ବରିଷ୍ଠ ଓଏଏସ୍ ଅଫିସର ବିଧିବଦ୍ଧ ଭାବେ ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି । ଏନେଇ ଶୁକ୍ରବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ତେବେ ଏହି ଅଫିସରମାନଙ୍କ ନିଯୁକ୍ତି ଓଡ଼ିଶା ହାଇକୋର୍ଟରେ ସଞ୍ଜିତା ଦାସଙ୍କ ଦ୍ୱାରା ୨୦୨୧ ମସିହାରେ ଦାଏର ମାମଲାର ରାୟ ଅନୁରୂପ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବରିଷ୍ଠ ଓଏଏସ୍ ଅଫିସର ତୁଷାରକାନ୍ତ ମହାନ୍ତି, ସରୋଜ କୁମାର ସାମଲ, ମନୋଜ କୁମାର ମହାନ୍ତି, ସରୋଜ କୁମାର ସେଠୀ, ଅବନୀକାନ୍ତ ପଟ୍ଟନାୟକ, ସଂଗ୍ରାମ କେଶରୀ ମହାପାତ୍ର, ରାଜଶ୍ରୀ ମହାନ୍ତି, ଗଣେଶ୍ୱର ଜେନା, ଦେବେନ କୁମାର ପ୍ରଧାନ, ତ୍ରିଲୋଚନ ମାଝି, ଶକୁନ୍ତଳା ବିନ୍ଧାଣି, ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ ଓ ବିଜୟ କୁମାର ଦାଶଙ୍କୁ ଆଇଏଏସ୍ ଅଫିସର ପାହ୍ୟାକୁ ଉନ୍ନୀତ କରାଯାଇଛି । ସେମାନେ ଓଡ଼ିଶା କ୍ୟାଡରର ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର ଭାବେ ବିବେଚିତ ହେବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ନବମଚନ୍ଦ୍ର ଧାର୍ମିକ ବାତାବରଣ ମଧ୍ୟରେ ବନ୍ଧୁଙ୍କ ସହ ବିତାଇପାରନ୍ତି। ଅଟକିଥିବା ନିର୍ମାଣାଧୀନ କାମରେ ପ୍ରତିବନ୍ଧକ ଦୂରୀଭୂତ ହୋଇଯିବ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ସାମୟିକ ଶାରୀରିକ ଅସୁସ୍ଥତା ଆନୁଷ୍ଠାନିକ କାମ ପାଇଁ ପ୍ରତିବନ୍ଧକର କାରଣ ହୋଇପାରେ।

**ବୃଷ** ମଙ୍ଗଳ ରାଶିରେ ରହି ନିଜ ଲୋକଙ୍କ ଚକ୍ଷୁଶୂଳର କାରଣ ହୋଇପାରନ୍ତି। ଆର୍ଥିକ ସମସ୍ୟା ଦୂର ପାଇଁ ଆପଣଙ୍କ ଚେଷ୍ଟା ନିଷ୍ଫଳ ହେବନାହିଁ। ସରକାରୀ କ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି ହେବନି। ପାରିବାରିକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ରହିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ।

**ମିଥୁନ** ଆଜି ଚାରୋଟି ଗ୍ରହ ରାଶିକୁ ଦେଖୁଥିବାରୁ ଏକାଧିକ ଚିନ୍ତାରେ ଆନମନା ହୋଇପାରନ୍ତି। ବାଧ୍ୟବାଧକତାରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ନିଜର ବ୍ୟକ୍ତିଗତ ଆଲୋଚନାରେ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିପାରନ୍ତି। ପ୍ରଶାସନିକ ସ୍ତରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କର୍କଟ** ଚନ୍ଦ୍ରଙ୍କ ପଞ୍ଚମସ୍ଥ ବୃହସ୍ପତି କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ସାହାଯ୍ୟର ମାର୍ଗ ପ୍ରଦର୍ଶନ କରିବେ। କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ସାଙ୍ଗକୁ ବିଭିନ୍ନ ବିଳମ୍ବିତ କର୍ମ ସକାଶେ ଚିନ୍ତିତ ରହିବେ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରା କରିବାକୁ ପଡ଼ିପାରେ। ଆଜି ଦିନଟିରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ।

**ସିଂହ** ଯେଉଁ ବନ୍ଧୁଟି ଅଭିମାନ କରି ଆପଣଙ୍କ ସହ କଥା ହେଉ ନ ଥିଲା ସେ ଆଜି ମିଶିବାର ପ୍ରଯିତ୍ନ କରିବ। ଆଜି କାର୍ଯ୍ୟବ୍ୟସ୍ତତା ବୃଦ୍ଧି ଯୋଗୁ ଘର କାମ କରିବାକୁ ଅବସର ପାଇବେ ନାହିଁ। ଅଟକି ରହିଥିବା କାମ ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶାରୀରିକ ଅବସ୍ଥାରେ ଉନ୍ନତି କାରଣରୁ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା** ଆଜି ଅନୁକୂଳ ଗ୍ରହସ୍ଥିତି କାରଣରୁ କର୍ମକ୍ଷେତ୍ର, ପାରିବାରିକ ସ୍ଥିତି, ବ୍ୟବସାୟ ଓ ଯାତ୍ରାରୁ ସଫଳତା ମିଳିବ। ବନ୍ଧୁଙ୍କ ବ୍ୟକ୍ତିଗତ ମାମଲାରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବେ। ଉପର ଅଧିକାରୀଙ୍କ ଅନୁକମ୍ପାରୁ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଯାତ୍ରା କାଳରେ ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା** ଗ୍ରହମାନଙ୍କ ସାମ୍ୟତା ଅର୍ଥ ଲାଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବେ। ପରିବାରରେ ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କୁ ଦେବାନେବାକୁ କେନ୍ଦ୍ରକରି ମତାନ୍ତର ଉପୁଜିବ। ଆଜି ସୁଦ୍ଧା ଶେଷ କରିବାକୁ ଭାବୁଥିବା ଦାୟିତ୍ୱପୂର୍ଣ୍ଣ କାମଟିକୁ ଶେଷ କରିପାରିବେନି। ଅପ୍ରିୟ ସତ୍ୟ ଭାଷଣ ଯୋଗୁ ଆତ୍ମୀୟଙ୍କ ସହିତ ଯୁକ୍ତିତର୍କ ହୋଇପାରେ।

**ବିଛା** ଆଜି ଚତୁଃଗ୍ରହ ନିଜ ରାଶିରେ ଅବସ୍ଥାନ କରିବା ହେତୁ ଏକାଧିକ ଚିନ୍ତାରେ ମନ ବିବ୍ରତ ରହିବ। ତଥାପି ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଅବଶ୍ୟ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବାରୁ ଆପଣ ବହୁତ ଖୁସି ହେବେ।

**ଧନୁ** ନିଜ ରାଶିରେ ଚନ୍ଦ୍ର ହେତୁ ମନ ଅସ୍ଥିରତା ଓ ପରିବାର ମଧ୍ୟରେ ଝଗଡ଼ା ଲାଗିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ଅନ୍ୟମାନଙ୍କ ଅସୁବିଧା ଦୂରେଇବା ପାଇଁ କିଛି କରିବା ଦ୍ୱାରା ନିଜେ ହଇରାଣରେ ପଡ଼ିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ କିନ୍ତୁ ବିଭିନ୍ନ ପ୍ରତିବନ୍ଧକ ଲାଗି ରହିବା ହେତୁ ମନସ୍ତାପ କରିପାରନ୍ତି।

**ମକର** ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ ଦେହ ଭଲ ରହିଲେ ମଧ୍ୟ ନିଜ ଲୋକଙ୍କ ଅନାଦର ଭାବରୁ ଦୁଃଖିତ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ସମସ୍ତ ପ୍ରକାର ସୁବିଧା ପାଇ ମଧ୍ୟ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** ତୃତୀୟଭାବ ଗ୍ରହ ଦୃଷ୍ଟିରେ ଥିବାରୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ କେତେକାଂଶରେ ଉପକୃତ ହେବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପୂର୍ଣ୍ଣ ସଚେତନ ରହିବା କାରଣରୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମୀନ** ଗ୍ରହବୈଗୁଣ୍ୟରୁ ସତ୍ୟ ପ୍ରକାଶ କରିବାକୁ ଯାଇ ସୁସମ୍ପର୍କ ବ୍ୟାହତ ହୋଇପାରେ। ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେବେ, ଯଦ୍ଦ୍ୱାରାକି ଆପଣଙ୍କ କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ଦୀର୍ଘ ପଥ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପ୍ରଶାସନିକ ସ୍ତରରେ କିମ୍ବା ସରକାରୀ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

ଆଜି ନଭେମ୍ବର ୨୬ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ତୃତୀୟା, ଶନିବାର, ରାଶିନକ୍ଷତ୍ର-ମୂଳା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୩୨ ଗତେ ଘ.୦୮।୪୯ ମଧ୍ୟେ, ଘ.୧୧।୫୫ ଗତେ ଘ.୧୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ୦୮।୪୯ ଗତେ ଘ.୧୦।୧୧ ମଧ୍ୟେ ରାହୁ କାଳ ॥

ପ୍ରଥମ ପୃଷ୍ଠାରୁ...





ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ବିଧାୟକମାନେ ଚାଷୀ ପ୍ରସଙ୍ଗ ନେଇ ପ୍ରତିବାଦ କରୁଛନ୍ତି। ବିଧାନସଭା ବାହାରେ ଭାଜପା ବିଧାୟକମାନେ ଚାଷୀ ପ୍ରସଙ୍ଗ ନେଇ ବିକ୍ଷୋଭ କରୁଛନ୍ତି। (ଫଟୋ-ମନୋରଞ୍ଜନ)

# ବିଧାନସଭାରେ ...

କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ଦିନତମାମ ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଶନିବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

ଶୁକ୍ରବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଭାଜପା ଓ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ିଆସି ଚାଷୀ ସମସ୍ୟା ନେଇ ହଟ୍ଟଗୋଳ କରିଥିଲେ। ପ୍ରଶ୍ନୋତ୍ତର ଆରମ୍ଭ ପାଇଁ ବାଚସ୍ପତି ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ ହଟ୍ଟଗୋଳ ଯୋଗୁ ସମ୍ଭବ ହୋଇପାରି ନ ଥିଲା। ପ୍ରବଳ ହୋହଲ୍ଲାକୁ ଦେଖି ବାଚସ୍ପତି ଗୃହକୁ ୧୦ଟା ୩୩ରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ବିଧାନସଭାରୁ ବାହାରି ବିଜେଡି ସଦସ୍ୟମାନେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିବା ବେଳେ ଭାଜପା ସଦସ୍ୟମାନେ ଗୃହ ବାହାରେ ବ୍ୟାନର ଓ ପୋଷ୍ଟର ଧରି ବିକ୍ଷୋଭ କରିଥିଲେ। ୧୧ଟା ୩୦ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପରିସ୍ଥିତିରେ ଉନ୍ନତି ଆସି ନ ଥିଲା। ସମାନ ପ୍ରସଙ୍ଗକୁ ନେଇ ଉଭୟ ବିରୋଧୀ ଓ ଶାସକ ଦଳ ସଦସ୍ୟମାନେ ହୋହଲ୍ଲା କରିଥିଲେ। ବାଚସ୍ପତି ବାଧ ହୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଅପରାହ୍ନରେ ମଧ୍ୟ ଗୃହ ସ୍ୱାଭାବିକ ହୋଇପାରି ନ ଥିଲା। ବିରୋଧୀ ସଦସ୍ୟମାନେ ପୁଣି ହଟ୍ଟଗୋଳ କରିଥିଲେ। ମାତ୍ର ଶାସକ ଦଳ ସଦସ୍ୟମାନେ ହଟ୍ଟଗୋଳ ନ କରି ନିଜ ସିଟ୍‌ରେ ବସିଥିଲେ। ବିରୋଧୀଙ୍କ ହୋହଲ୍ଲା ଯୋଗୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ୩୦ରୁ ୪ଟା ୩୮ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହର ଅଚଳାବସ୍ଥାକୁ ଦୂର କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର କୌଣସି ସମାଧାନ ସୂତ୍ର ବାହାରିପାରି ନ ଥିଲା। ବାଧ ହୋଇ ବାଚସ୍ପତି ଗୃହକୁ ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।

ଉଭୟ ଭାଜପା ଓ ବିଜେଡି ସଦସ୍ୟମାନେ ଚାଷୀ ପ୍ରସଙ୍ଗକୁ ନେଇ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ରାଜ୍ୟର କୃଷକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭାଜପା ବିଧାୟକ ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛି। ବିଧାନସଭା ବାହାରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, କୃଷକଙ୍କୁ ରାଜ୍ୟ ସରକାର ସବୁବେଳେ ପ୍ରତାରଣା କରି ଆସୁଛନ୍ତି। ଚାଷୀଙ୍କୁ ଉନ୍ନତମାନର ବିହନ ଦେଇ ପାରୁନାହାନ୍ତି। ରାଜ୍ୟସାରା ବ୍ୟାପକ ନିମ୍ନମାନର ବିହନ ମିଳୁଛି। ରାଜ୍ୟରେ ଆଳୁ ମିଶନ ଓ ପିଆଜ ମିଶନ ଫେଲ୍ ମାରିଛି। ପ୍ରାକୃତିକ ଦୁର୍ବିପାକ ହେଲେ ଚାଷୀଙ୍କୁ ସହାୟତା ନ ଦେଇ ହତାଶ କରୁଛନ୍ତି। ୨୦୧୮ରୁ ଇନ୍‌ପୁଟ୍ ସବ୍‌ସିଡି ଠିକ୍ ଭାବେ ମିଳୁନାହିଁ। ଫସଲ ହାନି ଆକଳନ କରିବାରେ ମଧ୍ୟ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଗତ ୨ ବର୍ଷ ଧରି ସେଣ୍ଟ୍ରାଲ ଟୋକନ୍ ନାଁରେ ମିଲରମାନଙ୍କ ହାତରେ ମଣ୍ଡି ବ୍ୟବସ୍ଥାକୁ ଟେକି ଦିଆଯାଇଛି। ରାଜ୍ୟ ସରକାର ଓ ମିଲରଙ୍କ ସଲାସୁତୁରାରେ ମଣ୍ଡିରେ କଟନୀଛଟନୀ ହେଉଛି। ମଣ୍ଡି ଖୋଲିବା ବିଳମ୍ବ କାରଣରୁ ଚାଷୀ ଧାନକୁ ବାଧ ହୋଇ ଦଲାଲଙ୍କୁ ବିକ୍ରି କରୁଛନ୍ତି । ମୁଖ୍ୟମନ୍ତ୍ରୀ ୨୦୧୬ରେ ସୋହେଲାଠାରେ ଧାନ କୁଇଣ୍ଟାଲ ପିଛା ୧୦୦ଟଙ୍କା ଦେବାକୁ ଘୋଷଣା କରି ୬ବର୍ଷ ହେଲା ଠକୁଛନ୍ତି ବୋଲି ମାଝି ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବିଧାନସଭା ପରିସରରୁ ରାଜଭବନ ଯାଏ ବିଜେଡି ବିଧାୟକମାନେ ଚାଲି ଚାଲି ଯାଇ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନ, ଉଷୁନା ଚାଉଳ ଉଠାଣ ଓ ସାର ଯୋଗାଣ ଭଳି ୫ ଦଫା ଦାବି ନେଇ ରାଜ୍ୟପାଳଙ୍କ ନିକଟରେ ବିଜେଡି ସଦସ୍ୟମାନେ ଫେରାଦ ହୋଇଛନ୍ତି।

# ଉଜୁଡୁଛି ଜଙ୍ଗଲ ...

ଜବରଦଖଲ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୭ ହଜାର ୩୪୯ ହେକ୍ଟର ଜଙ୍ଗଲ ଜମି କ୍ଷୟ ହୋଇଛି। ଏବେ ଜିଲାରେ ୨୫୧୯ ବର୍ଗ କିଲୋମିଟର (୧,୫୧,୯୦୦ ହେକ୍ଟର) ଜଙ୍ଗଲ ରହିଥିବା ନବରଙ୍ଗପୁର ଡିଏଫ୍ଓ କାର୍ଯ୍ୟାଳୟ ତଥ୍ୟରୁ ଜଣାପଡ଼ିଛି। ଜଙ୍ଗଲ ଜମି ଜବରଦଖଲ ନେଇ ୫,୫୨୫ ମାମଲା କୋର୍ଟରେ ବିଚାରାଧୀନ ରହିଛି। କିନ୍ତୁ ଜବରଦଖଲ ଉଚ୍ଛେଦ ପାଇଁ ସରକାର ଏଯାଏ ଜଙ୍ଗଲ ବିଭାଗକୁ ଦାୟିତ୍ୱ ଦେଇନାହାନ୍ତି। ହେଲେ ବିଭାଗ ପକ୍ଷରୁ ୧୦ ବର୍ଷ ମଧ୍ୟରେ ୫ ହଜାର ହେକ୍ଟର ଜମିରେ ଚାରାରୋପଣ କରାଯାଇ ଜବରଦଖଲ ହଟାଇବା ପାଇଁ ଉଦ୍ୟମ କରାଯାଉଛି। ତେବେ ଚାରାରୋପଣ ପରେ ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉ ନ ଥିବାରୁ ନିକଟସ୍ଥ ଅଞ୍ଚଳରେ ଜଙ୍ଗଲ ସ୍ୱତ୍ୱାଧିକାର ଆଇନ ବଳରେ ପଟ୍ଟା ପାଇଥିବା କେତେଜଣ ବ୍ୟକ୍ତି ଉକ୍ତ ଚାରାଗୁଡ଼ିକୁ ଉପାଡ଼ି ଚାଷ କରୁଛନ୍ତି। ଜଙ୍ଗଲ ଜମିର ମାଟି ଉର୍ବର ଥିବାରୁ ଅଧିକାଂଶ ଜମିରେ ମକା ଚାଷ କରାଯାଉଛି। ଏଥିରେ ସାହୁକାର ଓ ବିଭିନ୍ନ ବିହନ କମ୍ପାନୀ, ଏଜେନ୍ସିଗୁଡ଼ିକ ବିହନ, ସାର ବାବଦରେ ଟଙ୍କା ଖଟାଉଛନ୍ତି। ଏହା ବଦଳରେ ସେମାନେ ଚାଷୀଙ୍କଠାରୁ ସରକାରଙ୍କ ନିର୍ଦ୍ଧାରିତ ଦର (କୁଇଣ୍ଟାଲ ପିଛା ୧୯୬୨ ଟଙ୍କା)ଠାରୁ କମ୍ ଦର(୧୮୦୦ ଟଙ୍କା)ରେ ମକା କିଣୁଛନ୍ତି। ଏହାସହ ସାର ବିହନ ଯୋଗାଇଥିବା ଅର୍ଥର ମୂଳ ଧନ ସହ ଉଚ୍ଚ ହାରରେ ସୁଧ ଆଦାୟ କରୁଛନ୍ତି।

ସାହୁକାରଙ୍କଠାରୁ ସୁବିଧା ଓ ଅର୍ଥ ଉପାର୍ଜନ ନାଁରେ ଜଙ୍ଗଲ ମୁଲକରେ ରହୁଥିବା ଅନେକ ଅଧିବାସୀ ରାତିଅଧିଆ ଜଙ୍ଗଲ କାଟି ଜମିରେ ପରିଣତ କରୁଛନ୍ତି। ବନ ସୁରକ୍ଷା ସମିତି ଜଙ୍ଗଲ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କଲେ ସେଗୁଡ଼ିକୁ ମଧ୍ୟ ଉପାଡ଼ି ଦିଆଯାଉଛି। ଜଙ୍ଗଲ ବିଭାଗ ଏହାକୁ ପ୍ରତିହତ କରିବାକୁ ଗଲେ ବିହନ ଏଜେନ୍ସି ସଂସ୍ଥା ମାଲିକ, ସାହୁକାର ଓ ନେତାମାନେ କେତେକ ଗୋଷ୍ଠୀର ପଛରେ ରହି ଆନ୍ଦୋଳନ କରାଉଛନ୍ତି। ଜିଲାରେ ୩୭୬ ପଞ୍ଜୀକୃତ ବନସୁରକ୍ଷା ସମିତି ରହିଛି। ସେଗୁଡ଼ିକ ଅଧୀନରେ ୪୬,୫୯୦ ହେକ୍ଟର ଜଙ୍ଗଲ ସୁରକ୍ଷାରେ ରହିଛି। ସମସ୍ତ ସମିତିରେ ଅନୁସୂଚିତ ଜାତି ବର୍ଗର ୧୬,୨୭୩, ଅନୁସୂଚିତ ଜନଜାତିର ୪୯,୩୧୦ ଜଣ ଓ ଅନ୍ୟାନ୍ୟ ସାଧାରଣ ବର୍ଗର ୧୫,୪୧୭ ଜଣ ସଦସ୍ୟ ରହିଛନ୍ତି। ଅନେକ ସମୟରେ ସମିତି ସଦସ୍ୟମାନଙ୍କର ଜଙ୍ଗଲ ଜମିକୁ ନେଇ ଜବରଦଖଲକାରୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି। ପ୍ରାୟ ୧୦ ବର୍ଷ ମଧ୍ୟରେ ୧୧ଟି ବଡ଼ଧରଣର ଅପ୍ରୀତିକର ଘଟଣା ଘଟିଥିବାବେଳେ ସାହୁକାରମାନେ ନିଜ ସ୍ୱାର୍ଥରେ ରହି ଏସବୁ କରାଉଛନ୍ତି। ଦୀର୍ଘଦିନ ଧରି ଏହି ସମସ୍ୟାର ସମାଧାନ ହୋଇପାରୁ ନ ଥିବାରୁ ଗୋଇନ୍ଦା ସଂସ୍ଥା, ପ୍ରଶାସନ ଏବଂ ସରକାରଙ୍କ ଭୂମିକା ସନ୍ଦେହରେ ରହିଛି। ଜଙ୍ଗଲ ଜମି ବିବାଦ, ଆନ୍ଦୋଳନ କେବେ ହେବ, ଅନ୍ଦୋଳନରେ କ'ଣ ହେଲା ଏବଂ ଏହା ପଛରେ କେଉଁମାନଙ୍କ ପ୍ରଚ୍ଛନ୍ନ ହାତ ରହିଛି ତାହାର ଗୋଇନ୍ଦା ରିପୋର୍ଟ ସରକାର ପାଉଛନ୍ତି କି ନାହିଁ ସେନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଥାଉ କି, ଉମରକୋଟ ବ୍ଲକ ବର୍ଜା ପଞ୍ଚାୟତ ଅଧୀନ କପସାଭଟା ସଂରକ୍ଷିତ ଜଙ୍ଗଲ ଜମି ଅଧିଗ୍ରହଣକୁ ନେଇ ଗତ ଅଗଷ୍ଟରେ ବିବାଦୀୟ ପରିସ୍ଥିତି ଦେଖାଦେଇଥିଲା। କପସାଭଟା, ଲକଟିପକନା ଓ ସାରିଆଭଟା ନିକଟ ଶତାଧିକ ଏକର ଜଙ୍ଗଲ ଜମିରେ ହୋଇଥିବା ମକା ଫସଲକୁ ବନ ସୁରକ୍ଷା ସମିତି ପକ୍ଷରୁ ନଷ୍ଟ କରାଯାଇଥିଲା। ଏନେଇ ତିନୋଟି ଗାଁର ଅନେକ ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଫଳରେ ଫସଲ ନଷ୍ଟ ହାଇଥିବା ଜମିରେ ମାପଚୁପ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାପଚୁପ ପରେ ଜଣାପଡ଼ିଥିଲା ଯେ ୧୦୫.୯୦ ଏକର ଜମିରେ ଫସଲ ନଷ୍ଟ ହୋଇଥିଲା। କ୍ଷତି ହୋଇଥିବା ଜମିର ପଟ୍ଟା କାହା ନାମରେ ନ ଥିବା ସ୍ପଷ୍ଟ ହୋଇଥିଲା। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ରହୁଥିବା ତ୍ରୁଟି ଯୋଗୁ ଜଙ୍ଗଲ ଜମି ପଟ୍ଟା ମିଳିବା ପରେ ଜମି ଚିହ୍ନଟ ହୋଇପାରୁ ନାହିଁ। ଏକ୍ଷେତ୍ରରେ ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗର ସମନ୍ୱୟ ଅଭାବକୁ ଦାୟୀ କରାଯାଉଛି। କିନ୍ତୁ ଜମି ଚିହ୍ନଟ ହେଉ ନ ଥିବାରୁ ଅନେକ ପଟ୍ଟାଧାରୀ ମନଇଚ୍ଛା ଜଙ୍ଗଲ ପଦା କରି ଅକ୍ତିଆର କରୁଛନ୍ତି। ଏଥିଯୋଗୁ ଜିଲାରେ ଜଙ୍ଗଲ ପରିବେଶ ଉଜୁଡ଼ିଯାଉଛି। ଉଦାହରଣ ଭାବେ ଜିଲାର କପସାଭଟା, ସାରିଆଭଟା ଓ ଲକଟିପକନା ଅଞ୍ଚଳକୁ ଦେଖିଲେ ୨୦୧୧ ଯାଏ ଉକ୍ତ ଅଞ୍ଚଳରେ ଭରପୂର ଘଞ୍ଚ ଜଙ୍ଗଲ ଥିଲା। କିନ୍ତୁ ୨୦୨୨ ବେଳକୁ ତାହା ପ୍ରାୟତଃ ଉଜୁଡ଼ିଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଉମରାହାଣ୍ଡି ଗାଁରେ ୧୮ ଜଣ ଜଙ୍ଗଲ ଜମି ସ୍ୱତ୍ୱାଧିକାର ନିୟମରେ ପଟ୍ଟା ପାଇଛନ୍ତି। ୩୯ ଜଣ ପଟ୍ଟା ପାଇବାକୁ ଆବେଦନ କରିଛନ୍ତି। ଉମରାହାଣ୍ଡି ଗାଁର ଗଣପତି ନାୟକ ଓ ରମେଶ ଜାନୀ କହିଛନ୍ତି, ଜଙ୍ଗଲ ଓ ରାଜସ୍ୱ ବିଭାଗ ପକ୍ଷରୁ ଜମିର ସୀମା ଚିହ୍ନଟ କରାଯାଇ ଆମଙ୍କୁ ଦେଖାଇ ଦିଆଯାଉ। ଏହାଦ୍ୱାରା ବିବାଦ ହେବନାହିଁ। ସାଟେଲାଇଟ ମାଧ୍ୟମରେ ଆମ ଜମିର ନକ୍ସା ମଧ୍ୟ ଅନ୍ୟମାନେ ଜାଣିଲା ଭଳି ବ୍ୟବସ୍ଥା କରାଯାଉ। ଆବେଦନ କରାଯାଇଥିବା ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ ପୂର୍ବରୁ ଗ୍ରାମସଭା ଓ ପଲ୍ଲିସଭା କରାଯାଉ। ଜଙ୍ଗଲ ବିଭାଗ ବନ ସୁରକ୍ଷା ସମିତିର ସପକ୍ଷରେ ଯାଉଛି ଏବଂ ଗ୍ରାମବାସୀଙ୍କୁ ଅଣଦେଖା କରୁଛି। ଗତ ଅକ୍ଟୋବର ୨୦ରେ ବୈଠକ ହୋଇଥିଲା, ସେଥିରେ କୌଣସି ନିଷ୍କର୍ଷ ବାହାରିଲା ନାହିଁ। ବନସୁରକ୍ଷା ସମିତି ସେମାନଙ୍କ କଥାରେ ଅଟଳ ରହିଲେ। ଜଙ୍ଗଲ ଜମି ବିବାଦର ସମାଧାନ ପାଇଁ ୪ ଥର ବୈଠକ ହୋଇଛି। ତଥାପି ଆବେଦନକାରୀ ୩୯ ଜଣ ଏଯାଏ ପଟ୍ଟା ପାଇନାହାନ୍ତି ବୋଲି ଗଣପତି ଓ ରମେଶ କହିଛନ୍ତି ।

ଏସିଏଫ୍ ଧନୁର୍ଜୟ ମହାପାତ୍ରଙ୍କୁ ପଚାରିବାରୁ ଆରଓଆର ସଂଶୋଧନ ଓ ଜମି ଚିହ୍ନଟ ଓଏଫଏମ୍ଏସ୍ ଆପ୍ ମାଧ୍ୟମରେ ସର୍ଭେ କାର୍ଯ୍ୟ କରାଯାଇ ଜମି ଚିହ୍ନଟ କରାଯାଉଛି। ଜଙ୍ଗଲ ବିଭାଗ ଜରିଆରେ ୧୨ ହଜାର ୮୮୨ ପଟ୍ଟା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୨୩ ଶହ ପଟ୍ଟା ପାଇଥିବା ଲୋକଙ୍କ ଜମି ଚିହ୍ନଟ କରାଯାଇଛି। ରେଞ୍ଜ ଅନୁଯାୟୀ ଏହି କାର୍ଯ୍ୟ ଚାଲୁଥିବା ବେଳେ ଏହାର ସରଳୀକରଣ ପାଇଁ ତହସିଲ ଅନୁଯାୟୀ କରାଯିବାକୁ ନିର୍ଦ୍ଦେଶ ଆସିଛି। ରାଜସ୍ୱ ଜଙ୍ଗଲ ଅଧୀନରେ ପଟ୍ଟା ପାଇଥିବା ଜମି ରାଜସ୍ୱ ବିଭାଗ ପକ୍ଷରୁ ଅନୁରୂପ ଭାବେ କରାଯିବ। ୨୦୨୨ ଡିସେମ୍ବର ୧୫ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ରାଜସ୍ୱ ବିଭାଗ ଅତିରିକ୍ତ ଶାସନ ସଚିବଙ୍କ ନିର୍ଦ୍ଦେଶ ରହିଛି ବୋଲି ମହାପାତ୍ର କହିଛନ୍ତି।

ଜିଲାପାଳ କମଳ ଲୋଚନ ମିଶ୍ର ପଚାରିବାରୁ କହିଛନ୍ତି ଯେ, ଜଙ୍ଗଲ ଜମି ପଟ୍ଟା ପାଇଥିବା ବ୍ୟକ୍ତିଙ୍କ ଜମିର ସୀମା ଚିହ୍ନଟ ପାଇଁ ରାଜସ୍ୱ ନିରୀକ୍ଷକ ଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଟ୍ଟା ଜମିରୁ ସୀମା ଉଲ୍ଲଂଘନ କରି ଆଗକୁ ବଢ଼ିଯାଉଛନ୍ତି। କେତେଜଣ ନେତା ଏଥିରେ ସାମିଲ ରହୁଛନ୍ତି। ଯଦି କେହି ଚିହ୍ନଟ ଜମିର ସୀମା ଉଲ୍ଲଂଘନ କରି ଜଙ୍ଗଲ ନଷ୍ଟ କରନ୍ତି ତେବେ ତାଙ୍କୁ ଗିରଫ କରାଯିବ ବୋଲି ଜିଲାପାଳ କହିଛନ୍ତି।




# କାନ ଧରି ଆଣ୍ଠେଇଲେ ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ



ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଓଡ଼ିଶାରୁ ବେସାମରିକ ସେବା ପୁନଃ ଥଇଥାନ ନିୟମ-୨୦୨୦କୁ ଉଚ୍ଛେଦ କରି ପୁଣିଥରେ ପୁନଃ ଥଇଥାନ ନିୟମ-୧୯୯୦ ଲାଗୁ କରିବା ଦାବିରେ ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ ପକ୍ଷରୁ ଗଣଧାରଣା ଜାରି ରହିଛି। ଶୁକ୍ରବାର ଅଭିନବ ଉପାୟରେ ଲୋୟର ପିଏମଜିଠାରେ ସେମାନେ ପ୍ରତିବାଦ କରିଛନ୍ତି। ପୂର୍ବରୁ ରାସ୍ତାରେ ଖାଲି ବୋତଲ ବାଡ଼େଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିକ୍ଷୋଭକାରୀ ଉଦ୍ୟମ କରିଥିବାବେଳେ ଶୁକ୍ରବାର ଭିନ୍ନ ପନ୍ଥା ଆପଣେଇଛନ୍ତି। ୩ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଥିବା ଏହି ସଂଘ ରାସ୍ତାରେ କାନ ଧରି ଆଣ୍ଠେଇ ଦାବି ଉପସ୍ଥାପନ କରୁଥିବା ଦେଖିବାକୁ ମିଳିଛି। ପୁନଃ ଥଇଥାନ ନିୟମ-୧୯୯୦ ଲାଗୁ କରାଯିବା ସହ ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ସେହିପରି ୨୦୦୩-୦୪ରେ ନିଯୁକ୍ତ ଶିକ୍ଷା ସହାୟକଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ତଥା ଛଟେଇ ହୋଇଥିବା ଶିକ୍ଷା ସହାୟକଙ୍କୁ ପୁନଃ ନିଯୁକ୍ତି ନେଇ ଦାବି ଉପସ୍ଥାପନ କରାଯାଇଛି।

# ହରିଚରଣଙ୍କ ଆଗୁଆ ଜାମିନ ଆବେଦନ ଖାରଜ

## ଉଲିବୁରୁ ଖଣି ଦୁର୍ନୀତି ମାମଲା

କଟକ ଅଫିସ,୨୫।୧୧

ବହୁଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କ ବାପା ହରିଚରଣ ଗୁପ୍ତାଙ୍କ ଆଗୁଆ ଜାମିନ ଆବେଦନକୁ ଶୁକ୍ରବାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଦେବବ୍ରତ ଦାଶଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ହରିଚରଣଙ୍କୁ ତଳକୋର୍ଟରେ ଆତ୍ମସମର୍ପଣ କରି ଜାମିନ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଆଇନଜୀବୀ ଏନ୍. ସି. ପାଣିଗ୍ରାହୀ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଦୀପକ ଗୁପ୍ତା ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବେଆଇନ ଭାବେ ଖଣି ଖୋଲି ଲୁହାପଥର ଉତ୍ତୋଳନ କରିଥିଲେ। ସେ କେନ୍ଦୁଝର ଜିଲା ଅନ୍ତର୍ଗତ ଉଲିବୁରୁ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଲୁହାପଥର ଉତ୍ତୋଳନ ଦ୍ୱାରା ୧୫୨୩.୫୯ କୋଟି ଟଙ୍କା ହେରଫେର କରିଥିଲେ। ଏହାଦ୍ୱାରା ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ କ୍ଷତି ହୋଇଥିଲା। ରାଜ୍ୟ ଭିଜିଲାନ୍ସ ବିଭାଗ ଦୀପକଙ୍କୁ ଏହି ମାମଲାରେ ଗିରଫ କରିବା ପରେ ସେ ଏବେ ଜେଲରେ ଅଛନ୍ତି। ମାମଲାର ବିଚାର ଚାଲିଥିବା ବେଳେ ବିଭିନ୍ନ ସମୟରେ ସେ ଜାମିନ୍‌ରେ ସୀମିତ ସମୟ ପାଇଁ ମୁକୁଳି ପୁଣି ଜେଲକୁ ଫେରୁଛନ୍ତି। ତେବେ ତାଙ୍କ ବାପା ଗିରଫଦାରି ଭୟରେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ।




# ୪ ଓଡ଼ିଆଙ୍କୁ ଅମ୍ରିତ ପୁରସ୍କାର

## କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ଘୋଷଣା

- ୩ବର୍ଷ ପାଇଁ 'ଉସ୍ତାଦ ବିସ୍‌ମିଲା ଖାନ୍ ଯୁବ' ଓ 'ଏକାଡେମୀ ପୁରସ୍କାର'
- ଚଳିତ ବର୍ଷ ପାଇଁ ଦେଶର ୧୦ଜଣଙ୍କୁ 'ଏକାଡେମୀ ରତ୍ନ'

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ପକ୍ଷରୁ ଶୁକ୍ରବାର ବିଭିନ୍ନ ବର୍ଗରେ ପୁରସ୍କାର ଘୋଷଣା କରାଯାଇଛି। ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ୭୫ ବର୍ଷରୁ ଊର୍ଦ୍ଧ୍ୱ କଳାକାରଙ୍କୁ 'ଏକକାଳୀନ ସଙ୍ଗୀତ ନାଟକ ଏକାଡେମୀ ଅମ୍ରିତ ପୁରସ୍କାର ୨୦୨୨' ଦିଆଯିବ। ଏଥିପାଇଁ ଓଡ଼ିଶାରୁ ୪ଜଣ ମନୋନୀତ ହୋଇଛନ୍ତି। ଛଉରେ ଶିବ ପ୍ରସାଦ ଦାସ(ସିଦ୍ଧେଶ୍ୱର ଦାସ), ନାଟକରେ ଅନନ୍ତ ମହାପାତ୍ର, ଲୋକ ସଙ୍ଗୀତ (ବ୍ରହ୍ମା ବୀଣା)ରେ ଆନନ୍ଦ ବାଗ ଏବଂ ଓଡ଼ିଶୀ(ଗୋଟିପୁଅ)ନୃତ୍ୟରେ ଗୋବିନ୍ଦ ଚନ୍ଦ୍ର ପାଲ୍ ରହିଛନ୍ତି। ପ୍ରତି କଳାକାରଙ୍କୁ ୧ଲକ୍ଷ ଅର୍ଥରାଶି ସହ ତାମ୍ରପାତ୍ର ଓ ଅଙ୍ଗବସ୍ତ୍ର ଦିଆଯିବ। ଅନ୍ୟପକ୍ଷେ ୨୦୧୯, ୨୦୨୦ ଓ ୨୦୨୧ ବର୍ଷ ପାଇଁ ୧୨୮(୩ ଯୁଗ୍ମ) କଳାକାରଙ୍କୁ 'ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର' ଦିଆଯିବ। ଏମାନଙ୍କ ମଧ୍ୟରେ ଓଡ଼ିଶାରୁ ୨୦୧୯ରେ ଛଉନୃତ୍ୟ ପାଇଁ ବ୍ରଜେନ୍ଦ୍ର କୁମାର ପଟ୍ଟନାୟକ, ୨୦୨୧ରେ ନୃତ୍ୟ ପାଇଁ ସଙ୍ଗୀତରେ ବିଜୟ କୁମାର ଜେନା, ନାଟକ ପାଇଁ ନାଟ୍ୟକାର ମନୋଜ ପଟ୍ଟନାୟକ ଓ ସୁଗମ ସଙ୍ଗୀତରେ ଗାୟିକା ସୁସ୍ମିତା ଦାସ ଚୟନ ହୋଇଛନ୍ତି। ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

ସେହିପରି ଉପରୋକ୍ତ ୩ ବର୍ଷ ପାଇଁ ଦେଶର ୧୦୨ (୩ ଯୁଗ୍ମ)ଜଣଙ୍କୁ 'ଉସ୍ତାଦ ବିସ୍‌ମିଲା ଖାନ୍ ଯୁବ ପୁରସ୍କାର' ଦିଆଯିବ। ୪୦ ବର୍ଷରୁ କମ୍ କଳାକାରଙ୍କୁ ଏହି ପୁରସ୍କାର ଦିଆଯାଏ। ଓଡ଼ିଶାରୁ ୨୦୧୯ ଲାଗି ପ୍ରହଲ୍ଲାଦ ନାଟକ ପାଇଁ ସନ୍ତୋଷ କୁମାର ରଣା ଓ ୨୦୨୦ ଲାଗି ଓଡ଼ିଶୀ ସଙ୍ଗୀତ ପାଇଁ ରୂପକ ପରିଡ଼ା ଏବଂ ଓଡ଼ିଶୀ ନୃତ୍ୟ ପାଇଁ ପ୍ରଭାତ କୁମାର ସ୍ୱାଇଁ ମନୋନୀତ ହୋଇଛନ୍ତି। ପୁରସ୍କାର ବାବଦକୁ ୨୫ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ।

ଏଥିସହ 'ସଙ୍ଗୀତ ନାଟକ ଏକାଡେମୀ ଫେଲୋଶିପ୍ (ଏକାଡେମୀ ରତ୍ନ)' ପାଇଁ ୧୦ଜଣଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ସରୋଜା ବୈଦ୍ୟନାଥନ୍, ସଦାନାମ କ୍ରିଷ୍ଣନ୍ କୁଟ୍ଟୀ, ଦର୍ଶାନନ୍ ଝାଭେରୀ, ଛନ୍ନୁଲାଲ ମିଶ୍ର, ଏ. କେ. ସି. ନଟରାଜନ୍, ସ୍ୱପ୍ନା ଚୌଧୁରୀ, ମାଳିନୀ ରାଜୁର୍‌କାର, ଟି. ଭି. ଗୋପାଳକ୍ରିଷ୍ଣନ୍, ତିଜାନ ବାଈ ଓ ଭରତ ଗୁପ୍ତ। ଏମାନଙ୍କୁ ୩ଲକ୍ଷ ଲେଖାଏ ଅର୍ଥରାଶିର ଫେଲୋଶିପ ଦିଆଯିବ। ଏ ନେଇ ଏକାଡେମୀ ସଚିବ ଅନିମେଶ ପି.ରଞ୍ଜନ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ଯୁକ୍ତ୨ ପରୀକ୍ଷା: ୨୮ରେ ସରିବ ଫର୍ମପୂରଣ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

୨୦୨୩ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଲାଗି ଫର୍ମ ପୂରଣ ପ୍ରକ୍ରିୟା (ଫାଇନ୍) ଆସନ୍ତା ୨୮ ତାରିଖରେ ଶେଷ ହେବ। ରେଗୁଲାର, ଏକ୍ସରେଗୁଲାର ପରୀକ୍ଷାର୍ଥୀଙ୍କ ଲାଗି ବିନା ଜରିମାନାରେ ଫର୍ମ ପୂରଣ ଗତ ୧୪ରୁ ଆରମ୍ଭ ହୋଇ ୨୨ ତାରିଖରେ ସରିଥିଲା। ଫର୍ମପୂରଣ ଫି' ଥିଓରୀ ଲାଗି ୫୨୦ ଟଙ୍କା ଏବଂ ପ୍ରାକ୍ଟିକାଲ ବିଷୟ ଲାଗି ୪୦ଟଙ୍କା ଧାର୍ଯ୍ୟ ହୋଇଥିଲା। ତେବେ ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ଫର୍ମପୂରଣ ପ୍ରକ୍ରିୟାରୁ ବଞ୍ଚିତ ହୋଇଥିଲେ ସେମାନଙ୍କ ଲାଗି ଜରିମାନା ବା ଫାଇନ୍ ସହ ଫର୍ମ ପୂରଣ କରିବାକୁ ସୁଯୋଗ ଦିଆଯାଇଛି। ଏହି ଜରିମାନା ରହିତ ଫର୍ମପୂରଣ ପ୍ରକ୍ରିୟା ଆସନ୍ତା ୨୮ ତାରିଖରେ ଶେଷ ହେବ। ଜରିମାନା ବାବଦରେ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ୪୫୦ ଟଙ୍କା ପୈଠ କରିବାକୁ ପଡୁଛି। ତେବେ ଫର୍ମପୂରଣ ପ୍ରକ୍ରିୟା ଶେଷ ହେବାପରେ କେଉଁ କଲେଜ କେଉଁ ଦିନ ଯୁକ୍ତ୨ ପରିଷଦରେ ଫର୍ମ ଜମା କରିବେ, ସେନେଇ ସମସ୍ତ ଜୁନିୟର କଲେଜର ଅଧ୍ୟକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଅନ୍ୟପକ୍ଷରେ ସେଣ୍ଟ୍ରାଲ ଜୋନ୍, ବାରିପଦା, ବ୍ରହ୍ମପୁର ଏବଂ ସମ୍ବଲପୁର ଜୋନ୍ ଲାଗି ଡକ୍ୟୁମେଣ୍ଟ ଜମା କରିବାର ତାରିଖ ଡିସେମ୍ବର ୫ରୁ ଆରମ୍ଭ ହୋଇ ଡିସେମ୍ବର ୧୪ରେ ଶେଷ ହେବ ବୋଲି ଧାର୍ଯ୍ୟ ହୋଇଛି। ନିର୍ଦ୍ଧାରିତ ତାରିଖ ଧାର୍ଯ୍ୟ ସମ୍ପର୍କରେ ପ୍ରରୀକ୍ଷା ନିୟନ୍ତ୍ରକ ଅଧ୍ୟକ୍ଷମାନଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି।






ଆଗରୁ ଯାହା ସବୁ ଦେଖାଯାଇଛି – ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି– ଆଗରୁ ଯାହାସବୁ ଗଠନ କରାଯାଇଛି ସେସବୁକୁ ପଛରେ ପକାଇ ଦିଅ । ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ। ବାସ– ଏତିକି।–ଶ୍ରୀମା

# ରାଜ୍ୟରେ ବେଶି, କେନ୍ଦ୍ରରେ କମ୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରରେ ଆଇପିଏସ୍ ଅଧିକାରୀଙ୍କ ଅଭାବ ଲାଗିରହିଛି। ରାଜ୍ୟଗୁଡ଼ିକ ଅଧିକ ସଂଖ୍ୟକ ଅଧିକାରୀଙ୍କୁ ଡେପୁଟେଶନରେ ନ ପଠାଇବା ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ମୋଦି ସରକାର ଲଗାତର ଅଭିଯୋଗ କରିଆସୁଛନ୍ତି। ଏପରିକି ଭାଜପା ଶାସିତ ରାଜ୍ୟଗୁଡ଼ିକ ଡେପୁଟେଶନ କୋଟା ପୂରଣ କରିବାରେ ବିଫଳ ହୋଇଛି। ଅନେକ ରାଜ୍ୟରେ ପୋଲିସ ବ୍ୟବସ୍ଥାର ଉପର ର୍‍ୟାଙ୍କ୍‌ରେ ଅଧିକ ଅଧିକାରୀ ଥିଲେ ବି ଉତ୍ତରପ୍ରଦେଶ(ୟୁପି)ରେ ଅନ୍ୟମାନଙ୍କ ତୁଳନାରେ ସର୍ବାଧିକ ଅତିରିକ୍ତ ମହାନିର୍ଦ୍ଦେଶକ(ଏଡିଜି) ଏବଂ ମହାନିର୍ଦ୍ଦେଶକ(ଡିଜି) ର୍‍ୟାଙ୍କ୍ ଅଧିକାରୀ ଅଛନ୍ତି। ଏବେ ଯୋଗୀ ଆଦିତ୍ୟନାଥ ସରକାରରେ ୭୮ ଜଣ ଡିଜି ଓ ଏଡିଜି କାର୍ଯ୍ୟ କରୁଛନ୍ତି ; ଯେଉଁଠି ଏମାନଙ୍କ ନିର୍ଦ୍ଧାରିତ ସଂଖ୍ୟା ୨୮ । ସରକାରୀ ତଥ୍ୟ ଅନୁଯାୟୀ, ୟୁପିର ୭ଟି ମଞ୍ଜୁରିପ୍ରାପ୍ତ ଡିଜି ପଦବୀ ରହିଥିଲେ ମଧ୍ୟ ୧୫ ଡିଜି କାର୍ଯ୍ୟ କରୁଛନ୍ତି। ସେହିଭଳି ମଞ୍ଜୁରିପ୍ରାପ୍ତ ୨୧ଟି ଏଡିଜି ପଦବୀ ଥିଲେ ବି ଏବେ ରାଜ୍ୟରେ ୬୩ ଏଡିଜି କାର୍ଯ୍ୟରତ। ଅନ୍ୟପକ୍ଷରେ ୟୁପିରେ ଅଧିକ ଆଇଜି ଏବଂ ଡିଆଇଜି ର୍‍ୟାଙ୍କ ଅଧିକାରୀ ନାହାନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍ଏଚ୍ଏ) ସୂତ୍ରରୁ ପ୍ରକାଶ ଯେ, କେନ୍ଦ୍ରରେ ସମସ୍ତ ପୋଲିସ ସଂଗଠନ, ସଂସ୍ଥା ଓ ସୁରକ୍ଷା ବଳରେ ଡିଜି ଓ ଏଡିଜି ର୍‍ୟାଙ୍କର ଅଧିକାରୀମାନଙ୍କ ପାଇଁ ପ୍ରତ୍ୟେକଟିରେ କେବଳ ୨ଟି ଲେଖାଏ ପଦବୀ ଖାଲି ଅଛି। କିନ୍ତୁ ଡିଆଇଜି ଓ ଆଇଜି ପଦବୀଗୁଡ଼ିକ ପାଇଁ ଯଥାକ୍ରମରେ ୯୦ ଓ ୩୦ ଅଛି ବୋଲି ତଥ୍ୟରୁ ସ୍ପଷ୍ଟ ହୋଇଛି। ଏଥିରୁ ବୁଝାପଡୁଛି, ଦୁର୍ବଳ କ୍ୟାଡର ସଞ୍ଚାଳନ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ। ରାଜ୍ୟଗୁଡ଼ିକରେ ପୋଲିସ ବ୍ୟବସ୍ଥାରେ ଅଧିକ ସଂଖ୍ୟକ ଅଧିକାରୀ ଥିବାବେଳେ ମଧ୍ୟମ ର୍‍ୟାଙ୍କରେ ଖାଲିଥିବା ପଦବୀଗୁଡ଼ିକୁ ପୂରଣ କରିବାରେ କେନ୍ଦ୍ର ସକ୍ଷମ ହୋଇ ନାହିଁ।

### ପିଏମ୍ଓରୁ ପ୍ରସ୍ଥାନ

ଗତ ମାସରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ରୁ ଆଇଏଏସ୍ ଅଧିକାରୀ ପି.ଅମୁଧା ତାଙ୍କ ମୂଳ କ୍ୟାଡରକୁ ସମୟପୂର୍ବରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ପିଏମ୍ଓରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କର ଏଭଳି ପ୍ରତ୍ୟାବର୍ତ୍ତନ ରହସ୍ୟ ଜଣାପଡ଼ି ନ ଥିଲା। ଏହି ଅଧ୍ୟାୟକୁ ନେଇ ସବୁଠୁ ରୋଚକ କଥା ରହିଛି। ଅମୁଧା ଦକ୍ଷିଣ ଭାରତର ଜଣେ ପ୍ରତିଭାସମ୍ପନ୍ନ ଆଇଏଏସ୍ ଅଧିକାରୀ ଓ ତାଙ୍କୁ ୨୦୨୦ ଜୁଲାଇରେ ପିଏମ୍ଓରେ ସଫଳତା ଦେବା ଭଳି ଏକ ପଦବୀ ପାଇଁ ଚୟନ କରାଯାଇଥିଲା। ତାଙ୍କ ନିକଟରେ ସଫଳତା ଦେବା ଭଳି ଦକ୍ଷତା ବି ଥିଲା ଓ ସେ ସେହି ଦିଗରେ ଅଗ୍ରସର ହେଉଥିଲେ। କିନ୍ତୁ ୧୪ ମାସ ପରେ ସେ କେନ୍ଦ୍ର କୃପାଦୃଷ୍ଟିରୁ ବାହାର ହୋଇଯାଇଛନ୍ତି। ତାଙ୍କ ପ୍ରତ୍ୟାବର୍ତ୍ତନର କିଛି ମାସ ପରେ ହିଁ କଥା ବାହାରକୁ ଆସିଛି। କଥା ହେଉଛି, ତାଙ୍କ ସ୍ୱାମୀ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶମ୍ଭୁ କାଲୋଲିକର ସିଭିଲ ସର୍ଭିସ ଛାଡ଼ି ଏକ ରାଜନୈତିକ ଦଳରେ ଯୋଗ ଦେବା ଲାଗି ଚାହୁଁଥିଲେ ; ଯେଉଁଥିପାଇଁ ଅମୁଧା ପ୍ରତ୍ୟାବର୍ତ୍ତନ କରିଥିଲେ ବୋଲି କୁହାଯାଉଛି । ଏବେ କାଲୋଲିକର ସର୍ଭିସରୁ ସ୍ୱେଚ୍ଛାକୃତ ଅବସର ନେବା ଲାଗି ଆବେଦନ କରିଥିବାରୁ ଏହି କଥା ନିଶ୍ଚିତ ହୋଇଛି। କାଲୋଲିକର କଂଗ୍ରେସ ଦଳରେ ଯୋଗ ଦେଇ ତାଙ୍କ ରାଜ୍ୟ କର୍ନାଟକ ବିଧାନସଭା ନିର୍ବାଚନରେ ଲଢିବେ ବୋଲି ଗୁଞ୍ଜରଣ ସୃଷ୍ଟି ହୋଇଛି ଓ ଏହା ଦୀର୍ଘଦିନ ହେବ ହୋଇଆସୁଛି । ଗୋଟିଏ ଗୋଷ୍ଠୀର ବାବୁମାନେ ଅନୁଭବ କରୁଥିଲେ ଯେ, କାଲୋଲିକର ଭାଜପା ଶତ୍ରୁ ଭାବେ ପରିଚିତ କଂଗ୍ରେସ କିମ୍ବା ଅନ୍ୟ ଅଣ ଭାଜପା ଦଳରେ ଯୋଗଦେବାର ରାଜନୈତିକ ଆକାଂକ୍ଷା ରଖିଥିବାବେଳେ ତାଙ୍କ ସ୍ତ୍ରୀ ଅମୁଧା ପିଏମ୍ଓରେ କାର୍ଯ୍ୟକରିବା ସରକାରଙ୍କ ପାଇଁ ଅକଳିଆ ଏବଂ ଲଜ୍ଜାଜନକ ହୋଇଥାଆନ୍ତା। ଏଣୁ ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ରାଜନୈତିକ ଅଭିଳାଷ ପାଇଁ କିଛି ତ୍ୟାଗ କଲେ କି ? ତାମିଲନାଡୁରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ପାଇଁ କାର୍ଯ୍ୟ କରିଥିବା ଜଣେ ସଚ୍ଚୋଟ ଅଧିକାରୀ ତଥା ଦିଲ୍ଲୀରେ ଉଚ୍ଚ ସ୍ତରରେ କାର୍ଯ୍ୟ କରିବାକୁ ଆଗଉଥିବା ଅମୁଧାଙ୍କ ତ୍ୟାଗର ମୂଲ୍ୟ ରହିବ ବୋଲି ଆଶା।

### ପ୍ରସାରଭାରତୀର ନୂଆ ସିଇଓ

ଦୀର୍ଘଦିନର ଅନିଶ୍ଚୟତାରେ ଅନ୍ତ ଘଟାଇ ସରକାର ଶେଷରେ ୧୯୯୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଗୌରବ ଦ୍ୱିବେଦୀଙ୍କୁ ପ୍ରସାରଭାରତୀର ନୂଆ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର(ସିଇଓ) ଭାବେ ନିଯୁକ୍ତ କରିଛନ୍ତି। ଶଶୀଶେଖର ଭେମ୍ପତିଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଜୁନ୍‌ରୁ ଏହି ପଦବୀ ଖାଲି ପଡ଼ିଥିଲା ଓ ମୟଙ୍କ କୁମାର ଅଗ୍ରୱାଲା ସିଇଓ ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିଲେ। ଜଣାପଡ଼ିଛି, ଚଣ୍ଡିଗଡ଼ କ୍ୟାଡର ଅଧିକାରୀ ଦ୍ୱିବେଦୀ ଆଇଏଏସ୍‌ରୁ ଇସ୍ତଫା ନ ଦେଇ ଜଣେ ସିଭିଲ୍ ସର୍ଭାଣ୍ଟର ଅଧିକାର ଆଧାରରେ ସିଇଓ ପଦବୀରେ ରହିବେ । ପୂର୍ବରୁ ଭେମ୍ପତିଙ୍କ ଉତ୍ତରାଧିକାରୀ କିଏ ହେବେ କିମ୍ବା କେନ୍ଦ୍ର ଅଗ୍ରୱାଲାଙ୍କୁ ପୂର୍ଣ୍ଣକାଳୀକ ସିଇଓ ଭାବେ ନିଯୁକ୍ତ ଦେବେ କି ନାହିଁ ତାହାକୁ ନେଇ ଗୁଞ୍ଜରଣ ଉଠିଥିଲା। କିନ୍ତୁ ୫ ବର୍ଷ ପାଇଁ ଦ୍ୱିବେଦୀଙ୍କୁ ନିଯୁକ୍ତ କରାଯାଇଥିବାରୁ ଏହା ଥମି ଯାଇଛି। ସିଲେକ୍‌ସନ କମିଟି ଦ୍ୱାରା ୫ ଜଣଙ୍କ ନାମ ଏହି ପଦବୀ ଲାଗି ବିଚାରକୁ ନିଆଯାଇଥିଲା। କେନ୍ଦ୍ର ତା'ଯୋଜନାକୁ ଗୁପ୍ତ ରଖି ଶୀଘ୍ର ଜଣଙ୍କ ନାମ ଘୋଷଣା କରିବାକୁ ପ୍ରାୟତଃ ସ୍ଥିର କରିଥିଲା, କିନ୍ତୁ ସରକାରଙ୍କ ଚୟନ ବିରୋଧରେ ଜଣେ ବରିଷ୍ଠ ବାବୁଙ୍କ ଅଭିଯୋଗକୁ ଆଧାରକରି ସରକାର ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର କରିନେଇଥିଲେ। ଏବେ ଦ୍ୱିବେଦୀଙ୍କ ଚୟନ ଏକବାର ସ୍ୱଚ୍ଛ। ସେ ପ୍ରଶାସନରେ ତାଙ୍କ କାର୍ଯ୍ୟଦକ୍ଷତା ଲାଗି ପ୍ରଧାନମନ୍ତ୍ରୀଙ୍କ ପୁରସ୍କାର ପାଇଛନ୍ତି ଓ ମସୌରିସ୍ଥିତ ଆଇଏଏସ୍ ଟ୍ରେନିଂ ଏକାଡେମୀର ପ୍ରଶିକ୍ଷକ ରହିଛନ୍ତି।

Email: dilipcherian@gmail.com

# ରାଗିଂ ନା ହିଂସା ବିଳାସ



ଶୈଳେନ୍ଦ୍ର ଦ୍ୱିବେଦୀ

ନିକଟରେ ରାଗିଂ ଅଭିଯୋଗରେ ଗଞ୍ଜାମ ପୋଲିସ କିଛି ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୧୨ ଜଣ ଛାତ୍ରଙ୍କୁ କଲେଜରୁ ବହିଷ୍କୃତ କରାଯାଇଛି। ସମ୍ପୃକ୍ତ କଲେଜର ଅଧ୍ୟକ୍ଷ କହିଛନ୍ତି, ରାଗିଂ ସମ୍ପର୍କିତ ଭିଡିଓ ଭାଇରାଲ ହେବା ପରେ ଅଭିଯୁକ୍ତଙ୍କ ପରିଚୟ ନେଇ ଆଉ ଦ୍ୱନ୍ଦ୍ୱ ନାହିଁ ଏବଂ ସେମାନଙ୍କୁ ବହିଷ୍କୃତ କରିବା ନିଷ୍ପତ୍ତି ଶୃଙ୍ଖଳା କମିଟି ନେଇଛି। ଏଣେ ପୋଲିସ କର୍ତ୍ତୃପକ୍ଷ କହିଛନ୍ତି, ଘଟଣାର ଦିନକ ପରେ ଖଲ୍ଲିକୋଟ ଜୁନିୟର କଲେଜରେ ଆଉ ଏକ ରାଗିଂ ଘଟଣା ଦୃଷ୍ଟିକୁ ଆସିଛି।

ମୂଳତଃ 'ରାଗିଂ' ପଶ୍ଚିମା ସଂସ୍କୃତିର ଅଂଶ, ଯାହା ଅତୀତରେ ବରିଷ୍ଠ ଓ କନିଷ୍ଠମାନଙ୍କ ମଧ୍ୟରେ ପାରସ୍ପରିକ ବିଚାର-ବିମର୍ଶ ଭାବରେ ଆରମ୍ଭ ହୋଇଥିଲା, ଯାହା ବିଶୁଦ୍ଧ କୌତୁକ ବି ଥିଲା। ତାହା ସମୟ କ୍ରମେ ଅମାନବିକ ଏବଂ ନୃଶଂସ ବ୍ୟବହାରରେ ରୂପାନ୍ତରିତ ହୋଇଛି। ଦେଶ ବିଦେଶରେ କିଛି ମର୍ଯ୍ୟାଦାବନ୍ତ ଶିକ୍ଷାନୁଷ୍ଠାନ ରାଗିଂ ଘେରରୁ ମୁକ୍ତ ନୁହେଁ। ସମାଜଶାସ୍ତ୍ରୀମାନେ କହନ୍ତି, ରାଗିଂର ରହିଛି ଦୀର୍ଘ ସାମାଜିକ, ଶାରୀରିକ ଓ ରାଜନୈତିକ ପ୍ରସ୍ଥ। କେବଳ ଭାରତରେ ନୁହେଁ, ସାରା ପୃଥିବୀରେ ରାଗିଂ ନିଷେଧ ପାଇଁ ଆଇନ / ନିର୍ଦ୍ଦେଶନାମା ରହିଛି। ଯାହା ଏକ ଶିକ୍ଷାନୁଷ୍ଠାନରେ ଜଣେ ଛାତ୍ର ବା ଜଣେ ଛାତ୍ରୀକୁ ମାନସିକ/ଶାରୀରିକ ନିର୍ଯାତନା ଦେବ, ଭୟ ଉଦ୍ରେକ କରିବ, ଜଣଙ୍କୁ ଇଚ୍ଛା ବିରୋଧରେ କିଛି କରିବା ପାଇଁ ବାଧ୍ୟ କରିବ, ତାହା ଦଣ୍ଡନୀୟ। ଶିକ୍ଷାନୁଷ୍ଠାନ ବା ସମ୍ପୃକ୍ତ ରାଜ୍ୟ ସରକାରଙ୍କର ଆଇନ/ବିଧି ବ୍ୟବସ୍ଥା ଅନୁସାରେ ଓ ଭାରତୀୟ ପିଙ୍ଗଳ କୋଡର ବିଭିନ୍ନ ଧାରାରେ ରାଗିଂ ପାଇଁ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୨୦୦୯ରେ ରାଗିଂକୁ ନେଇ ନୀତି ନର୍ଦ୍ଧାରଣ କରିଛନ୍ତି। ସେଇ ମର୍ମରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ 'ଆଣ୍ଟି ରାଗିଂ' କମିଟି ଗଠନ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, କେରଳ ବିଶ୍ୱବିଦ୍ୟାଳୟ ବନାମ କାଉନସିଲ ଅଧ୍ୟକ୍ଷ ଏବଂ ଅନ୍ୟମାନଙ୍କ ମାମଲାରେ ୨୦୦୭ରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ, ଯାହାର ଅନୁପାଳନ ପରବର୍ତ୍ତୀ ସମୟରେ ହେଉଥିଲେ ହେଁ ସ୍ଥିତିରେ ଲକ୍ଷଣୀୟ ସୁଧାର ନାହିଁ। ୨୦୧୭ରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ (ମେଡିକାଲ କଲେଜ ଓ ଇଞ୍ଜିନିୟରିଙ୍ଗ କଲେଜ ଅନ୍ତର୍ଭୁକ୍ତ) ଅନ୍ତତଃ ୪୦ ପ୍ରତିଶତ ଛାତ୍ର ରାଗିଂର ଶିକାର ହୁଅନ୍ତି। ଗବେଷକଙ୍କ ମତ, ଭାରତରେ ରାଗିଂ ପ୍ରାକ୍-ସାଧୀନତା କାଳରୁ ରହିଛି। ଇଂରେଜମାନେ ଆର୍ମି କଲେଜରେ ଏହା ଆରମ୍ଭ କରିଥିଲେ ମୃଦୁ ପରିହାସ ଭାବରେ। ୧୯୬୦ ପର୍ଯ୍ୟନ୍ତ ରାଗିଂ ସହିତ ହିଂସାକାଣ୍ଡ ସଂପୃକ୍ତ ନ ଥିଲା, କିନ୍ତୁ ୧୯୮୦ ମସିହା ବେଳକୁ ଏହା ରୀତିମତ ହିଂସ୍ର ବ୍ୟବହାରର ରୂପ ନେଲା। ୧୯୯୦ ବେଳକୁ ଘରୋଇ ମେଡିକାଲ ଏବଂ ଇଞ୍ଜିନୟରିଙ୍ଗ କଲେଜଗୁଡ଼ିକରେ ରାଗିଂର ପ୍ରଚଣ୍ଡ ପ୍ରଭାବ ବାରିହୋଇ ପଡୁଥିଲା। ୧୯୯୭ରେ ସର୍ବାଧିକ ରାଗିଂ ଘଟଣା ରେକର୍ଡ ହୋଇଥିଲା ତାମିଲନାଡୁରେ ଏବଂ ଏହା ପ୍ରଥମ ରାଜ୍ୟ ଯାହା ରାଗିଂକୁ ନିଷିଦ୍ଧ କରିଛି। ୨୦୦୧ରେ ସୁପ୍ରିମକୋର୍ଟ ରାଗିଂ 'ବେଆଇନ' ବୋଲି ସ୍ପଷ୍ଟ କରିଥିଲେ।



ପ୍ରାଚୀନ ଗ୍ରୀସ୍‌ରେ ସପ୍ତମ ଶତାବ୍ଦୀ ଶେଷ ଆଡକୁ ରାଗିଂର ପ୍ରଚଳନ ଥିଲା। ସେତେବେଳେ ଏହାର ଏକ ସାମାଜିକ ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଏ। ପୁରୁଣା ଖେଳାଳିମାନେ ନୂଆ ଖେଳାଳିମାନଙ୍କ ସହିତ ଥଟ୍ଟା ମଜା କରିବେ, ଯାହା ନୂଆ ଖେଳାଳିମାନଙ୍କୁ କିଛିମାତ୍ରାରେ ଅପମାନିତ କରିପାରେ, କିନ୍ତୁ ଟିମ୍‌ରେ ମିଶିବା ପାଇଁ ଏବଂ ସେମାନଙ୍କ ମନୋବଳ ଦୃଢ଼ କରିବା ପାଇଁ ଉତ୍ସାହିତ କରିବ। ଖେଳକୁଦର ମୈଦାନରୁ ରାଗିଂ କ୍ରମେ ସମ୍ପ୍ରସାରିତ ହୋଇଥିଲା ସୈନ୍ୟବାହିନୀକୁ ଏବଂ ପରେ ଶିକ୍ଷାନୁଷ୍ଠାନଗୁଡ଼ିକୁ। ୧୮୦୦ ଆଡକୁ ସିଧାସଳଖ ମାନବ ଅଧିକାରର ଉଲ୍ଲଂଘନ ବୋଲି ସାବ୍ୟସ୍ତ ହେଲା। ରାଗିଂ ଯୋଗୁ ପ୍ରଥମ ମୃତ୍ୟୁ ରେକର୍ଡ ହୋଇଥିଲା ନ୍ୟୁୟର୍କରେ ୧୮୭୩ରେ। ପ୍ରଥମ ବିଶ୍ୱ ଯୁଦ୍ଧ ପରେ ସ୍ଥିତି ଆହୁରି ଖରାପ ହେଲା।

ମନସ୍ତତ୍ତ୍ୱବିତ୍‌ଙ୍କ ମତ, ରାଗିଂରେ ବରିଷ୍ଠ ଛାତ୍ରମାନେ ଏକ ଭିନ୍ନ ଧରଣର କର୍ତ୍ତୃତ୍ୱ ଜାହିର କରନ୍ତି କନିଷ୍ଠମାନଙ୍କ ଉପରେ। ଯେତେବେଳେ ଉପର ବ୍ୟାଚର ପିଲା ତା' ତଳ ବ୍ୟାଚ ପିଲାକୁ କ୍ୟାଣ୍ଟିନରୁ କଫି କି କୋକାକୋଲା ଆଣିବାକୁ କୁହେ ଏବଂ କନିଷ୍ଠ ଜଣକ ତାହା ପାଳନ କରେ ସେତେବେଳେ ବରିଷ୍ଠ ଜଣକ ମନେକରେ ତା'ର ପ୍ରଭୁତ୍ୱ ସାବ୍ୟସ୍ତ ହୋଇଛି, କିନ୍ତୁ ରାଗିଂ ଏହି ସ୍ତରରେ ଅଟକି ରହେ ନାହିଁ। କନିଷ୍ଠ ଉପରକୁ ପ୍ରତିକ୍ରିୟାଶୀଳ ହୁଏ ତ ମନେ ହୋଇ ନ ପାରେ, କିନ୍ତୁ ବରିଷ୍ଠର ହୁକୁମ ମାନି କ୍ୟାଣ୍ଟିନରୁ କଫି ଆଣିବାକୁ ସହଜରେ ସେ ଗ୍ରହଣ କରିପାରେ ନାହିଁ। ଭାବେ, ଆସନ୍ତା ବର୍ଷ ଯେତେବେଳେ ତଳ କ୍ଲାସ ପିଲାଙ୍କୁ ରାଗିଂ କରିବା ସୁଯୋଗ ତା' ପାଇଁ ମିଳିବ ସେ ପ୍ରତିଶୋଧ ନେବ। ଏକାଧିକ ଅଧ୍ୟୟନ ଇଙ୍ଗିତ କରିଛି, ଏକଦା ପରିହାସ ସ୍ତରରୁ ଉଦ୍ଭବ ରାଗିଂ ରୀତିମତ ଏକ ହିଂସ୍ର କାର୍ଯ୍ୟକ୍ରମରେ ପରିଣତ ହୋଇଛି। ଏଇ କେଇମାସ ଭିତରେ ଓଡ଼ିଶାରେ ରାଗିଂକୁ ନେଇ ଅନ୍ତତଃ ୨ ଜଣଙ୍କ ମୃତ୍ୟୁ ରେକର୍ଡ ହୋଇଛି। ଜୁଲାଇ ୨୦୨୨ରେ ବିଜେବି ସ୍ୱୟଂଶାସିତ କଲେଜରେ ଜଣେ ଛାତ୍ରୀ ରାଗିଂର ଶିକାର ହୋଇ ଆତ୍ମହତ୍ୟା କରିଥିଲେ ଏବଂ ପୂର୍ବରୁ ଏପ୍ରିଲରେ ଭୀମ ଭୋଇ ମେଡିକାଲ କଲେଜରେ ଜଣେ ଛାତ୍ର ମଧ୍ୟ ଆତ୍ମହତ୍ୟା କରିଥିଲେ। ଉଭୟ ମାମଲାର ଅଭଯୋଗ ସମାନ ଥିଲା – ସେମାନେ ବରିଷ୍ଠ ଛାତ୍ରମାନଙ୍କ ଦ୍ୱାରା ନିର୍ଯାତିତ। ସେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା, ଓଡ଼ିଶା ସବୁବେଳେ ଦେଶର ପ୍ରଥମ ୫ଟି ରାଜ୍ୟ ଭିତରେ ରହୁଛି, ଯେଉଁଠି ରାଗିଂ ସର୍ବାଧିକ। ରାଜ୍ୟ ସରକାର ଆଣ୍ଟି ରାଗିଂ ସେଲ ପ୍ରତି ଶିକ୍ଷାନୁଷ୍ଠାନରେ ଗଠନ କରିଛନ୍ତି। ତେବେ କଲେଜ କର୍ତ୍ତୃପକ୍ଷ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଢିଲା। ଆନ୍ଧ୍ରପ୍ରଦେଶ, କର୍ଣାଟକ, ଉତ୍ତରପ୍ରଦେଶ, ଛତିଶଗଡ଼, ତ୍ରିପୁରା, ତାମିଲନାଡୁ, ଆସାମ, କେରଳ, ପଶ୍ଚିମବଙ୍ଗ, ଗୋଆ ଏବଂ ଜମ୍ମୁ ଓ କଶ୍ମୀରରେ ରାଗିଂ ନିଷେଧ ପାଇଁ ସମ୍ପୃକ୍ତ ରାଜ୍ୟ ସରକାର ଆଇନ ଆଣିଥିଲେ ହେଁ ଆଖିଦୃଶିଆ ଉନ୍ନତି ନାହିଁ। ୟୁଜିସି ତଥ୍ୟ ମୁତାବକ ୨୦୨୧ରେ ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ ୫୧୧ଟି ରାଗିଂ ଘଟଣା ରେକର୍ଡ ହୋଇଥିବା ବେଳେ ୨୦୨୦ରେ ଏହି ସଂଖ୍ୟା ଥିଲା ୨୧୯। ଗବେଷକମାନେ କହନ୍ତି, ହିଂସା ଅସ୍ୱାଭାବିକ ଭାବରେ ଆମର ଜୀବନଧାରାରେ ଯେମିତି ପରିବର୍ତ୍ତିତ ହେଉଛି!

ମୋ–୯୪୩୭୧୩୭୦୬୦

# ସମୀକ୍ଷା କରିବାର ଅଛି



ଉପେନ୍ଦ୍ର ବିଶ୍ୱାଳ

ରାଷ୍ଟ୍ରର ସମୃଦ୍ଧି ଓ ସୁପରିଚାଳନା ପାଇଁ ନିହାତି ଲୋଡ଼ା ନୀତିନିୟମ, ବିଧିବିଧାନ, ଆଚାର ସଂହିତା। ସେଥିପାଇଁ ତିଆରି ହୁଏ ସମ୍ବିଧାନ। ବିଶିଷ୍ଟ ଦାର୍ଶନିକ ପ୍ଲାଟୋଙ୍କ ଅନୁଯାୟୀ, "ଉତ୍ତମ ପାଳନପୋଷଣ ଏବଂ ଉତ୍କୃଷ୍ଟ ଶିକ୍ଷା ପାଇଁ ଦେଶରେ ଉତ୍ତମ ସମ୍ବିଧାନ ପ୍ରଥମେ ତିଆରି କର।" ଅର୍ଥାତ ଉତ୍କୃଷ୍ଟ ରାଷ୍ଟ୍ର ଗଠନ କରିବାକୁ ହେଲେ ଉତ୍ତମ ସମ୍ବିଧାନ ଜରୁରୀ। ରାଷ୍ଟ୍ରର ଗୌରବୋଜ୍ଜ୍ୱଳ ଇତିହାସ, ଐତିହ୍ୟ, ସାଂସ୍କୃତିକ ମୂଲ୍ୟବୋଧ ଆଦିକୁ ଆଧାରକରି ରାଷ୍ଟ୍ରର ମଙ୍ଗଳ ପାଇଁ ଗଢ଼ା ଯାଇଥାଏ ନୂଆ ସମ୍ବିଧାନ ; ଯାହାକି ଗୋଟେ ଜାତିର ପ୍ରଗତି ପଥକୁ ସୁଗମ କରିଥାଏ। ଇତିହାସ ହେଉଛି ଜାତିର ଦର୍ପଣଟିଏ। ଯାହାକୁ ଦେଖି ଗୋଟେ ଜାତି ବର୍ତ୍ତମାନକୁ ସଜାଡ଼ି ନିଏ ଓ ତଦନୁଯାୟୀ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖେ ଓ ନକ୍ସା ଆଙ୍କେ। ରାଜନୀତି ଦର୍ଶନ ବି କହିଥାଏ ଠିକ୍ ଏହି କଥା – ଗୋଟିଏ ସମ୍ବିଧାନ ପଛରେ ଥାଏ ସେ ଦେଶର ପାରମ୍ପରିକ ନୈତିକ ମୂଲ୍ୟବୋଧ, ସଂସ୍କାର, ଐତିହ୍ୟ ଓ ଅତୀତର ଉତ୍କର୍ଷର ଆଭା। ଫଳରେ ସେହି ସମ୍ବିଧାନ ହିଁ ରାଷ୍ଟ୍ରକୁ ପ୍ରଭାବାନ୍ୱିତ କରିପାରିବ, ରାଷ୍ଟ୍ରକୁ ସମୁଜ୍ଜ୍ୱଳ କରିପାରିବ। ବ୍ରିଟିଶମାନଙ୍କଠାରୁ କ୍ଷମତା ହସ୍ତାନ୍ତର ହେଲା ପରେ ବିଦ୍ୱାନ୍ ବାବାସାହେବ ଆମ୍ବେଡକରଙ୍କ ନେତୃତ୍ୱରେ ଯେତେବେଳେ ତିଆରି ହେଲା ନୂଆ ସମ୍ବିଧାନ, ସେତେବେଳେ ବି ଏହି କଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସେଥିପାଇଁ ଭାରତୀୟ ସମ୍ବିଧାନର ମୂଳକପିରେ ପ୍ରତିବିମ୍ବିତ ହୋଇଛି ଭାରତର ଜୀବନ ଆଦର୍ଶ, ଇତିହାସର ସ୍ୱର୍ଣ୍ଣିମ ସ୍ମୃତି ସବୁ। ପ୍ରାୟ ପ୍ରତିଟି ପୃଷ୍ଠାରେ ବିଶିଷ୍ଟ ଚିତ୍ରଶିଳ୍ପୀ ନନ୍ଦଲାଲ ବୋଷଙ୍କ ଦ୍ୱାରା ଚିତ୍ରିତ ହୋଇଛି ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କ 'ଗୀତା ଦର୍ଶନ', ରାମାୟଣରେ ସୀତା ମାତାଙ୍କୁ ଉଦ୍ଧାର, ଭଗବାନ ବୁଦ୍ଧ ଓ ମହାବୀର ଜୈନଙ୍କ ତପସ୍ୟା, ବିକ୍ରମାଦିତ୍ୟଙ୍କ ରାଜଦରବାରର ସ୍ୱର୍ଣ୍ଣିମ ସ୍ମୃତି, ଅଶୋକଙ୍କ ଅମ୍ଳାନ କୃତି ଓ କୀର୍ତ୍ତି, ଗୁପ୍ତ ସାମ୍ରାଜ୍ୟର ସୁବର୍ଣ୍ଣ ଯୁଗର ଝଲକ, ଶିବାଜୀ–ଗୁରୁଗୋବିନ୍ଦ ସିଂହ–ଝାନ୍‌ସୀରାଣୀଙ୍କ ବୀରତ୍ୱ ଗାଥା, ଆକବରଙ୍କ କଳା-ସଂସ୍କୃତି ପ୍ରୀତି, ନେତାଜୀଙ୍କ ସଂଗ୍ରାମ, ଗାନ୍ଧିଜୀଙ୍କ ଦାଣ୍ଡିଯାତ୍ରା ଆଦିର ପ୍ରେରଣାଦାୟୀ ଚିତ୍ର। ବେଦ ବାକ୍ୟ – 'ସତ୍ୟମେବ ଜୟତେ', ରାଷ୍ଟ୍ରୀୟ ଆଦର୍ଶ ଉକ୍ତି ଭାବେ ଏବଂ 'ଯତୋ ଧର୍ମସ୍ତତୋ ଜୟଃ' – ସର୍ବୋଚ୍ଚ ନ୍ୟାୟାଳୟର ଆଦର୍ଶ ଉକ୍ତି ଭାବେ ସ୍ୱୀକୃତ। ଆମ୍ବେଡକର କହୁଥିଲେ, 'ସମ୍ବିଧାନ କେବଳ ଓକିଲମାନଙ୍କ ନଥିପତ୍ର ବା କିଛି ନିୟମାବଳୀର ସମାହାର ନୁହେଁ, ବରଂ ଏହା ହେଉଛି ଜୀବନବାହକ ଏବଂ ତାହାର ଆତ୍ମା ହେଉଛି ଗୋଟେ ଯୁଗର ଆତ୍ମା।' ଅର୍ଥାତ ସମ୍ବିଧାନଟିଏ ହେଉଛି ରାଷ୍ଟ୍ରର ଆତ୍ମା ସଦୃଶ। ଏହା ସମସ୍ତ ନାଗରିକଙ୍କର ମଙ୍ଗଳକାରକ ଓ ଯୁଗୋପଯୋଗୀ ହେବା ବିଧେୟ। ମାତ୍ର ବିଡମ୍ବନାର ବିଷୟ ହେଉଛି ସମ୍ବିଧାନ ପ୍ରଣୟନର ୭୦ବର୍ଷ ଭିତରେ ଅନ୍ୟୂନ ୧୦୫ଥର ତାହା ସଂଶୋଧିତ ହୋଇଛି ରାଜନୈତିକ ସ୍ୱାର୍ଥ ସାଧନ ପାଇଁ। ଶାସକ ଦଳ ନିଜକୁ ସୁହାଇଲା ଭଳି ସମ୍ବିଧାନର ଦୁରୁପଯୋଗ କରିଥାନ୍ତି, ସମ୍ବିଧାନର ମୌଳିକତାକୁ ଖିନ୍‌ଭିନ୍ କରିଥାନ୍ତି। ୧୯୯୧ ମସିହାର 'Places of Worship (Special Provisions)' Act, ୧୯୯୨ ମସିହାର 'National Commission for Minorities' Act, ୧୯୯୫ ମସିହାର 'Waqf' Act ଆଦି ଏକ ଏକ ଦୃଷ୍ଟାନ୍ତ ମାତ୍ର। ଯେଉଁଥିରେ ଦେଶର ନାଗରିକଙ୍କ ଭିତରେ ଅଳ୍ପସଂଖ୍ୟକ ଓ ବହୁସଂଖ୍ୟକ ଭାବେ ବିଭେଦର ବୀଜ ବପନ କରାଯାଇଛି। କେନ୍ଦ୍ର ବିରୋଧୀ ରାଜ୍ୟ ସରକାରଙ୍କୁ ବାରମ୍ବାର ବରଖାସ୍ତ କରାହୋଇଛି।



ଦେଶର ସବୁ ନାଗରିକ ସମସ୍ତେ ଏଠି ସମାନ। ସମ୍ବିଧାନ ମଧ୍ୟ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବାକୁ କହିଥାଏ। କିନ୍ତୁ ଧର୍ମ ଆଧାରରେ ଏଠି ଶିକ୍ଷା ଖସଡ଼ା ଓ ବ୍ୟବସ୍ଥା, ଅଲଗା ଅଲଗା। ଧର୍ମକୁ ଆଧାର କରି ନିୟମକାନୁନ ବି ଅଲଗା। ଗୋଟିଏ ରାଷ୍ଟ୍ରରେ ସମସ୍ତଙ୍କ ପାଇଁ ଗୋଟେ ପ୍ରକାର ଆଇନ, ଗୋଟେ ପ୍ରକାର ଶିକ୍ଷା ବ୍ୟବସ୍ଥା କାହିଁକି ପ୍ରଚଳନ ହେବନାହିଁ ? ବୈଜ୍ଞାନିକ ଅବଦୁଲ କଲାମ କେଉଁ ଧର୍ମର କେଉଁ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥାରେ ପାଠ ପଢ଼ି ବିଶ୍ୱବିଖ୍ୟାତ ହୋଇଥିଲେ ? ଜୋରଜବରଦସ୍ତ ଧର୍ମାନ୍ତରୀକରଣକୁ ତୀବ୍ର ବିରୋଧ କରି ସର୍ବୋଚ୍ଚ ନ୍ୟାୟାଳୟ ଆଜି କଡ଼ା ଟିପ୍ପଣୀ ଦେଇଛନ୍ତି ଏବଂ ରାଷ୍ଟ୍ରକୁ ଏଥିପ୍ରତି ସତର୍କ କରାଇଛନ୍ତି। ଏହିଭଳି ଅଜସ୍ର ପୀଡ଼ାରେ ଆଜି ସନ୍ତୁଳିତ ଭାରତବର୍ଷ।

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ନିଜକୁ ଟିକେ ସମୀକ୍ଷା କରିବାର ବେଳ ଆଜି ଉପନୀତ। ଦେଶର ୭୫ବର୍ଷ ତଳର ଅବସ୍ଥା ଦେଖି ସେତେବେଳେ ବିଧାନର ବ୍ୟବସ୍ଥା ହୋଇଥିଲା। ଲକ୍ଷ୍ୟ ଥିଲା ସୁଖ-ଶାନ୍ତିଭରା ଏକ ସମୃଦ୍ଧ ଭାରତ। ମାତ୍ର ଆଜି ? ଦେଶରେ କେତେଜଣ ଆଜି ସୁଖ-ଶାନ୍ତିରେ ? କିଏ ନେଇଗଲା ଆମଠୁ ସୁଖ। କେଉଁଠି ହଜିଛି ଶାନ୍ତି। ପ୍ରାୟ ସମସ୍ତେ କିଛି ନା କିଛି ପାଗଳାମିରେ ଆକ୍ରାନ୍ତ। କିଏ ସମ୍ପତ୍ତି ଲୋଭର ପାଗଳାମି ତ ଆଉ କିଏ ଭୋଗ-ବାସନାର। ପୁଣି କିଏ କ୍ଷମତା ଭୋଗର ତ ଆଉ କିଏ ପୁଣ୍ୟ ପ୍ରାପ୍ତିର ଲୋଭ। ବାହାରେ ବୁଲୁଥିବା ପାଗଳ (ଯିଏକି ବିଧାନ ଓ ସମ୍ବିଧାନ କ'ଣ ଜାଣି ନ ଥାଏ) ଓ ଆମ ଭିତରେ ବିଶେଷ କିଛି ପାର୍ଥକ୍ୟ ଥିବାର ମନେହୁଏ ନାହିଁ। ପାର୍ଥକ୍ୟ କେବଳ ଏତିକି ଯେ ଛଳନାହୀନ ଭାବେ ସେ ନିଜକୁ ଘୋଷଣା କରୁଛି ପାଗଳ ବୋଲି କିନ୍ତୁ ଆମେ ଛଳନାର ଚାଦର ପିନ୍ଧି ଘୋଷଣା କରୁଛୁ ପାଗଳ ନୁହେଁ ବୋଲି। ଠିକ୍ ଏହିକଥା ବି କୁହନ୍ତି ବିଶିଷ୍ଟ ମନସ୍ତତ୍ତ୍ୱବିତ୍‌ମାନେ। ସେମାନଙ୍କ ମତରେ ଆଜିର ସମୟରେ ଶତକଡ଼ା ଭାଗେ ବି ମିଳିବେ ନାହିଁ , ଯିଏକି ସ୍ୱାଭାବିକ ବା ମାନସିକଭାବେ ସମ୍ପୂର୍ଣ୍ଣ ସୁସ୍ଥ ଥିବେ। ବାକିସବୁ ଅସ୍ୱାଭାବିକ ଏଠି। ସମାଜ ବ୍ୟବସ୍ଥା ଆଜି ବିଧ୍ୱସ୍ତ। ମୂଲ୍ୟବୋଧ ଆଜି ମଶାଣିମୁହାଁ। ଅଜବ ପରିସ୍ଥିତି ଆଜି। ଭୌତିକ ବିକାଶରେ ମସ୍‌ଗୁଲ ମଣିଷ, ମଣିଷପଣିଆକୁ ମାରି ଚାଲିଛି। ନା ଅଛି ସମାଜ ବା ଲୋକଲଜ୍ଜାକୁ ଭୟ ନା ଭୟ ଅଛି ଆଇନକାନୁନ ଓ ଶାସନ ବ୍ୟବସ୍ଥାକୁ। ବିଜ୍ଞାନର ପ୍ରାଚୁର୍ଯ୍ୟ ଭିତରେ ହଜୁଛି ମାନବିକତା, ସମ୍ବେଦନଶୀଳତା। ଏଭଳି ସ୍ଥିତିରେ ଆଜିର ମଣିଷ ଏକ ଅସହଣୀୟ ଅବସ୍ଥାର ଦ୍ୱାର ଦେଶରେ। ଏହାର କାରଣ ହେଉଛି ଆମ ସମ୍ବିଧାନରେ ଏକ ସତ୍ୟ-ସନାତନ ମାନଦଣ୍ଡର ଅଭାବ। ଆମ ସମ୍ବିଧାନ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଉପରେ ପ୍ରାଧାନ୍ୟ ଦେଇଥିଲାବେଳେ ବ୍ୟକ୍ତି ନିର୍ମାଣ କ୍ଷେତ୍ରରେ ଉଦାସୀନ। ବ୍ୟକ୍ତିର ଭୌତିକ ପ୍ରଗତି ପାଇଁ ସମ୍ବିଧାନ ଜୋର ଦେଇଥିଲାବେଳେ ବ୍ୟକ୍ତିର ନୈତିକ ଉନ୍ନତି ପାଇଁ ନୀରବ। ବ୍ୟକ୍ତିର ଅଧିକାର ପାଇଁ ଏଠି ତୁମ୍ବିତୋଫାନ ହେଉଥିଲାବେଳେ କର୍ତ୍ତବ୍ୟ ଓ ଦାୟିତ୍ୱ ପାଇଁ କେହି ରଡ଼ି ଛାଡୁଥିବାର ଦେଖାଯାଏ ନାହିଁ। ଏଣୁ ସମୟ ଆଜି ଉପନୀତ, ଏ ସମ୍ବନ୍ଧେ ସମୀକ୍ଷା କରିବାକୁ ଏବଂ ତାହାର ବିହିତ ପ୍ରତିକାର ବ୍ୟବସ୍ଥା ଆପଣାଇବାକୁ।

ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ– ୯୪୩୭୪୩୬୦୭୩

## ଏଇ ଭାରତରେ

ପାରମ୍ପରିକ ଧାନ ବିଲୁପ୍ତ ହୋଇଯାଉଥିବା ବେଳେ ଉଚ୍ଚ ବେତନର ଚାକିରି ଛାଡ଼ି ଏହି ଚାଷ କରିବାରେ ଲାଗି ପଡ଼ିଛନ୍ତି କେରଳର ଏକ ଦମ୍ପତି। ମହମ୍ମଦ ରାଇନା ଏବଂ ତାଙ୍କ ସ୍ତ୍ରୀ ପ୍ରତିଭା ଏବେ ବିଭିନ୍ନ ପାରମ୍ପରିକ ଧାନ ଚାଷ କରି ବର୍ଷକୁ ୧୫ଟନ୍ ଧାନ ଅମଳ କରୁଛନ୍ତି। ରାଇନା ଜଣେ ମେକାନିକାଲ ଇଞ୍ଜିନିୟର ଓ ପ୍ରତିଭା ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଏଚ୍ଆର୍ ଭାବେ କାର୍ଯ୍ୟ କରୁଥିଲେ। ସେଠାରୁ ସେମାନେ ଚାକିରି ଛାଡ଼ି ସଲିମ ଅଲି ଫାଉଣ୍ଡେଶନରେ କିଛିଦିନ କାମ କରିଥିଲେ। ସେଠାରେ ପ୍ରତିଭା ସ୍ୱଳ୍ପ ଦରମାରେ କାମ କରୁଥିବାବେଳେ ରାଇନା ବିନା ପାରିଶ୍ରମିକରେ କାମ କରୁଥିଲେ। ପରେ ତାହାକୁ ଛାଡ଼ି ସେମାନେ ତ୍ରିସୁରର ଭେଲାଙ୍ଗାଲୁରରେ ୧୫ ଏକର ଜମି ଲିଜ୍ ନେଇ ଜୈବିକ ପଦ୍ଧତିରେ ପାରମ୍ପରିକ ଧାନଚାଷ ଆରମ୍ଭ କରିଥିଲେ। ଏବେ ୨୦ ଏକରରେ ଏହି ଚାଷ କରୁଛନ୍ତି। ଏହି ବିହନକୁ ସେମାନେ ଚାଷୀମାନଙ୍କୁ ଦେଇ ସେମାନଙ୍କୁ ପୁରୁଣା ଧାନଚାଷ କରିବା ଲାଗି ପ୍ରୋତ୍ସାହିତ କରୁଛନ୍ତି। କେବଳ ଏତିକି ନୁହେଁ, ସେମାନେ ଧାନରୁ ଚାଉଳ ଓ ଚାଉଳଗୁଣ୍ଡ କରି ବିକ୍ରି କରୁଛନ୍ତି। ଏହି କାର୍ଯ୍ୟରେ ସେମାନେ ଅନେକ ଶହ ଲୋକଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ନଭେମ୍ବର ୧୯୯୭**

- ଚୀନର ଏକ ଜୋତା କାରଖାନାରେ ଅଗ୍ନିକାଣ୍ଡ ଘଟି ୧୭ ଜଣ ଜୀବନ୍ତ ଦଗ୍ଧ।
- ନିର୍ବାଚନ କମିଶନ ପକ୍ଷରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି)କୁ ଜାତୀୟ ଦଳର ମାନ୍ୟତା ପ୍ରଦାନ।
- ଭାରତ ଏବଂ ସଂଯୁକ୍ତ ଆରବ ସାଧାରଣତନ୍ତ୍ର (ୟୁଏଇ) ମଧ୍ୟରେ ପ୍ରତ୍ୟର୍ପଣ, ବେସାମରିକ ତଥା ବାଣିଜ୍ୟିକ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ୩ଟି ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଯିବାକୁ ଉଠି ସତ୍ୱର
ପ୍ରସାରଇଁ ଦୁଇ କର
ନାହିଁ ନାହିଁ କରି ଫେରି
ଚଳଇ ପବନ
ତା' ବ୍ୟଥାରେ ବଥାଏ ନୟନ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | | 9 | |
| | | | | | | | 8 | |
| | 6 | | 3 | | 9 | | | |
| | | 5 | 4 | | | | | 3 |
| 7 | | | 6 | 1 | | | | |
| | 1 | 3 | | | 7 | | 2 | 4 |
| | | | | 5 | | 9 | 1 | |
| | 8 | 9 | | | | | | |
| 1 | 5 | 2 | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 2 | 3 | 9 | 1 | 7 | 5 | 4 |
| 7 | 1 | 9 | 8 | 5 | 4 | 6 | 2 | 3 |
| 3 | 5 | 4 | 7 | 2 | 6 | 9 | 1 | 8 |
| 4 | 2 | 8 | 6 | 1 | 3 | 5 | 7 | 9 |
| 1 | 7 | 6 | 9 | 8 | 5 | 4 | 3 | 2 |
| 5 | 9 | 3 | 4 | 7 | 2 | 1 | 8 | 6 |
| 6 | 8 | 5 | 1 | 3 | 9 | 2 | 4 | 7 |
| 9 | 3 | 1 | 2 | 4 | 7 | 8 | 6 | 5 |
| 2 | 4 | 7 | 5 | 6 | 8 | 3 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳା ହେଲ୍ପ ଡେସ୍କ ଖୋଲାଯାଉ

ମହାଶୟ,

ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ମହିଳା ତଥା କର୍ମଜୀବୀ ମହିଳାମାନେ ବହୁତ ସଂଖ୍ୟାରେ ଚଳପ୍ରଚଳ ହେଉଛନ୍ତି। ପ୍ରତ୍ୟେକ ଦିନ ଅନ୍ତରାଳରେ କୌଣସି ନା କୌଣସି ମହିଳା ନିର୍ଯାତନା ଅଥବା ବ୍ୟଭିଚାରର ଶିକାର ହେଉଛନ୍ତି। ଅଥଚ ସେମାନଙ୍କ ମଧ୍ୟରେ ବହୁ ମହିଳା ପ୍ରାୟ ଅଭଯୋଗ କରିବା ପାଇଁ ପଛେଇ ଯାଉଛନ୍ତି। ଏହାର ପ୍ରମୁଖ କାରଣ, ସେମାନେ ଅଧିକାଂଶ କର୍ମଜୀବୀ ମହିଳା। ସେଥିମଧ୍ୟରୁ ଅନେକ ଥାନାକୁ ଯାଇ ଅଭିଯୋଗ ପାଇଁ ସମୟ ପାଉନାହାନ୍ତି। ପରିଣାମ ସ୍ୱରୂପ ମହିଳାମାନଙ୍କ ପ୍ରତି ଅସାମାଜିକ କାର୍ଯ୍ୟକଳାପ ବଢ଼ି ବଢ଼ି ଚାଲିଛି ସିନା କମୁନାହିଁ। ଏହାର ନିରାକରଣ ପାଇଁ ସରକାର ପ୍ରତ୍ୟେକ ଛକଜାଗାରେ ମହିଳା ହେଲ୍ପ ଡେସ୍କ ସ୍ଥାପନ କରିପାରିଲେ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା ଏବଂ ଆପରାଧିକ କାର୍ଯ୍ୟକଳାପ ବହୁ ପରିମାଣରେ ରୋକାଯାଇପାରନ୍ତା।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଚିଲିକାରେ ଫସିଲା ବୋଟ୍ ପଦ୍ମାବତୀ

## ୪୦ ଯାତ୍ରୀ ଉଦ୍ଧାର

**ବାଲୁଗାଁ, ୨୫।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟ ବଡ଼କୁଳ ପାନ୍ଥନିବାସ ଜେଟିଠାରୁ କାଳିଜାଇ ମନ୍ଦିର ଅଭିମୁଖେ ଯାତ୍ରା କରୁଥିବା ପର୍ଯ୍ୟଟନ ବିଭାଗର ପଦ୍ମାବତୀ ନାମକ ଏକ ବୋଟ୍ ହଠାତ୍ ଯାନ୍ତ୍ରିକ ତ୍ରୁଟି ଯୋଗୁ ଶୁକ୍ରବାର ଚିଲିକାରେ ଫସି ରହିଥିଲା। ଫଳରେ ବୋଟ୍‌ରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ପର୍ଯ୍ୟଟନ ବିଭାଗର ଅନ୍ୟ ଏକ ବୋଟ୍ ପହଞ୍ଚି ୪୦ ଯାତ୍ରୀଙ୍କୁ ଉଦ୍ଧାର କରିଥିଲା। ସୂଚନା ମୁତାବକ, ବଡ଼କୁଳ ପାନ୍ଥନିବାସସ୍ଥିତ ଜେଟିଠାରୁ ବୋଟ୍ ପଦ୍ମାବତୀ ମଧ୍ୟାହ୍ନ ୧୨ଟା ୩୦ରେ ୪୦ ଯାତ୍ରୀଙ୍କୁ ନେଇ କାଳିଜାଇ ଅଭିମୁଖେ ବାହାରିଥିଲା। କିଛି ଦୂର ଅତିକ୍ରମ ପରେ ହଠାତ୍ ଚିଲିକାରେ ବୋଟ୍‌ର ଇଞ୍ଜିନ୍‌ଟି ଅଚଳ ହୋଇପଡ଼ିଥିଲା। ଏହାଦେଖି ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କର ଅନ୍ୟ ଏକ ବୋଟ୍ ପଠାଇ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଚଳ ବୋଟ୍‌କୁ କୂଳକୁ ଅଣାଯାଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ମରାମତି ପରେ ୪୦ ଜଣ ଯାତ୍ରୀଙ୍କୁ ଧରି ଉକ୍ତ ପଦ୍ମାବତୀ ସହ ନବଜ୍ୟୋତି ନାମକ ଅନ୍ୟ ଏକ ବୋଟ୍ ପୁନର୍ବାର କାଳିଜାଇ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଏ ନେଇ ପରିଚାଳକ କର କୁହନ୍ତି, ପଦ୍ମାବତୀ ବୋଟ୍‌ଟି ଜେଟିଠାରୁ ୩ଶହ ମିଟର ଅତିକ୍ରମ କରିବା ପରେ ମାଛଧରା ଜାଲ ଲାଗିଯିବାରୁ ଇଞ୍ଜିନ୍‌ଟି ଅଚଳ ହୋଇପଡ଼ିଥିଲା। ସଙ୍ଗେସଙ୍ଗେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସେ କହିଛନ୍ତି।


ବୋଟ୍‌ରେ ଫସି ରହିଥିବା ଯାତ୍ରୀ।

# ଯୁବକଙ୍କୁ ହତ୍ୟାକଲେ ମାଓବାଦୀ

## ପୋଲିସ ଇନ୍‌ଫର୍ମର ସନ୍ଦେହ

**ଭବାନୀପାଟଣା, ୨୫।୧୧(ସ୍ୱ.ପ୍ର.)**

କିଛିଦିନର ନୀରବତା ପରେ ପୁଣି ମାଓବାଦୀମାନେ ସକ୍ରିୟ ହୋଇଛନ୍ତି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗୁରୁବାର ରାତିରେ କଳାହାଣ୍ଡି ଜିଲା ସଦର ଥାନା ଅଧୀନ ପଞ୍ଚକୁଲା ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ମୃତକ ହେଲେ ସଦର ଥାନା ଅଧୀନ ପଞ୍ଚକୁଲା ଗାଁର ଲାଲବତି ମାଝି (୪୮)। ତେବେ ପୋଲିସ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ଲାଲବତିଙ୍କ ମୃତଦେହ ଅନ୍ତିମ ସତ୍କାର କରି ଦେଇଥିବାରୁ ପୋଲିସ ହାତରେ କୌଣସି ତଥ୍ୟ ଲାଗି ନ ଥିବା ଜଣାପଡିଛି। ଘଟଣା ପରେ ପୋଲିସ କୋମ୍ବିଂ ଅପରେଶନକୁ ଜୋରଦାର କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଲାଲବତି ନିଜ ଘରେ ଶୋଇଥିବା ବେଳେ ମାଓବାଦୀମାନେ ତାଙ୍କୁ ଟେକି ନେଇ କଟଲାଙ୍ଗ ଗାଁ ନିକଟରେ ହତ୍ୟା କରିଥିଲେ। ସେଠାରେ ମାଓବାଦୀମାନେ ପୋଷ୍ଟର ଛାଡ଼ି ଯାଇଛନ୍ତି। ସେଥିରେ ପୋଲିସକୁ ଖବର ଦେଉଥିବାରୁ ଲାଲବତିଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ଉଲ୍ଲେଖ ରହିଛି। ଏହା ସହିତ ଅଞ୍ଚଳରେ ଆଉ କିଛି ଲୋକ ପୋଲିସ ଇନଫର୍ମର ଭାବେ କାମ କରୁଛନ୍ତି ବୋଲି ମାଓବାଦୀ ଉଲ୍ଲେଖ କରିବା ସହିତ ତାଙ୍କୁ ମଧ୍ୟ କଠୋର ଦଣ୍ଡ ମିଳିବ ବୋଲି ଚେତାବନୀ ଦେଇଛନ୍ତି। ପୋଷ୍ଟରରେ ବଂଶଧର ଘୁମୁସର ନାଗାବଳି ଡିଭିଜନ ସଙ୍ଗଠନ ଉଲ୍ଲେଖ ରହିଛି। ଏହି ଘଟଣା କେବଳ କଳାହାଣ୍ଡିରେ ନୁହେଁ ବରଂ ପଶ୍ଚିମ ଓଡିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ମୃତକ ଲାଲବତିଙ୍କ ଭାଣିଜୀ କୁନି ମାଝି ଜଣେ ମାଓବାଦୀ। ସେ ଦୀର୍ଘଦିନ ଧରି ମାଓବାଦୀ କାର୍ଯ୍ୟକଳାପରେ ଜଡିତ ଅଛନ୍ତି। କୁନିଙ୍କ ପ୍ରରୋଚନାରେ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି।

# ଶ୍ରୀମନ୍ଦିରକୁ ପୋଲିସ ମୋବାଇଲ ନେବା ମନା

**ପୁରୀ ଅଫିସ, ୨୫।୧୧**

ଶ୍ରୀମନ୍ଦିର ପରିସରକୁ କୌଣସି ପୋଲିସ କର୍ମଚାରୀ ମୋବାଇଲ ଫୋନ୍ ନେଇପାରିବେ ନାହିଁ। ଶୁକ୍ରବାର ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଲ ସିଂ ଏହି କଟକଣା ଜାରି କରିଛନ୍ତି। ଶ୍ରୀମନ୍ଦିରରେ ପ୍ରବେଶ ଓ ଡ୍ୟୁଟି ସମୟରେ ପୋଲିସ କର୍ମଚାରୀମାନେ ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ। ତେବେ ବିଶେଷ କାର୍ଯ୍ୟରେ ନିୟୋଜିତ ଏବଂ ଆପାତକାଳୀନ ସେବାରେ ନିଯୁକ୍ତ ଥିବା କେତେଜଣ ଅଧିକାରୀ ମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ନେଇପାରିବେ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଶ୍ରୀମନ୍ଦିର ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ସୂଚନାଯୋଗ୍ୟ, କିଛିଦିନ ତଳେ ଶ୍ରୀମନ୍ଦିର ଗର୍ଭଗୃହ ଓ ମହାପ୍ରଭୁଙ୍କ ଫଟୋ ଜଣେ ବ୍ୟକ୍ତି ତାଙ୍କ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରି ଭାଇରାଲ କରିବା ଘଟଣା ସାମ୍ନାକୁ ଆସିଥିଲା। ସମ୍ପୃକ୍ତ ବ୍ୟକ୍ତି ଅନ୍ୟ ଦେଶର ନାଗରିକ ବୋଲି ଜଣାପଡ଼ିଥିଲା। ତେବେ ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତଙ୍କୁ କଡ଼ା ଚେକିଂ କରାଯାଇ ଶ୍ରୀମନ୍ଦିର ପରିସରକୁ ଛଡ଼ାଯାଉ ଥିବାବେଳେ ଏଭଳି ଘଟଣା କିପରି ଘଟିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ପୋଲିସ ଉପରକୁ ଅଙ୍ଗୁଳି ଉଠିଥିଲା। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯିବା ପରେ ଜିଲା ଆରକ୍ଷୀ ଅଧୀକ୍ଷକ ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ କର୍ମଚାରୀ ଶ୍ରୀମନ୍ଦିରକୁ ମୋବାଇଲ ଫୋନ ନେବା ଉପରେ କଟକଣା ଜାରି କରିଛନ୍ତି। ଶ୍ରୀମନ୍ଦିର ପରିସରରେ ନିୟୋଜିତ ଥିବା ପୋଲିସ କର୍ମଚାରୀମାନେ ଡ୍ୟୁଟି ସମୟରେ ମୋବାଇଲରେ ଗେମ୍ ଖେଳିବା ସହ କଥାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଥିଲା। ଏପରିକି ମୋବାଇଲ ନିଶାରେ ଅନେକ ପୋଲିସ କର୍ମଚାରୀ ନିଜ ଡ୍ୟୁଟିରେ ଖିଲାପ କରୁଥିବା ଅଭିଯୋଗ ହୋଇଆସୁଥିଲା। ଏ ନେଇ ଅନେକ ସମୟରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା। ପୋଲିସ କର୍ମଚାରୀମାନେ ମୋବାଇଲ ଫୋନ୍ ନେଉଥିବା ବେଳେ ସେମାନେ କାହିଁକି ନେଇପାରିବେ ନାହିଁ ବୋଲି ମଧ୍ୟ ପ୍ରଶ୍ନ କରୁଥିଲେ। ଏସବୁ ଦୃଷ୍ଟିରୁ ଶ୍ରୀମନ୍ଦିର ପରିସରକୁ ପୋଲିସ କର୍ମଚାରୀମାନେ ମୋବାଇଲ ଫୋନ ନେବା ଉପରେ କଟକଣା ଜାରି କରାଯାଇଥିବା ଜଣାପଡ଼ିଛି।























Your classified advertisement published in Dharitri will be listed free in Dharitri online edition : **www.dharitri.com**

## ସଂକ୍ଷେପରେ

### ଭେଟେରାନ କ୍ରୀଡ଼ାବିତ୍‌ଙ୍କ ପରଲୋକ

**ତାଳଚେର,୨୫।୧୧(ନି.ପ୍ର.):** ତାଳଚେରର ଭେଟେରାନ କ୍ରୀଡ଼ାବିତ୍ ତଥା ବଡ଼ଦାଣ୍ଡ ସାହିର ବାଉରିବନ୍ଧୁ ବେହେରା (୯୧)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ ଜଣେ ପୂର୍ବତନ ରାଜ୍ୟସ୍ତରୀୟ ବ୍ରିଜ୍ ଖେଳାଳି ଭାବେ ପରିଚିତ ଥିଲେ। ଏଥିସହ କିଶୋର କ୍ଲବର ବରିଷ୍ଠ ସଦସ୍ୟ ଏବଂ ସ୍ଲୋ ସାଇକେଲ ଚଳାଇବାରେ ଉତ୍ତମ ପ୍ରଦର୍ଶନ କରି ଅତୀତରେ ପରିଚିତି ହାସଲ କରିପାରିଥିଲେ। ତାଳଚେର ବ୍ଲକର ଗାଡି ଚାଳକ ଭାବେ ଚାକିରି ଜୀବନ ଆରମ୍ଭ କରି ୧୯୯୦ ମସିହାରେ ଅବସର ଗ୍ରହଣ କରିଥିଲେ। ବାଉରିବନ୍ଧୁଙ୍କ ମୃତ୍ୟୁ ଖବରପାଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ତାଳଚେରର ମଣ୍ଡାପାଳସ୍ଥିତ ଶାନ୍ତିଧାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତି, ଉପସ୍ଥିତ ଥିଲେ।



### ଧର୍ମ ପରାୟଣ ବ୍ୟକ୍ତିଙ୍କ ବିୟୋଗ

**ତାଳଚେର,୨୫।୧୧(ନି.ପ୍ର.):** ତାଳଚେର ଟାଉନ ବଡ଼ଦାଣ୍ଡ ସାହିର ତ୍ରିଲୋଚନ ମହାପାତ୍ର (୮୯)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ୪୦ ବର୍ଷ ଧରି ଅନୁକୂଳ ଚନ୍ଦ୍ରଙ୍କ ଦୀକ୍ଷିତ ଥିଲେ। ପ୍ରଥମେ ଜଣେ ସ୍ୱର୍ଣ୍ଣକାର ଭାବେ ନିଜ ଜୀବିକା ଆରମ୍ଭ କରିଥିବା ତ୍ରିଲୋଚନ ୧୯୫୨ ମସିହାରେ ଏକ କାର୍ କିଣି ବିନା ମୂଲ୍ୟରେ ଅନେକେଙ୍କୁ ସେବା ଯୋଗାଇ ପ୍ରଶଂସା ସାଉଣ୍ଟିଥିଲେ। ପରେ ରେଙ୍ଗାଲି ଡ୍ୟାମ୍‌ରେ ଜିପ୍ ଓ ସମଲ ଡ୍ୟାମ୍‌ରେ ଟ୍ରକ୍ ଚାଳକ ଭାବେ କାର୍ଯ୍ୟକରି ୧୯୯୭ ମସିହାରେ ଅବସର ନେଇଥିଲେ। ସେବେଠାରୁ ସେ ଧାର୍ମିକ କାର୍ଯ୍ୟକୁ ଆଦରି ନେଇଥିଲେ। ତାଳଚେର କୋଲସିଟି ସାମ୍ବାଦିକ ସଂଘ ସଭାପତି ମନୋଜ କୁମାର ମହାପାତ୍ରଙ୍କ ସେ ହେଉଛନ୍ତି ବାପା। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ, ବୋହୂ, ନାତୁଣୀ, ନାତି ଉପସ୍ଥିତ ଥିଲେ। ଖବର ପାଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ପହଞ୍ଚି ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ବରିଷ୍ଠ ଭାଜପା ନେତା କାଳନ୍ଦୀ ସାମଲ ଗଭୀର ଦୁଃଖ ପ୍ରକାଶ କରିଥିବାବେଳେ ତାଳଚେର ପୌର ଅଧ୍ୟକ୍ଷ ପବିତ୍ର ଭୂତିଆ, ୨ ଓ ୫ ନମ୍ବର ୱାର୍ଡର କାଉନସିଲର ପହଞ୍ଚି ଶେଷ ଦର୍ଶନ କରିଥିଲେ। ବହୁ ଖବରଦାତା, ବିଜେଡି ନେତା, ଆଇନଜୀବୀ ଶୋକ ବ୍ୟକ୍ତ କରିଛନ୍ତି।

# ସହଜ ହେବ ସମାଧାନ

- ପୌରାଞ୍ଚଳର ପ୍ରତି ୱାର୍ଡରେ ହେବ ସ୍ଥାୟୀ ୱାର୍ଡ ଅଫିସ
- ପରିଚାଳନା ଦାୟିତ୍ୱରେ ରହିବେ ଏସ୍‌ଏଚ୍‌ଜି
- ଜାନୁୟାରୀ ୨୬ରୁ ନୂଆ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ

**ଅନୁଗୋଳ ଅଫିସ, ୨୫।୧୧**




ୱାର୍ଡରେ ଥିବା ସମସ୍ୟା ନେଇ ଆଉ ଧାଇଁବାକୁ ପଡ଼ିବନି ପୌର କାର୍ଯ୍ୟାଳୟକୁ। ପୌରାଞ୍ଚଳର ପ୍ରତି ୱାର୍ଡରେ ନିର୍ମାଣ ହେବାକୁ ଥିବା ସ୍ଥାୟୀ ୱାର୍ଡ ଅଫିସ ଜରିଆରେ ସହଜରେ ଏହାର ସମାଧାନ ହୋଇପାରିବ। ଏପରି କି ନିଜ ଅଞ୍ଚଳରେ କେଉଁ ପ୍ରକାର ବିକାଶ ଆବଶ୍ୟକ ତାହା ଲୋକମାନେ ୱାର୍ଡ ଅଫିସରେ ବୈଠକ ବେଳେ ପ୍ରସ୍ତାବ ଦେଇପାରିବେ। ପୂର୍ବରୁ ଚାଲୁଥିବା ଅସ୍ଥାୟୀ ୱାର୍ଡ ଅଫିସକୁ ବନ୍ଦ କରାଯିବା ସହ ଆସନ୍ତା ଜାନୁୟାରୀ ୨୬ ତାରିଖରୁ ସ୍ଥାୟୀ ୱାର୍ଡ ଅଫିସ କାର୍ଯ୍ୟକ୍ଷମ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିବା ଅନୁଗୋଳ ପୌର କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଅନୁଗୋଳ ପୌରପାଳିକାରେ ଥିବା ୨୩ଟି ୱାର୍ଡରେ ସ୍ଥାୟୀ ଭାବେ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ କରାଯିବ। ୪୭୫ ସ୍କୋୟାରଫୁଟ ଜାଗାରେ ଏହାର ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ ସମସ୍ତ ପ୍ରକାର ବ୍ୟବସ୍ଥା ରହିବ। ଏହି କାର୍ଯ୍ୟାଳୟ ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପ୍ରଦାନ କରାଯିବ। ଯେଉଁ ଏସ୍‌ଏଚ୍‌ଜି ଏହାର ପରିଚାଳନା କରିବ, ସେଥିରୁ ଜଣେ ସଦସ୍ୟାଙ୍କୁ ୱାର୍ଡ ମ୍ୟାନେଜମେଣ୍ଟ କୋଅର୍ଡିନେଟର୍ ଦାୟିତ୍ୱ ପ୍ରଦାନ କରାଯିବ। ସେହିପରି ଏଠାରେ ଜଣେ ଲେଖାଏ ପୌର କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯିବ। ସ୍ଥାନୀୟ କାଉନସିଲରମାନେ ୱାର୍ଡ କାର୍ଯ୍ୟାଳୟରେ ରହି ୱାର୍ଡବାସୀଙ୍କ ଆପତ୍ତି ଅଭିଯୋଗ, ପରିମଳ, ଭତ୍ତା, ବିଦ୍ୟୁତ୍, ଉନ୍ନୟନ ନେଇ ଥିବା ସମସ୍ୟା ବୁଝିବା ସହ ତୁରନ୍ତ ପୌରପାଳିକାକୁ ଅବଗତ କରିବେ। ଏଥିସହ ୱାର୍ଡର ଲୋକଙ୍କୁ ନେଇ ଉକ୍ତ କାର୍ଯ୍ୟାଳୟରେ ବୈଠକ କରାଯିବ। ଲୋକଙ୍କ ମତ ଅନୁଯାୟୀ ୱାର୍ଡରେ ଉନ୍ନୟନ କାର୍ଯ୍ୟ କରିବାକୁ ଯୋଜନା ହେବ। ଆସନ୍ତା ଏକ ସପ୍ତାହ ମଧ୍ୟରେ ସମସ୍ତ ୱାର୍ଡରେ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ଆରମ୍ଭ ସହ ଜାନୁୟାରୀ ପ୍ରଥମ ସପ୍ତାହରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପୌର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ହାତ ପାଆନ୍ତାରେ ସୁବିଧା ମିଳିବ



ପ୍ରତି ୱାର୍ଡରେ ସ୍ଥାୟୀ ୱାର୍ଡ କାର୍ଯ୍ୟାଳୟ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଲୋକଙ୍କ ନିକଟରେ କିଭଳି ସୁବିଧା ପହଞ୍ଚିବ ସେ ନେଇ ଏହି ବ୍ୟବସ୍ଥା କରାଯାଉଛି। ପୂର୍ବରୁ ଅସ୍ଥାୟୀ ଭାବେ ଚାଲୁଥିବା ୱାର୍ଡ ଅଫିସ୍‌କୁ ବନ୍ଦ କରିଦିଆଯିବ। ନିଜସ୍ୱ ଗୃହରେ ଆସନ୍ତା ଜାନୁୟାରୀ ୨୬ରୁ ନୂଆ ୱାର୍ଡ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ, ଅନୁଗୋଳ

### ଆଉ ହଇରାଣ ହେବେନି ଲୋକେ



ଅନୁଗୋଳ ପୌରାଞ୍ଚଳରେ ବସବାସ କରୁଥିବା ଲୋକମାନେ ଆଉ ସମସ୍ୟାର ସମାଧାନ ପାଇଁ ହଇରାଣ ହେବେ ନାହିଁ। ଅନେକ ସମୟରେ ସେମାନେ କାର୍ଯ୍ୟାଳୟକୁ ଆସି ଅଧିକାରୀଙ୍କୁ ନ ପାଇ ନିରାଶରେ ଫେରୁଥିଲେ। ଏଣିକି ସେମାନେ ନିଜ ୱାର୍ଡରେ ହିଁ ଆପତ୍ତି ଓ ଅଭିଯୋଗ କରିପାରିବେ।

-ଶଙ୍କର ସେଠୀ, କାଉନସିଲର, ୧୮ନଂ. ୱାର୍ଡ

### ଏଠାରୁ ସମସ୍ତ ତଥ୍ୟ ପ୍ରଦାନ କରାଯିବ



ପୌରାଞ୍ଚଳର ଜନସାଧାରଣ କିଭଳି ସେମାନଙ୍କ ସମସ୍ୟାର ସରଳ ଭାବେ ସମାଧାନ ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ଏହି ୱାର୍ଡ କାର୍ଯ୍ୟାଳୟରେ ସବୁବେଳେ ଜଣେ କୋଅର୍ଡିନେଟର୍ ରହିବେ। ଟିକସ ବାବଦ ହେଉ କିମ୍ବା ଟ୍ରେଡ୍ ଲାଇସେନ୍ସ, ସମସ୍ତ ତଥ୍ୟ ଏଠାରୁ ହିଁ ଲୋକଙ୍କୁ ପ୍ରଦାନ କରାଯିବ।

-ସୁଲୋଚନା ଦ୍ୱିବେଦୀ, କାଉନସିଲର, ୧୪ନଂ. ୱାର୍ଡ

### ସ୍ୱାଗତଯୋଗ୍ୟ ପଦକ୍ଷେପ



ଲୋକଙ୍କ ସୁବିଧା ପାଇଁ ସରକାର ନେଇଥିବା ପଦକ୍ଷେପକୁ ସ୍ୱାଗତ କରୁଛୁ। ଏଣିକି ଲୋକମାନେ ସ୍ଥାୟୀ ୱାର୍ଡ ଅଫିସ ଆସି ଅଭିଯୋଗ କଲେ ସମସ୍ୟା ଜାଣିପାରିବୁ। ଏଥିସହ ତୁରନ୍ତ ସୁଧାରିବା ପାଇଁ ପ୍ରଶାସନ ଉପରେ ଚାପ ପକାଇପାରିବୁ।

-ସୁଜାତା ପୋଲାର, କାଉନସିଲର, ୧୩ନଂ. ୱାର୍ଡ

### ଉନ୍ନତି ସମ୍ପର୍କରେ ମତ ଦେବେ

କେବଳ ଆପତ୍ତି ଅଭିଯୋଗ ନୁହେଁ, ନିଜ ଅଞ୍ଚଳର ଉନ୍ନତି ନିମନ୍ତେ ୱାର୍ଡବାସୀ ୱାର୍ଡର ସ୍ଥାୟୀ କାର୍ଯ୍ୟାଳୟରେ ପ୍ରସ୍ତାବ ଦେବେ। ଏପରି କି ପ୍ରସ୍ତାବକୁ କିଭଳି କାର୍ଯ୍ୟକାରୀ କରାଯିବ ତାହା ଉପରେ ମତ ରଖିବେ। ଏହାଦ୍ୱାରା ପୌରାଞ୍ଚଳବାସୀଙ୍କ ବହୁ ସମସ୍ୟାର ସମାଧାନ ତୁରନ୍ତ ହୋଇପାରିବା ସହ ଉନ୍ନୟନ କାର୍ଯ୍ୟ ଅଧିକ ସହଜ ଓ ସୁବିଧାରେ କରାଯାଇପାରିବ।

-ସଦାନନ୍ଦ ପଣ୍ଡା, କାଉନସିଲର, ୧୬ନଂ. ୱାର୍ଡ

## ଛାତ୍ରାବାସରେ ନବକୃଷ୍ଣଙ୍କ ସ୍ମୃତିଚାରଣ

**ଅନୁଗୋଳ ଅଫିସ, ୨୫।୧୧**

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ଶାନ୍ତି ମନ୍ଦିର ପରିସରରେ ମହାନ୍ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଛାତ୍ରାବାସ ସଭାପତି ରବୀନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସାମାଜିକ କର୍ମୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଅଡ଼ଶପୁର କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରଶାନ୍ତ ପ୍ରଧାନ ମୁଖ୍ୟବକ୍ତା, ସାମାଜିକ କର୍ମୀ ଇମ୍ରାନ ଅଲ୍ଲୀ ବିଶିଷ୍ଟ ଅତିଥି, ସାହିତ୍ୟିକା ତଥା ଅଧ୍ୟାପିକା ଡ. ଚିରଶ୍ରୀ ଇନ୍ଦ୍ର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନବକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସମାଜର ତଳ ଶ୍ରେଣୀର ଲୋକଙ୍କୁ ଉପରକୁ ଉଠାଇବା ପାଇଁ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀ ଜୀବନ ବ୍ୟାପି ଉଦ୍ୟମ କରିଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଡ. ରମା ମଞ୍ଜରୀ ସାହୁ, ଡ. ସୁମିତ୍ରା ପଟେଲ, ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଏବଂ ୪ ଜଣ ଛାତ୍ରୀଛାତ୍ର ସ୍ମୃତି ଚାରଣରେ ଭାଗନେଇ ଥିଲେ। ୫ ବର୍ଷ ଧରି ଛାତ୍ରାବାସରେ ଅବୈତନିକ ଶିକ୍ଷା ଦାନ କରୁଥିବା ଅଧ୍ୟାପକ ପ୍ରସନ୍ନ କୁମାର ଦାଶଙ୍କୁ ଛାତ୍ରାବାସ ମୁଖ୍ୟ କୃଷ୍ଣା ମହାନ୍ତି ସମ୍ମାନିତ କରିଥିଲେ। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ନବଜୀବନ ମଣ୍ଡଳର ସମ୍ପାଦକ ମୂରଲୀଧର ମୂଳିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂରକ୍ଷଣ ବ୍ୟବସ୍ଥା ଉପରେ ଆଲୋଚନା

**ଆଠମଲ୍ଲିକ,୨୫।୧୧(ଡି.ଏନ.ଏ.)**

ଆଠମଲ୍ଲିକ କଲେଜ ସଭାଗୃହରେ ଶନିବାର ରାଜନୀତି ବିଜ୍ଞାନ ବିଭାଗ ତରଫରୁ 'ଭାରତରେ ସରଂକ୍ଷଣ ବ୍ୟବସ୍ଥା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରି ଭାରତର ସରଂକ୍ଷଣ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଗିରୀଶ ଚନ୍ଦ୍ର ବଡ଼ମାଳି ଆଲୋଚନାରେ ଭାଗନେଇଥିଲେ। ବିଭାଗୀୟ ମୁଖ୍ୟ ଗଗନ କୁମାର ମିଶ୍ର ସରଂକ୍ଷଣ ବ୍ୟବସ୍ଥା ଉପରେ ସୂଚନା ଦେଇଥିଲେ। ଅର୍ଜିତା ସୁଙ୍କାନୀ, ପୂଜା ନାଏକ, ଅବିନାଶ ମହାନନ୍ଦିଆ, ସାଗରିକା ବେହେରାମାଳି ପ୍ରମୁଖ ନିଜସ୍ୱ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ଡ. ଅଜୟ ଦାସ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

## ଘରେ ପଶି ଲୁଟିନେଲେ ଅଳଙ୍କାର

**କଣିହାଁ,୨୫।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ଏକଘରିଆ ଗ୍ରାମର ହେମନ୍ତ କୁମାର ଦେବତାଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଅଳଙ୍କାର, ମୋବାଇଲ ଫୋନ ଏବଂ ଟଙ୍କା ଲୁଟି ନେଇଥିବା ଗୁରୁବାର ହେମନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ଯାଜ୍ଞସେନୀ ପ୍ରଧାନ କହିଛନ୍ତି, ବିଳମ୍ବିତ ରାତିରେ ହେମନ୍ତଙ୍କ ଘରେ ୫ ଜଣ ଦୁର୍ବୃତ୍ତ ପଶିଥିଲେ। ପରିବାର ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଘରେ ଥିବା ୭୦ ଗ୍ରାମ୍ ଓଜନର ସୁନା ଅଳଙ୍କାର, ୩୦ ହଜାର ଟଙ୍କା ଓ ୪ଟି ମୋବାଇଲ ଫୋନ ଲୁଟି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସମଲ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୋବାଇଲ ଫୋନ ଟ୍ରାକିଂ ଦ୍ୱାରା ଚୋରି ହୋଇଥିବା ମୋବାଇଲ ଗୁଡିକୁ ପୋଲିସ ତାଳଚେର ଅଞ୍ଚଳ କଳମଛୁଇଁ ଗ୍ରାମର ଏକ ଜଙ୍ଗଲରୁ ଜବତ କରିଛି।

## ୨୯ରେ କୁଲାଡ଼ ଗ୍ରାମବାସୀଙ୍କ ଆନ୍ଦୋଳନ

**ବଣ୍ଡଁରପାଳ,୨୫।୧୧(ଡି.ଏନ.ଏ.)**

ନାଲ୍‌କୋ ପାରିପାର୍ଶ୍ୱିକ ଗ୍ରାମ କୁଲାଡ଼ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଉଷାରାଣୀ ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ବୈଠକରେ କୁହାଯାଇଛି ଯେ, ନାଲ୍‌କୋ ପ୍ଲାଣ୍ଟ ନିକଟରେ ଥିବା କୁଲାଡ଼ ଗ୍ରାମବାସୀ ଦୀର୍ଘଦିନ ହେଲା ଧୂଳିଧୂଆଁରେ ଜୀବନ ବିତାଉଛନ୍ତି। ହେଲେ ଗ୍ରାମକୁ ଅବହେଳା କରାଯାଉଛି। ଗ୍ରାମରେ ବହୁ ବେକାର ଯୁବତୀଯୁବକ ଥିଲେ ମଧ୍ୟ ସେମାନଙ୍କୁ ଥଇଥାନ କରାଯାଉନାହିଁ। ସ୍କୁଲର ଉନ୍ନତି କରାଯାଉ ନ ଥିବାବେଳେ ରାସ୍ତାଘାଟ ଶୋଚନୀୟ ହୋଇପଡିଛି। ନାଲ୍‌କୋରେ ଯାଇଥିବା ସ୍ଥାୟୀ ସରକାରୀ ଜମି, ଗୋଚର ଜମି ଏବଂ ଜଳାଶୟ, ଜଙ୍ଗଲ ଜମି ବଦଳରେ ଗ୍ରାମବାସୀଙ୍କୁ ଜମି ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଅଫିସରମାନଙ୍କ ସମ୍ପର୍କୀୟମାନେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଥିବାବେଳେ ପାରିପାର୍ଶ୍ୱିକ ଲୋକଙ୍କୁ ଅବହେଳା କରାଯାଉଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ଆସନ୍ତା ୨୯ ତାରିଖରେ ଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଗ୍ରାମ ସଭାପତି ଅଶୋକ ବିଶୋଇ, ସମ୍ପାଦକ ବିଚିତ୍ରା ସାମଲ, ପ୍ରଭାତ ବିଶୋଇ, ପୂର୍ବତନ ସରପଞ୍ଚ ପଦ୍ମ ଅମାନ୍ତ, ହରମୋହନ ସିଂ, ଭାଗୀରଥି ଜେନା, ଟ୍ରକ୍ ମାଲିକ ସଂଘ ସଭାପତି ମନୋରଞ୍ଜନ ଜେନା, ଅଭୟ ସିଂ, ଶେଷଦେବ ଦେହୁରୀ, ରାଜା ଧୀର, ବିନୋଦ ସେଠ, ବୁଟୁ ଅମାନ୍ତ, ମୁକେଶ ଜେନା, ରମେଶ ଆମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ କୁଲାଡ଼ ଗ୍ରାମବାସୀ।

## ୮୯ ପ୍ରକଳ୍ପ ପ୍ରଦର୍ଶିତ

**ବଣ୍ଡଁରପାଳ, ୨୫।୧୧ (ଡି.ଏନ.ଏ.)**

ବଣ୍ଡଁରପାଳ ବ୍ଲକ ନାଲ୍‌କୋ ଦିଲ୍ଲୀ ପବ୍ଲିକ୍ ସ୍କୁଲ (ଡିପିଏସ୍)ରେ ଶୁକ୍ରବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ନାଲ୍‌କୋ ପରିଚାଳନା ସଦସ୍ୟ ସତ୍ୟାନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନ ୯ଟା ୩୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ୍ ୮୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ନାଲ୍‌କୋର ଅନେକ ଅଧିକାରୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉତ୍ସାହ ବଢାଇଥିଲେ। କିଛି ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ସେମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।



ବିଜ୍ଞାନ ମେଳାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସମସ୍ୟା ସୃଷ୍ଟି କରିବ ପ୍ଲାଷ୍ଟିକ

**ବଇଣ୍ଡା,୨୫।୧୧(ଡି.ଏନ.ଏ.)**

ବର୍ତ୍ତମାନ ଯୁଗରେ ଅନେକ କ୍ଷେତ୍ରରେ ପ୍ଲାଷ୍ଟିକ ବ୍ୟବହାର ଦେଖିବାକୁ ମିଳୁଛି। ଆଗାମୀ ଭବିଷ୍ୟତରେ ଏହା ସମସ୍ୟା ସୃଷ୍ଟି କରିବ। ତେଣୁ ବର୍ତ୍ତମାନଠାରୁ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଉ। କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ୪ ଦିନିଆ ସଚେତନତା କାର୍ଯ୍ୟକ୍ରମର ଗୁରୁବାର ଉଦ୍‌ଯାପନୀ ସଭାରେ ଯୋଗଦେଇ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ନୁନୁକାପଶି, ଜାମୁନାଳୀ, ଗାଁ ବଇଣ୍ଡା, ଲୁହାମୁଣ୍ଡା, ବିଲେଇନାଳୀ, କଣ୍ଟେଇକୋଳିଆ ଆଦି ୬ଟି ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବିଶ୍ୱଜିତ ମିଶ୍ର ପରିଚାଳନା କରିବା ସହ ପ୍ରଶିକ୍ଷଣ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ସଂଗ୍ରାମୀଙ୍କ ପରିବାରକୁ ସମ୍ବର୍ଦ୍ଧନା

**ବଇଣ୍ଡା,୨୫।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ଅଧୀନ କିଶୋରନଗର ବ୍ଲକ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ଭଗବାନ ବେହେରାଙ୍କ ପରିବାରକୁ ବୁଧବାର ଭୁବନେଶ୍ୱରଠାରେ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦେଶ ପାଇଁ କାମ କରିଥିବା ସଂଗ୍ରାମୀଙ୍କୁ ମନେ ପକାଇବା ସହ ଭଗବାନଙ୍କ ନାତୁଣୀ ତଥା ଅନୁଗୋଳ ଜିଲାପରିଷଦ ସଭାପତି ବବିତା ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।



ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟପାଳ ମାନପତ୍ର ପ୍ରଦାନ କରୁଛନ୍ତି।

## ଋଣ ଅର୍ଥ ଠିକ୍ ବିନିଯୋଗ କର

**ଆଠମଲ୍ଲିକ, ୨୫।୧୧ (ଡି.ଏନ.ଏ.)**

ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟାଙ୍କ ଓ ଏନ୍‌ଏସିକୁ ନେଇ ଆଠମଲ୍ଲିକ କଲ୍ୟାଣ ମଣ୍ଡପରେ ଏକ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଋଣର ଠିକ୍ ବିନିଯୋଗ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଟ ବ୍ୟାଙ୍କ ଆଠମଲ୍ଲିକ ଶାଖା ପରିଚାଳକ ନୀଳକଣ୍ଠ ସାହୁ, ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ଯତୀନ କୁମାର ବେହେରା ପ୍ରମୁଖ ଯୋଗଦେଇ ବ୍ୟାଙ୍କରୁ ଋଣ ନେଇ ଛତୁ ଚାଷ ଭଳି ଲାଭଜନକ ବ୍ୟବସାୟରେ ଅର୍ଥ ଖଟାଇବାକୁ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଓ ସଭ୍ୟାମାନଙ୍କୁ ବୁଝାଇଥିଲେ। ଏନ୍‌ଏସି କର୍ମଚାରୀମାନେ ଏହି ମେଳାରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସମନ୍ୱୟ ମେଳାରେ ମଞ୍ଚାସୀନ ଅତିଥିମାନେ।

## ୩୦ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜରପଡା ପତିତପାବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ କୁମାର ଗଡ଼ନାୟକ, ୟୁଥ୍ ରେଡକ୍ରସ ୟୁନିଟ୍ ସଂଯୋଜକ ଅଧ୍ୟାପକ ଜଗବନ୍ଧୁ ସାହୁ, ଜାତୀୟ ସେବା ସଂସ୍ଥା ସଂଯୋଜକ ଅଧ୍ୟାପକ ବସନ୍ତ କୁମାର ପ୍ରଧାନ, ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ପରିଚାଳନା କରିଥିଲେ। ଜିଲା ରେଡ୍‌କ୍ରସ ରକ୍ତ ଭଣ୍ଡାର ବିଭାଗୀୟ ଅଧିକାରୀ ତଥା କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ୍ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପଞ୍ଚାୟତ ଟାଙ୍ଗରସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାର ସମାଧାନ ହେଉ ନ ଥିବାରୁ ଶୁକ୍ରବାର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଅଭିଭାବକ, ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ସେମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି।

ପ୍ରକାଶ ଯେ, ୧୯୬୬ ମସିହାରେ ସ୍ଥାପିତ ଟାଙ୍ଗରସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନ ୧୬୨ ଛାତ୍ରୀଛାତ୍ର ପଢୁଛନ୍ତି। ଏଥିପାଇଁ ୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ହୋଇଥିବା ବେଳେ ୪ ମାସ ତଳୁ ୩ ଶିକ୍ଷକଙ୍କୁ ପ୍ରମୋଶନ ସହ ଅନ୍ୟତ୍ର ବଦଳି କରାଯାଇଛି। ଫଳରେ ଏହି ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ତୁରନ୍ତ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ସପ୍ତାହକ ମଧ୍ୟରେ ଖାଲି ପଦବୀ ପୂରଣ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା।



ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି।

### ଶିକ୍ଷକ ନିଯୁକ୍ତି ଦାବି

ହେଲେ ଦେଢ଼ମାସ ପରେ ବି ପ୍ରତିଶ୍ରୁତି ପାଳନ କରାଯାଇ ନାହିଁ। ଫଳରେ ବାଧ୍ୟ ହୋଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରୈଲୋକ୍ୟ ସାହୁ, ଗ୍ରାମ ସଭାପତି ମହର୍ଗା ସାହୁ, ଗ୍ରାମ ସମ୍ପାଦକ ଶିବରାମ ସାହୁଙ୍କ ସମେତ ଅଭିଭାବକ, ଗ୍ରାମବାସୀ ଓ ଛାତ୍ରୀଛାତ୍ର ବିଦ୍ୟାଳୟର ମୁଖ୍ୟଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ଏ ସମ୍ପର୍କରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାକର ଗଡ଼ନାୟକ କହିଛନ୍ତି, ଉକ୍ତ ସ୍କୁଲରେ ୨ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ।

# ଈଶ୍ୱର ହସିଲେ

**ଗଳ୍ପ**
**ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ**

ବେଘର ହୋଇ ବୁଲୁଥିଲେ ଈଶ୍ୱର। ଖାଇବା, ପିଇବା କି ରହିବା, ଶୋଇବାର ଠିକ୍ ଠିକଣା ନ ଥିଲା ତାଙ୍କର। ପ୍ରଚଣ୍ଡ ଖରାଦିନ। ଗ୍ରୀଷ୍ମପ୍ରବାହ ଲାଗି ରହିଥିଲା ଚାରିଆଡ଼େ। ପାଣି ଆଉ ଛାଇ ଟିକିଏ ପାଇଁ ଡହଳ ବିକଳ ହେଉଥା'ନ୍ତି ଲୋକେ। ଏଇ ସମୟରେ ନଈକୂଳରେ ଥିବା ବରଗଛ ମୂଳରେ ବିଶ୍ରାମ ନେଉଥିଲେ ଈଶ୍ୱର। ରହି ରହି ବହୁଥିଲା ନଈକୂଳିଆ ଶୀତଳ ବାଆ। ଭୋକରେ ଆଉଟୁ ପାଉଟୁ ହେଉଥିବା ଈଶ୍ୱରଙ୍କୁ କୋଳେଇ ନେଇଥିଲା ନିଦ ମାଉସୀ। ନିଘୋଡ଼ ନିଦରେ ଶୋଇ ଯାଇଥିଲେ ସେ। ଠିକ୍ ଏଇ ସମୟରେ ନଈକୁ ସ୍ନାନ କରିବାକୁ ଆସିଥିଲେ ଜନୈକ ଭକ୍ତ। ବରଗଛ ମୂଳରେ ଧୂଳି ଧୂସରିତ ହୋଇ ଶୋଇଥିବା ଈଶ୍ୱରଙ୍କୁ ଦେଖୁଦେଖୁ ଚିହ୍ନି ପକେଇଲେ ସେ। ''ଈଶ୍ୱର, ସାରା ସଂସାରର ସ୍ୱାମୀ। ଦୁଗ୍ଧଫେନ-ନିଭ ତୂଳିତଳ୍ପ ଶଯ୍ୟା ଛାଡ଼ି ସିଏ ପୁଣି ଏତେ ଦୟନୀୟ ଅବସ୍ଥାରେ ଶୋଇ ଯାଇଛନ୍ତି ଗଛମୂଳରେ? ଦେହରୁ ବହୁଛି ଗମ୍‌ଗମ୍ ଝାଳ। ତା' ଉପରେ ପୁଣି ଲାଖିରହିଛି ଧୂଳିମଳି। ଆହା ଏ କି ଭାଗ୍ୟର ବିପର୍ଯ୍ୟୟ! ଏଇ ଦୃଶ୍ୟ ଦେଖିବା ଆଗରୁ ମୋ' ଆଖି ଦୁଇଟି ଫୁଟିଗଲା ନାହିଁ ଯାହା!'' ଈଶ୍ୱରଙ୍କୁ ଏମିତି ଅବଧୂତ ଅବସ୍ଥାରେ ଦେଖି ନିଜକୁ ସମ୍ଭାଳି ପାରିଲେ ନାହିଁ ସେ। ଅତ୍ୟନ୍ତ ମର୍ମାହତ ହେଲେ। ଦୁଃଖରେ ଫାଟି ପଡୁଥିଲା ତାଙ୍କର ଛାତି।

ଅତି ସନ୍ତର୍ପଣରେ ବରଗଛ ମୂଳକୁ ଚାଲିଗଲେ ମହାମାନ୍ୟ ଭକ୍ତ। ଘଷିବାକୁ ଲାଗିଲେ ଈଶ୍ୱରଙ୍କ ଗୋଡ଼ ଭକ୍ତି ଭାବନାରେ ଉଦ୍‌ବୁଦ୍ଧ ହୋଇ। 'ଆହା, କେତେ କଷ୍ଟ ହେଉନଥିବ ମହାପ୍ରଭୁଙ୍କୁ!' ଭକ୍ତଙ୍କ କରସ୍ପର୍ଶରେ ଈଶ୍ୱରଙ୍କ ନିଦ ଭାଙ୍ଗିଗଲା। ଆଖି ମଳିମଳି ଉଠିବସିଲେ ସେ। ଆଖିଆଗରେ ଦେଖି ବି ଚିହ୍ନି ପାରୁନଥିଲେ ଆପଣାର ଭକ୍ତକୁ। ବାଉଳି ଚାଉଳି ହେଉଥିଲେ। କଞ୍ଚାନିଦରୁ ଉଠିଲେ ପିଲାମାନେ ଯେମିତି ହୁଅନ୍ତି, ଠିକ୍ ସେମିତି ଥିଲା ଈଶ୍ୱରଙ୍କ ଅବସ୍ଥା। ''ଏତେ ବଡ଼ ସଂସାରର ସ୍ରଷ୍ଟା ଆପଣ। ସମସ୍ତଙ୍କ ପାଇଁ ଘରଦ୍ୱାରର ବ୍ୟବସ୍ଥା ବି କରିଛନ୍ତି। ହେଲେ ନିଜ ବେଳକୁ ଘରନାହିଁ କି ଘାଟନାହିଁ? ସଂପୂର୍ଣ୍ଣ ବେଘର? ଅମାତା ଅପୁତ୍ର ଭଳି ବାରଦୁଆର ଶୁଣ୍ଠୀପିଣ୍ଡା ହେଉଛନ୍ତି ନିତିଦିନ? ଆପଣ ଆଉ କେତେଦିନ ଏମିତି ଏଣେତେଣେ ବୁଲୁଥିବେ ବାରବୁଲା ନିତେଇ ଦାସ ପରି? ଧୂଳି ଧୂସରିତ ଦେହ। ମଇଳା ଅସନା ଲୁଗା। ଭୋକରେ ପାତାଳକୁ ପଶିଯାଉଛି ପେଟ। ଆହା, ସତରେ ବଡ଼ ଦୟନୀୟ ଅବସ୍ଥାରେ ରହୁଛନ୍ତି ଆପଣ! ଏଇ ଅବସ୍ଥାରେ ଆପଣଙ୍କୁ ଦେଖିଲେ ଲୋକେ କହିବେ କ'ଣ? ଆପଣଙ୍କ ମାନସମ୍ମାନ ରହିବ ତ?'' କହିଲେ ମହାମାନ୍ୟ ଭକ୍ତ।

'ସ୍ୱଭାବରେ ଈଶ୍ୱର ହେଉଛନ୍ତି ଯୋଗୀ, ସର୍ବସ୍ୱ ତ୍ୟାଗୀ। ବିଳାସ ବ୍ୟସନଠୁ ଦୂରେଇ ରଖନ୍ତି ନିଜକୁ।' ଲୋଭ, ମୋହ ଆଉ ମାୟା କବଳରେ କବଳିତ ସାଧାରଣ ମଣିଷଟିଏ ବା ଏଇ ଗୂଢ଼ତତ୍ତ୍ୱର ରହସ୍ୟ ବୁଝିବ କେମିତି?



ଈଶ୍ୱରଙ୍କୁ ବୁଝିବାକୁ ହେଲେ ତାଙ୍କ ପରି ଯୋଗୀ ହେବାକୁ ପଡ଼େ। ସଂସାରତ୍ୟାଗୀ ହେବାକୁ ପଡ଼େ। ବୈରାଗୀ ହେବାକୁ ହୁଏ। ହେଲେ ଏଇ ଶକ୍ତି ଆଉ ସାମର୍ଥ୍ୟ ନଥିଲା ମହାମାନ୍ୟଙ୍କର। ଲୋକଦେଖାଣିଆ ସାଧୁଭାବରେ କ'ଣ ସାଧୁପଣ ଥାଏ? ଭକ୍ତ ଜଣକ ବାହାରକୁ ଯେମିତି ଦେଖାଯାଉଥିଲେ, ପ୍ରକୃତରେ ଆନ୍ତରିକ ଭାବେ ସେମିତି ନଥିଲା ତାଙ୍କର ସ୍ୱଭାବ।

'ମୋ ପାଇଁ ଘର ଲୋଡ଼ାନାହିଁ ବତ୍ସ'– ସ୍ମିତହାସ୍ୟ ପ୍ରକାଶ କରି କହିଲେ ଈଶ୍ୱର। 'ସନ୍ନ୍ୟାସୀଟିଏ ମୁଁ, ସମ୍ପୂର୍ଣ୍ଣ ଅବଧୂତ। ମୋ' ପାଇଁ ଘର କ'ଣ? ପର କ'ଣ? ସମସ୍ତେ ତ ଆପଣାର। ଏଇ ବିଶାଳ ସଂସାରର ସମସ୍ତ ପ୍ରାଣୀଙ୍କ ହୃଦୟରେ ମୋର ଅବସ୍ଥାନ। ସମସ୍ତଙ୍କୁ ପ୍ରେମକରେ ମୁଁ। ସଗୁଣ ନିର୍ଗୁଣ, ରୂପ ଅରୂପ, ସଜୀବ ନିର୍ଜୀବ, ନାରୀ ପୁରୁଷ ଏମିତି କୌଣସି ଭେଦଭାବ ବି ନାହିଁ ମୋ ପାଖରେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିଥାଏ ମୁଁ। ଯେଉଁଠି ଯାହା ମିଳିଲା ଖୁସିରେ ଖାଏ। ଯେଉଁଠି ପାଦ ଥକିଲା, ସେଇଠି ବିଶ୍ରାମ ନିଏ। ଘର ହେଉଛି ବନ୍ଧନ। ଏଇ ବନ୍ଧନ ଭିତରେ ରହିବାକୁ ପସନ୍ଦ କରେନାହିଁ ମୁଁ।'

'ନାହିଁ, ନାହିଁ, ସେମିତି କୁହନ୍ତୁ ନାହିଁ ପ୍ରଭୁ!' କଟାଳ କଲାପରି କହିଲା ମହାମାନ୍ୟ ଭକ୍ତ। ''ଆମେ ସମସ୍ତେ ସୁଖରେ ରହିଥିବୁ। ଖିରିପୁରି ଖାଉଥିବୁ। କୋମଳ ଶେଯରେ ଶୋଉଥିବୁ। ଆଉ ଆପଣ ଏମିତି ବାରହୀନସ୍ତା ହେଉଥିବେ, ଦୟନୀୟ ଅବସ୍ଥାରେ ରହୁଥିବେ, ଏକଥା ଆମେ ଦେଖିପାରିବୁ କେମିତି? ଆମ ପାଇଁ ଲାଜର କଥା। ଦୟାକରି ମନାକରନ୍ତୁ ନାହିଁ ଆପଣ। କାଲି ସକାଳ ପାହିଲା ବେଳକୁ ଆପଣଙ୍କ ପାଇଁ କୁଡ଼ିଆଟିଏ ଛିଡ଼ା ହୋଇଥିବ ଏଇଠି। ଯେତେଦିନ ଚାହିଁବେ, ବେଶ୍ ଆରାମରେ ରହିବେ ସେଇଠି। ଆପଣଙ୍କ ସେବାରେ ଏ ଜୀବନ ମୋର ସମର୍ପିତ। ମୋତେ ଆପଣ କୋଉଥିରେ ଅଭାବ କରିଛନ୍ତି ଯେ ଆପଣଙ୍କ ପାଇଁ ଏଇ ସାମାନ୍ୟ କାମଟିଏ କରିପାରିବି ନାହିଁ ମୁଁ।'' ଭାବରେ ଭୋଳା ଈଶ୍ୱର। ଭାବକୁ ନିକଟ ସେ ଅଭାବକୁ ଦୂର। ଭାବର ବନ୍ଧନ ଖୁବ୍ ଶକ୍ତ ତାଙ୍କ ପାଇଁ। ସେ ପୁଣି ଆଶୁତୋଷ। ଭକ୍ତର ଭକ୍ତିପୂର୍ଣ୍ଣ ପ୍ରାର୍ଥନାରେ ତରଳିଯାଏ ତାଙ୍କ ହୃଦୟ। ତେଣୁ କେବେହେଲେ ଭକ୍ତର ଅନୁରୋଧକୁ ଆଡ଼େଇ ଦେଇପାରନ୍ତି ନାହିଁ ସେ। ସେଦିନ ମଧ୍ୟ ଭକ୍ତର ଅନୁରୋଧକୁ ଏଡ଼ିପାରିଲେ ନାହିଁ ଈଶ୍ୱର। ସେଇଠି ସବୁଦିନ ପାଇଁ ରହିଯିବାକୁ ଇଚ୍ଛା ପ୍ରକାଶ କଲେ।

ସତକୁ ସତ କାଉ କା' କରିବା ପୂର୍ବରୁ ସେଇ ବରଗଛ ତଳେ ଛିଡ଼ାହୋଇ ସାରିଥିଲା ଖଣ୍ଡେ କୁଡ଼ିଆ। ଈଶ୍ୱରଙ୍କ ପାଇଁ ପୂଜାର ବ୍ୟବସ୍ଥା ମଧ୍ୟ ହୋଇ ସାରିଥିଲା ସେଇଠି। ଅଗୁରୁ ଚନ୍ଦନ ଆଉ ଧୂପ ବାସ୍ନାରେ ମହମହ ବାସୁଥିଲା ସେ ସ୍ଥାନ। ଅଖଣ୍ଡ ଦୀପର ଆଲୋକରେ ଆଲୋକିତ ହୋଇ ଉଠୁଥିଲା କୁଡ଼ିଆ। ତାଙ୍କ ସେବାରେ ନିୟୋଜିତ ହୋଇସାରିଥିଲେ ଚାକର ପୂଜାରୀ କେତେ କ'ଣ। ଏସବୁ ଦେଖି ମହାମାନ୍ୟ ଭକ୍ତଙ୍କ ନିଷ୍କାମ ଭକ୍ତି ଭାବରେ ଅଭିଭୂତ ହୋଇପଡ଼ିଲେ ଈଶ୍ୱର। ବାକ୍‌ରୁଦ୍ଧ ହୋଇ ଆସୁଥିଲା ତାଙ୍କ କଣ୍ଠ। ସେଇଠି ବେଶ୍ ଆରାମରେ ରହିବାକୁ ଲାଗିଲେ ସେ। ଭକ୍ତଙ୍କ ସେବାରେ ଏକ ପ୍ରକାରେ ଭୁଲିଗଲେ କୈଳାସକୁ, ଶିବ ଲୋକକୁ।

କିଛିଦିନ ବିତିଗଲା। ଦିନେ ସକାଳୁ ପହଡ଼ ଭାଙ୍ଗୁ ଭାଙ୍ଗୁ ଈଶ୍ୱର ଦେଖନ୍ତି ତ ଖଣ୍ଡେ ରସିଦ୍ ବହି ଧରି କୁଡ଼ିଆ ମୁହଁରେ ବସିଛନ୍ତି ସେଇ ମହାମାନ୍ୟ ଭକ୍ତ। ଦର୍ଶନାର୍ଥୀଙ୍କଠାରୁ ଆଦାୟ କରୁଛନ୍ତି କିଛି କିଛି ଟଙ୍କା। ଅତିଶୟ ଆଶ୍ଚର୍ଯ୍ୟରେ ଖୋସି ହୋଇଗଲା ଈଶ୍ୱରଙ୍କ ଆଖି। 'ଏ କ'ଣ ବାବା? ଆଜି ଏ କି ଅଦ୍ଭୁତ ବ୍ୟାପାର ଦେଖୁଛି ମୁଁ'– ମହାମାନ୍ୟ ଭକ୍ତଙ୍କ ମୁହଁକୁ ଚାହିଁ ପ୍ରଶ୍ନକଲେ ଉତ୍ସୁକ ଈଶ୍ୱର।

'କଥା କ'ଣ କି ପ୍ରଭୁ!' ଲୋତକ ଢଳଢଳ ନୟନରେ ଈଶ୍ୱରଙ୍କୁ ଚାହିଁ ଗଦଗଦ ହୋଇ କହିଲେ ମହାମାନ୍ୟ। 'ସବୁଦିନ କ'ଣ ଏମିତି କୁଡ଼ିଆ ଭିତରେ ପଡ଼ି ରହିଥିବେ ଆପଣ? ସେଥିରେ ପୁଣି ରୁଖାଶୁଖା ଯାହା ମିଳୁଛି ଖାଉଛନ୍ତି। ଏସବୁ ଆମ ପାଇଁ ଘୋର ଅପମାନର କଥା। ତେଣୁ ଆମେ ଭକ୍ତମାନେ ମନସ୍ଥ କରିଛୁ, ଆପଣଙ୍କ ପାଇଁ ଏଇଠି ଗଢ଼ାହେବ ଏକ ସୁଦୃଶ୍ୟ ମନ୍ଦିର। ପୁନଶ୍ଚ ରନ୍ଧାହେବ ଅମୃତମଣୋହି। ଏସବୁ ଦେବଯୋଗ୍ୟ ବ୍ୟବସ୍ଥା ଆପଣଙ୍କ ପାଇଁ ନିତାନ୍ତ ଆବଶ୍ୟକ ପ୍ରଭୁ। ଏସବୁ କାର୍ଯ୍ୟ ପାଇଁ ତ ପୁଣି ଟଙ୍କା ଲୋଡ଼ା। ହେଲେ ଏତେ ଟଙ୍କା ଆସିବ କୋଉଠୁ? ଟଙ୍କା ବିହୁନେ ଇଚ୍ଛାସବୁ ଫଳବତୀ ହୋଇପାରନ୍ତି ନାହିଁ କେବେହେଲେ। ଏକଥା ତ ଆପଣ ବି ଜାଣନ୍ତି ପ୍ରଭୁ? ତେଣୁ ସେଇ ଟଙ୍କାର ଆବଶ୍ୟକତା ପୂରଣ ପାଇଁ ଏଇ ସାମାନ୍ୟ ମାତ୍ର ବ୍ୟବସ୍ଥା। ତା' ବ୍ୟତୀତ ଆମ ପାଖରେ ଅନ୍ୟ ପନ୍ଥା କିଛି ନଥିଲା ମହାପ୍ରଭୁ। ଏଇ ଟଙ୍କା ଉପରେ ମୋର ଲୋଭନାହିଁ କି ମୋହନାହିଁ। କେବଳ ଆପଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛି ଯାହା।'

ଈଶ୍ୱର ହସିଲେ। ମନଖୋଲା ହସଟିଏ ହସିଲେ। 'ଏଇ ତା'ହେଲେ ମହାମାନ୍ୟ ଭକ୍ତଙ୍କର ନିଷ୍କାମ ଭକ୍ତିର ଅସଲ ରହସ୍ୟ!' ଆଉ କିଛି କହିବା ପାଇଁ ଈଶ୍ୱରଙ୍କ ପାଖରେ ଶବ୍ଦ ହିଁ ନଥିଲା। ଦିନସାରା କୁଡ଼ିଆ ଭିତରେ ଛଟପଟ ହେବାକୁ ଲାଗିଲେ ସେ। ତା' ପରଦିନ କୁଆ କା କଲା ବେଳକୁ ସେଇଠୁ ଉଭାନ୍ ହୋଇ ସାରିଥିଲେ ଈଶ୍ୱର, କେଉଁଠି ନା କେଉଁଠି ଶାନ୍ତିରେ ଟିକେ ନିଃଶ୍ୱାସ ମାରିବା ପାଇଁ।

ମୋ: ୮୨୪୯୮୦୭୨୬୭

---

# କବିତା

## ମୋର ସେଇ ପୀଡ଼ାମାନେ

**କୃଷ୍ଣ କୁମାର ମହାନ୍ତି**

ମନ୍ଦିରର ଅସଂଖ୍ୟ ଘଣ୍ଟି ବାଜିଉଠିବା ପରି
ମୋର ସେଇ କୃତାର୍ଥ ପୀଡ଼ାମାନେ
ଉଠିପଡ଼ନ୍ତି ପତଳା ନିଦରୁ...

ବହୁ ଦିନରୁ ପରିତ୍ୟକ୍ତ ଏ ଦେହରେ
ନଥାଏ ମୋର ପରମ
ପୀଡ଼ା–ପ୍ରତିରୋଧକ ଶକ୍ତି।
ମୁଁ ଚାଲିବା ଆରମ୍ଭ କରେ
ଅନୁଭାବିତ ଏକ ଗ୍ରହଆଡ଼କୁ।

ଚଳଚଞ୍ଚଳ ମୋର ପୀଡ଼ାମାନେ
କାହିଁକି ଉଠିଲେ ଏଡ଼େ ବେଗି!

ଯେତେବେଳେ ମୋର
ହାତ, ଗୋଡ଼ ଓ ମସ୍ତିଷ୍କରେ
ନଥାଏ ପ୍ରାଣସ୍ପନ୍ଦନ,
ପ୍ରତି ମୁହୂର୍ତ୍ତରେ
ନୂତନ ଦୃଶ୍ୟ ରଚୁଥିବା ମୋର ଆଖିରେ
ଯେବେ ନଥାଏ ଅଶ୍ରୁ,
କେହି ଜଣେ ଯତ୍ନରେ ଯେବେ
ପରଷୁଥାଏ ଆକାଂକ୍ଷିତ ଯନ୍ତ୍ରଣା,
କାହିଁକି ମୋର ପୀଡ଼ାମାନେ
ରଚିଲେ ଏଇ ଧୂମିଳ ବ୍ୟୂହ!

ଶହଶହ ଆବଶ୍ୟକତା ଭିତରୁ
ନିଜକୁ ଅଲଗା ରଖିବା
କ'ଣ ଏଡ଼େ ସହଜ!
ମୋର ଆସିବା ଯିବା ବାଟରେ ତେଣୁ
ସଜିଲ୍ ଥାଏ
ଝିପିଝିପି ଅନ୍ଧାର।

ଚଳପ୍ରଚଳ ହେଉଥିବା
ଗୋଟେ ଅଙ୍ଗୀକାରକୁ
ନାନା ପୋଷାକରେ
ସଜଉଥାଏ ମୁଁ ଆଜୀବନ।

ଶୁଖିଲା ପାଖୁଡ଼ା ପରି
ମୋର ଏଇ ଦେହରୁ ମୁଁ ଓହ୍ଲେଇ ରଖେ
ଭାଗଭାଗ ହେବା ବେଳର ନିରୁପାୟତା!
କାଢ଼ି ରଖେ,
କେବେ ଶାଢ଼ି, କେବେ ସ୍ୱାଭିମାନ
କେବେ ପୁଣି
କାହାକୁ ଦେଖେଇ ହେଉ ନ ଥିବା ଦାଗ।

ଜାଣେ,
ମୋର ସେଇ ପୀଡ଼ାମାନେ ହିଁ
ଦିନେ ପାଉଁଶରେ ରାସ୍ତାଟିଏ ଗଢ଼ିଦେବେ
ମୋ ପାଇଁ
ଆଉ ଚୁପ୍‌ଚାପ୍ ଶୋଇପଡ଼ିବେ
ଧମନୀରେ ରକ୍ତପ୍ରବାହ
ବନ୍ଦ ହେଇଯିବା ଆଗରୁ।

ମୋ: ୭୦୦୮୮୪୫୯୨୦

## ଦଗ୍ଧ ଉପତ୍ୟକା

**ମମତା ପ୍ରିୟଦର୍ଶିନୀ ସାହୁ**

କିଛି ସମ୍ଭାବନା ଭୁଣେଇବାକୁ ଥିଲେ ଚେଷ୍ଟିତ
କିଛି ବିନା ମେଘର ବିଜୁଳିରେ ଥିଲେ ଆଶଙ୍କିତ
'ଦଇବ ଦଉଡ଼ି ମଣିଷ ଗାଈ'
ଜାଣତରେ ବି ହୃଦୟ ଓ ମସ୍ତିଷ୍କ ସୁପ୍ତ।

ଅବୁଝା ରହିଗଲା ଠିକ୍ ତା'ରି ପରି
ଅନେକାନେକ ପ୍ରଶ୍ନ
କିଛି ଉତ୍ତର ବି ରହିଗଲେ ଅକୁହା
ପ୍ରେମର ଉତ୍ତରଣ ହେବା ପୂର୍ବରୁ
ଟାଣି ହେଇଗଲା ବ୍ୟବଧାନ
ନା ଲଂଘନର ସାହସ ଅଛି
ନା ଅଛି ବଳ ମୁଠାଏ
ସବୁତକ ବିଷ ପିଇଯିବାକୁ।

ସ୍ଥିତି ବି ତ ନାହିଁ କେଇ ଅସରା ଲୁହ ଢାଳିବାକୁ
ମନ, ବଣ, ସବୁ ତ ଜଳୁଛି
କାଳେ ଚାରିପାଖର ବଣରେ
ନିଆଁ ଲାଗିଯିବ
ଖାସ୍ ସେଇଥିପାଇଁ ତ
ଚିତାଗ୍ନିକୁ ସାଉଁଟି ନେଇଛି
ଯେତିକି ତ ଯିବାର ଥିଲା ଯାଇଛି
କାଳେ ଆଉ କିଛି ହରେଇବାର ଭୟରେ
ତା' ପ୍ରେମ, ସୋହାଗ, କୁଙ୍କୁମ ସହ
ଦୁଃଖ, ଯାତନା ଆଉ ଝୁରିବାପଣକୁ
ସାଇତି ନେଇଛି।

ମୋ: ୯୩୩୭୦୬୭୧୮୬

**ଗୀତି–କବିତା**

## ପ୍ରୟାସ ମୋହର

**ବିଷ୍ଣୁ ମୋହନ**

ଶରୀରରେ ତବ ଭରିଛି ଯେପରି
ନଈର ପହିଲି ପାଣି,
ତରଙ୍ଗରେ ଭରା ସେ ରୂପ ମାଧୁରୀ
ମନ ନେଇଥାଏ କିଣି ॥

ଧନ୍ୟ ହୋଇଛି ଜୀବନଟା ମୋର
ତୁମ ପାଶେ ବନ୍ଧା ହୋଇ,
ଭୁଲିଯାଅ ପଛେ ତୁମେ ଗୋ' ରୂପସୀ
ଭୁଲି ମୁଁ ପାରିବି ନାହିଁ ॥

ଯେତେ ହେଉ ମନ ବିଷାଦ–ବିଧୁର
କେବେ ଭୁଲି ପାରି ନାହିଁ,
ହୃଦ ଦରପଣେ ପ୍ରତିବିମ୍ବିତ
ସେ' ରୂପ ସଦା ହୁଅଇ ॥

ପୀରତି କାହାଣୀ ହେଉ କୁସୁମିତ
ଆମ ମନ ବଗିଚାରେ,
ଦେଖିଦେଖି ତାକୁ ଦିନ ବିତିଗଲେ
ଚାଲିଯିବି ଆରପାରେ ॥

ଏ–୫୮, କ୍ରିଷ୍ଣା ଗାର୍ଡେନ–୨,
ଖଣ୍ଡଗିରି, ଭୁବନେଶ୍ୱର

---

# ପୁସ୍ତକ ପରିଚୟ

ତୁଳନାତ୍ମକ ସାହିତ୍ୟ

## ଦେଶ ଓ ବିଶ୍ୱ




**ଲେଖକ:** ବସନ୍ତ କୁମାର ପଣ୍ଡା
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ–୨
**ପ୍ରଥମ ପ୍ରକାଶ :** ୨୦୨୧, **ମୂଲ୍ୟ:** ଟ. ୨୧୦/–

ଆଲୋଚ୍ୟ ଆଲୋଚନାଗ୍ରନ୍ଥରେ ମୋଟ ୨୩ଟି ଲେଖା ସ୍ଥାନିତ ହୋଇଛି। ଲେଖାଗୁଡ଼ିକୁ ତିନୋଟି ଶୀର୍ଷକରେ ସଜାଇଛନ୍ତି ଲେଖକ: 'ତୁଳନାତ୍ମକ ସାହିତ୍ୟ', 'ଦେଶ' ଓ 'ବିଶ୍ୱ'। ଶାନ୍ତିନିକେତନରେ ଅଧ୍ୟୟନ କାଳରୁ ତୁଳନାତ୍ମକ ସାହିତ୍ୟ ବିଷୟରେ ଆଲୋଚକ ପଣ୍ଡା ଆଗ୍ରହୀ ହୋଇଛନ୍ତି ଓ ଏହି ଆଗ୍ରହ ନାନା ଅଧ୍ୟୟନ ଓ ବିଦ୍ୱାନ୍‌ଙ୍କ ସହ ଚର୍ଚ୍ଚା ଫଳରେ ଅଧିକରୁ ଅଧିକ ଶାଣିତ ହୋଇ ବିଭିନ୍ନ ଆକଳନ ଓ ବିଶ୍ଳେଷଣ ମାଧ୍ୟମରେ ଜାତୀୟ ସ୍ତରର ସମ୍ମାନ ଓ ଗୁରୁତ୍ୱପୂର୍ଣ୍ଣ ପତ୍ରପତ୍ରିକାରେ ସ୍ଥାନିତ ହୋଇ ଜନଦୃଷ୍ଟିକୁ ଆସିଛି। ଗ୍ରନ୍ଥରେ ସ୍ଥାନିତ 'ସାହିତ୍ୟ ତୁଳନା ତତ୍ତ୍ୱ ଓ ଅନୁବାଦ', 'ଭାରତୀୟ ସାହିତ୍ୟର ସ୍ୱରୂପ', 'ରେନେସାଁର ଉତ୍ତର ସାଧକ: ରବୀନ୍ଦ୍ରନାଥ ଓ ଗୋପବନ୍ଧୁ', 'ଗୀତାଞ୍ଜଳି ଓ ନୋବେଲ ପୁରସ୍କାର ପ୍ରସଙ୍ଗ', 'ରବୀନ୍ଦ୍ରନାଥ ଓ ଓଡ଼ିଆ ସାହିତ୍ୟ', 'ଶ୍ରୀଅରବିନ୍ଦ ଓ ରବୀନ୍ଦ୍ରନାଥ', 'ବିପନ୍ନ ମାତୃଭାଷାର କୁଶଳୀ ସେନାପତି: ଫକୀରମୋହନ ଓ ପ୍ରେମଚାନ୍ଦ', 'ପୂର୍ବ–ଭାରତର ତିନୋଟି ଆଞ୍ଚଳିକ ଉପନ୍ୟାସ: ଏକ ତୁଳନାତ୍ମକ ଅଧ୍ୟୟନ' ଓ 'ଜନଗଣର କବି ପାବ୍ଲୋ ନେରୁଦା' ଆଦି ଆଲୋଚନାଗୁଡ଼ିକ ଖୁବ୍ ଉଚ୍ଚମାନର ଓ ଉପସ୍ଥାପନା ଶୈଳୀ ସରସ ତଥା ଭାବ–ସମ୍ବେଦୀ ହୋଇପାରିଛି। 'ତୁଳନାତ୍ମକ ସାହିତ୍ୟ' କ୍ଷେତ୍ରରେ ଗ୍ରନ୍ଥଟି ଆଗ୍ରହୀ ପାଠକ, ସମୀକ୍ଷକ ଓ ଛାତ୍ରୀଛାତ୍ରଙ୍କ ଜ୍ଞାନାଗ୍ରହ ପୂର୍ତ୍ତିରେ ସହାୟକ ହେବ ବୋଲି ଆଶା।

## ଅଦୃଶ୍ୟ ଈଶ୍ୱର




**କବି:** ସଚ୍ଚିଦାନନ୍ଦ ମିଶ୍ର
**ପ୍ରକାଶକ:** ସମନ୍ୱୟ, ନିଶ୍ଚିନ୍ତକୋଇଲି, କଟକ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ. ୧୨୫/–

ଆଲୋଚ୍ୟ କବିତା ସଂକଳନଟି କବିଙ୍କର ଚତୁର୍ଥ କବିତା ସଂକଳନ ଓ ଏଥିରେ ମୋଟ ୫୧ଟି କବିତା ସ୍ଥାନିତ ହୋଇଛି। 'ନିଜ କଥା'ରେ କବି ଲେଖିଛନ୍ତି: ''ଈଶ୍ୱରଙ୍କୁ ନେଇ ଅନେକ କବିତା ଲେଖିଛି। x x ମଣିଷ ଭିତରେ ଈଶ୍ୱରୀୟ ସତ୍ତା ମୋତେ ମିଳିଛି। x x ମନେହୁଏ ଜୀବନ ପଥରେ ଚାଲିଲାବେଳେ ଆଉ ଜଣେ କେହି ବାଟକଢ଼ାଇ ନିଏ। x x ମୃଗୁଣୀ ହେଉ କି ଗଜ ହେଉ ବା ଧ୍ରୁବ, ପ୍ରହ୍ଲାଦ ହୁଅନ୍ତୁ କି ମୁଁ ହୁଏ, ଯୁଗ ଯୁଗ ଧରି ସେହି ଈଶ୍ୱରୀୟ ସତ୍ତାକୁ ଉପଲବ୍ଧି କରି ଚାଲିଛି ମଣିଷ। ଚାଲୁଥିବ ଅନନ୍ତ ସମୟ ଯାଏ।'' ଗ୍ରନ୍ଥସ୍ଥ କବିତାଗୁଡ଼ିକରେ ସଚ୍ଚିଦାନନ୍ଦ ତାଙ୍କ ସମସମୟର ଅନୁଭୂତିକୁ ଖୁବ୍ ପ୍ରାଞ୍ଜଳ ଭାଷାରେ ଆଲୋକିତ କରିବାର ପ୍ରଚେଷ୍ଟା କରିଛନ୍ତି। ଗୋଟିଏ ଯୋଡ଼ିଏ ଉଦ୍ଧୃତି ନେବା ପାଠକଙ୍କ ନିକଟରେ କବିଙ୍କ ଭାବ ଓ ଭାଷାକୁ ପହଞ୍ଚାଇବା ପାଇଁ। ୧– ''ଖୁବ୍ ଦେଲେ ସାଆନ୍ତେ!/ଛାତିରେ ପଥର ଲଦି/ ହସିବାର ଧୈର୍ଯ୍ୟ,/ ଛୁରୀଧାରରେ/ ଚାଲି ଶିଖିବାର କୌଶଳ,/ ଆଉ ଢୋକେ ପିଇ, /ଦଣ୍ଡେ ଜିଇବାର/ ନିର୍ଲୋଭ କାମନା।'' ('ହାଟ', ପୃ: ୨୨); ୨– ''ସକାଳୁ ହୁରି ପଡ଼ିବ ଜହ୍ନ ଉଇଁଛି / କିଆ ଗୋହିରି ଭିତରେ/ x x ଏ ବାଟରେ ଯାଉଥିବା ବାଟୋଇମାନେ / ଦେଖ! ଏ ଜହ୍ନ କିମିତି ଜାବୋଡ଼ିଛି/ତା' କୁନି କଅଁଳ ହାତମୁଠାରେ/ କାହାର କଳଙ୍କର ମୁହୂର୍ତ୍ତ ସବୁକୁ।'' ('ଜହ୍ନ–ଖସିପଡ଼ିଛି', ପୃ: ୫୩–୫୪)। 'ଶ୍ରୀଖଣ୍ଡି', 'ରଣୀ ଲୋକ', 'କଲଭର୍ଟ', 'ସହଯାତ୍ରୀ', 'ଚାଳିଶ ବର୍ଷ ପରେ ଆମ ଗାଁ', 'ଶ୍ମଶାନ', 'ଖାଲି ହାତ' ଆଦି ବହୁ କବିତାରେ ସମାଜର ନିଘନ ଚିତ୍ର ରୂପ ପାଇଛି।

---

# ପୁଅ

**ରତ୍ନପ୍ରଭା ନାଥ**

**ଲଘୁ ଗଳ୍ପ**

ରାନୁ ଚା' ଦେବାବେଳେ ବାରଣ୍ଡାରେ ବସି ପେପର ପଢୁଥିଲେ ପ୍ରଦୀପବାବୁ। ଗଲା ଦୁଇଦିନ ହେବ ସ୍ୱାମୀ ସ୍ତ୍ରୀ ଦୁହେଁ ନା ଠିକ୍ ସେ ଖାଇଛନ୍ତି ନା ଶୋଇପାରିଛନ୍ତି। ତାଙ୍କର ଏକମାତ୍ର ପୁଅ ରୁଦ୍ରର ରୌଦ୍ରରୁ ତାଙ୍କ ମାନସିକ ଦୁଶ୍ଚିନ୍ତାର କାରଣ। ପୁଅର ଏକା ଜିଦ୍ ଦୁଇଲକ୍ଷ ଟଙ୍କାର ଷ୍ଟଣ୍ଟ ବାଇକ୍ କିଣିବ। ମା' ବାପା ଦୁଇଜଣଙ୍କୁ ନାକରେ କନ୍ଦାଇ ସାରିଲାଣି। ରାନୁ ଦେଖିଲେ ପ୍ରଦୀପବାବୁ ଭାରି ବିଚଳିତ ଜଣାପଡୁଛନ୍ତି। ଅସହାୟ ହୋଇ ସ୍ୱାମୀଙ୍କୁ କହିଲେ– ''ଯାହା ଟଙ୍କା ପଇସା ରଖିଛ, ସବୁ ତ ସେଇ ଗୋଟିଏ ପୁଅ ପାଇଁ। ଯଦି ଗାଡ଼ି କିଣିବାକୁ ଚାହୁଁଛି, ଘର କରିବାକୁ ଯେଉଁ ଟଙ୍କା ରଖିଛ ସେଥିରୁ କିଛି ଦେଇଦିଅ। ଏମିତି ବି ଜିପିଏଫ୍ ଟଙ୍କାରେ ତ ତାକୁ ଇଞ୍ଜିନିୟରିଂ ପଢ଼ାଇଲ। ସୁନା ଗହଣା ଯାହା ଅଛି ଘର କରିବା ବେଳେ ଦେଖିବା।''

ପ୍ରଦୀପବାବୁ ତଥାପି ସ୍ୱାଭାବିକ ହୋଇ ପାରୁ ନ ଥିଲେ। ପେପରଟିକୁ ବାରମ୍ବାର ଦେଖୁଛନ୍ତି। ସେଇ ଗୋଟିଏ ଫଟୋରେ ଆଖି ଲାଖିଯାଇଛି। ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାର ଫଳ ପ୍ରକାଶ ପାଇଛି। ସେଥିରେ କୋରାପୁଟର ଝିଅ ପ୍ରଥମ ହୋଇଛି। ମା'ବାପାଙ୍କ ସହ ଝିଅଟିର ଫଟୋ ପେପରରେ ବାହାରିଛି। ସେ ଫଟୋଟିକୁ ବାରମ୍ବାର ଦେଖୁଛନ୍ତି, ନାମଟି ବାରମ୍ବାର ପଢୁଛନ୍ତି। ଅତୀତର



ସ୍ମୃତି ତାଙ୍କ ଆଖିଆଗରେ ଭାସିଉଠିଲା। ସେତେବେଳେ ତାଙ୍କର କୋରାପୁଟରେ ପୋଷ୍ଟିଂ। ରାନୁର ଦ୍ୱିତୀୟ ଗର୍ଭ। ପ୍ରଥମଟି ଝିଅ ହୋଇଥିବାରୁ ପୁଅଟିଏ ପାଇଁ ପ୍ରଦୀପବାବୁଙ୍କର ପ୍ରବଳ ଆକାଂକ୍ଷା। ଲେବରରୁମ୍‌ରୁ ଧାଇ ଆସି କହିଲା ତାଙ୍କର ଝିଅଟିଏ ହୋଇଛି। ସେ ଦୁଃଖିତ ହେଲେ। ତଥାପି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଧାଈକୁ କିଛି ଟଙ୍କା ହାତଗୁଞ୍ଜା ଦେଇ ତାଙ୍କ ବେଡ୍ ପାଖରେ ଜଣେ ଭଦ୍ରମହିଳାଙ୍କ ସଦ୍ୟ ଜନ୍ମିତ ପୁତ୍ରସନ୍ତାନଟିକୁ ସମସ୍ତଙ୍କ ଅଗୋଚରରେ ବଦଳ କରିପାରିଥିଲେ। ସେ ନର୍ସଠାରୁ ତାଙ୍କ ପରିଚୟ ବୁଝିଥିଲେ ଏବଂ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବାବେଳେ ନିଜ ରକ୍ତର ସନ୍ତାନଟିକୁ ସମସ୍ତଙ୍କ ଅଜ୍ଞାତରେ ଟିକିଏ ଦେଖିଥିଲେ। ଏ କଥା ରାନୁ ପାଖରେ ସେ ଗୋପନ ରଖିଥିଲେ। ପେପରରେ ବାହାରିଥିବା ମା' ବାପାଙ୍କ ଠିକଣା ଓ ପରିଚୟ ତ ଠିକ୍ ମେଳଖାଉଛି। ଏ କ'ଣ ସେଇ ଝିଅ! ପ୍ରଦୀପବାବୁଙ୍କ ଛାତି ଭିତରଟା ରୁନ୍ଧି ହୋଇଗଲା ପରି ଲାଗୁଥିଲା।

ମୋ: ୮୨୪୯୯୨୯୭୬୨

---

**କାଳକାଳକୁ**



''ମାନବ ଜାତିର ସବୁଠୁଁ ଫଳପ୍ରଦ ଅସ୍ତ୍ର ବାସ୍ତବରେ ଗୋଟିଏ, ତାହା ହେଉଛି ହସା''
–ମାର୍କ ଟ୍ୱେନ୍

**ମାର୍କ ଟ୍ୱେନ୍‌ଙ୍କ** ପ୍ରକୃତ ନାମ ସାମୁଏଲ ଲାଙ୍ଗ୍‌ହର୍ନ କ୍ଲେମେନ୍ସ। ଜନ୍ମ ୩୦ ନଭେମ୍ବର ୧୮୩୫ରେ ଓ ପରଲୋକ ୨୧ ଏପ୍ରିଲ ୧୯୧୦ରେ, ଯୁକ୍ତରାଷ୍ଟ୍ର ଆମେରିକାରେ। ଆମେରିକାର ସବୁଠୁଁ ଖ୍ୟାତନାମା ଏହି ହାସ୍ୟ ଲେଖକଙ୍କ ପ୍ରସିଦ୍ଧ ଉପନ୍ୟାସଗୁଡ଼ିକ ମଧ୍ୟରୁ 'ଦ ଆଡ୍‌ଭେଞ୍ଚର୍ସ ଅଫ୍ ଟମ୍ ସୟର୍' (୧୮୭୬) ଓ 'ଆଡ୍‌ଭେଞ୍ଚର୍ସ ଅଫ୍ ହକ୍‌ଲେବେରୀ ଫିନ୍' (୧୮୮୪) ବହୁ ବିଦିତ। ଉଇଲିୟମ୍ ଫକ୍‌ନର ଏହି ଲେଖକଙ୍କୁ 'ଆମେରିକା ସାହିତ୍ୟର ଜନକ' ମାନ୍ୟତା ପ୍ରଦାନ କରନ୍ତି। ମାର୍କ ଟ୍ୱେନ୍ କହନ୍ତି : ''ମନ ଯଦି ଉପାସରେ, ପୂରା ପେଟର କି' ମୂଲ୍ୟ?'' ଏବଂ କହନ୍ତି: ''ଧନର ଅଭାବ ହିଁ ସବୁ କେଳେଙ୍କାରୀର ମୂଳ।''

---

# କୁହୁଡ଼ି

**ଡା. ସଚ୍ଚିଦାନନ୍ଦ ଶତପଥୀ**

**ମିନି ଗଳ୍ପ**

ସୂର୍ଯ୍ୟ ଉଦୟ ହେବାର କିଛି ସମୟ ପୂର୍ବରୁ ସୌମ୍ୟ ବାହାରିଗଲା ନଈକୂଳ ଆଡ଼କୁ। ସବୁଦିନେ ଭୋରରୁ ନଈକୂଳରେ ବୁଲିବା ତା'ର ଗୋଟାଏ ପୁରୁଣା ଅଭ୍ୟାସ। ହେଲେ ସେଦିନ ଥିଲା ପ୍ରବଳ କୁହୁଡ଼ି। ମୁହଁ ଦିଶିବା ତ ଦୂରର କଥା, ବାଟ ଦିଶିବା ବି ମୁସ୍କିଲ ହୋଇପଡୁଥିଲା। ସେହି କୁହୁଡ଼ିକୁ ପହଁରି ପହଁରି ନଈକୂଳରେ ବୁଲୁଥିଲା ସୌମ୍ୟ। ବୁଲୁବୁଲୁ ହଠାତ୍ ଲକ୍ଷ୍ୟ କଲା, ବାଲି ଉପରେ ନଈ ଆଡ଼କୁ ମୁହଁକରି ବସିରହିଛି ଏକୁଟିଆ ଝିଅଟିଏ। କୌତୂହଳବଶତଃ ତା' ଆଡ଼କୁ ଯିବାପାଇଁ ଆଗେଇଗଲା ସୌମ୍ୟ। ଆରେ ଏ କ'ଣ! ଇଏ ତ ଅନନ୍ୟା– ତା' ମନର ପ୍ରେୟସୀ। ସେ ଆସି ଏଠି ଏକୁଟିଆ ବସିଛି କାହିଁକି?

ଅନନ୍ୟା ତା'ର ମନର ପ୍ରେମିକା। ମନେମନେ ସେ ତାକୁ ଖୁବ୍ ଭଲପାଏ। ଏ କଥା ସେ ତାକୁ ବହୁତ ଥର କହିଛି। କେତେଥର ତାକୁ ପ୍ରପୋଜ୍ କରିଛି। ବେଳେବେଳେ ଦାମୀ ଉପହାର ବି ଯାଚିଛି। କିନ୍ତୁ ଅନନ୍ୟା କେବେ ବି କିଛି ଉତ୍ତର ଦେଇନାହିଁ କିମ୍ବା ତା'ଠାରୁ କୌଣସି ଉପହାର ଗ୍ରହଣ କରିନାହିଁ। ତା'ର ପ୍ରତ୍ୟେକ କଥାକୁ ଶୁଣି ନ ଶୁଣିବା ପରି ହିଁ ହୁଏ। ସୌମ୍ୟ ବୁଝିପାରେ ନାହିଁ ଅନନ୍ୟାର ଉଦ୍ଦେଶ୍ୟ କ'ଣ?

କିଛି ନ ଭାବି ଅନନ୍ୟା ପାଖରେ ବସିପଡ଼ିଲା ସୌମ୍ୟ। କହିଲା, ''ତମେ ଏ କୁହୁଡ଼ିଭରା ଅନ୍ଧାରରେ ଏକାଏକା ଚାଲିଆସିଲ ଯେ! ମତେ ଫୋନ୍ କରିଥିଲେ ମୁଁ ତ ତମକୁ ସାଙ୍ଗରେ ନେଇ ଆସିଥାନ୍ତି।''

ଅନନ୍ୟା ଶୁଣିଲା। ସବୁଥର ଭଳି ଏଥର ବି କିଛି ଉତ୍ତର ଦେଲା ନାହିଁ। ସେମିତି ନଈ ଆଡ଼କୁ ମୁହଁ କରି ବସିରହିଲା। ସୌମ୍ୟ ଆଡ଼କୁ ଚାହିଁଲା ବି ନାହିଁ। ସୌମ୍ୟ ପୁଣି କହିଲା, ''ମୁଁ ତମକୁ ଭଲପାଏ ଅନନ୍ୟା। ତମେ ଆଜିଯାଏ ମତେ କିଛି କହୁନ କାହିଁକି? ପ୍ଲିଜ୍, କିଛି ତ କୁହ।'' ତଥାପି କିଛି ଉତ୍ତର ଦେଲା ନାହିଁ ଅନନ୍ୟା।

ସୂର୍ଯ୍ୟ ଉଦୟ ହେବାର ସମୟ ହୋଇଗଲା। ଚାରିଆଡ଼ ସାମାନ୍ୟ ଫର୍ଚ୍ଚା ବି ହୋଇଗଲାଣି। କୁହୁଡ଼ି ମଧ୍ୟ କିଛି ପରିମାଣରେ ଅପସରି ଗଲାଣି। ଏତିକିବେଳେ ସୌମ୍ୟ ଲକ୍ଷ୍ୟ କଲା, କେହି ଜଣେ ଯୁବକ ସେମାନଙ୍କ ଆଡ଼କୁ ଆସୁଛନ୍ତି। ହଁ, ସେ ଠିକ୍ ଆସି ତାଙ୍କରି ପାଖରେ ପହଞ୍ଚିଗଲେ ଆଉ କହିଲେ, ''ସରି ଅନନ୍ୟା, ମୋର ଟିକେ ଲେଟ୍ ହୋଇଗଲା। ପ୍ଲିଜ୍ ଡୋଣ୍ଟ ମାଇଣ୍ଡ।'' ତାଙ୍କ କଥା ଶୁଣି ଅନନ୍ୟା କହିଲା, ''ଇଟ୍‌ସ ଓକେ, ଚାଲ ଯିବା।'' ଏହା କହି ଅନନ୍ୟା ଉଠିପଡ଼ିଲା ଓ ସେହି ଯୁବକଙ୍କ ହାତ ଧରି ବୁଲିବାକୁ ଆରମ୍ଭ କଲା ସୌମ୍ୟ ଆଡ଼କୁ ପଛ କରି। ହଠାତ୍ ସୌମ୍ୟ କହିପକାଇଲା, ''ଅନନ୍ୟା, ତମେ ଚାଲିଯାଉଚ ଯେ, ହେଲେ ମୁଁ...''

ମୁହଁ ବୁଲାଇ ସୌମ୍ୟ ଆଡ଼କୁ ଚାହିଁଲା ଅନନ୍ୟା। ସାମାନ୍ୟ ହସି କହିଲା, ''ତମ ଆଖି ଆଗରୁ କୁହୁଡ଼ି କ'ଣ ଏଯାଏ ଉଭେଇଯାଇନି ସୌମ୍ୟ?''

ତା' ଆଖି ଆଗରୁ ଅନନ୍ୟା ଚାଲିଗଲା ଦୂରକୁ ଦୂରକୁ। ସୌମ୍ୟ ଭାବିଲା, ଏତେଦିନ ପରେ ଅନନ୍ୟା ତାକୁ କିଛି କହିଲା, ହେଲେ...। କୁହୁଡ଼ି ଅପସରିଯାଇଥିଲା ସମ୍ପୂର୍ଣ୍ଣ ଭାବରେ ସେତେବେଳକୁ।

ଶକ୍ତିନଗର, ଲିଙ୍କ୍ ରୋଡ, କଟକ–୧୨



**୨୬/୧୧ ଶହୀଦଙ୍କ ନାଁରେ ଗାଁ** | ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ତତ୍କାଳୀନ ରାଜ୍ୟ ରିଜର୍ଭ ପୋଲିସ ଫୋର୍ସ (ଏସ୍ଆର୍‌ପିଏଫ୍)ର କନ୍‌ଷ୍ଟେବଲ ରାହୁଲ ଶିନ୍ଦେଙ୍କ ନାମ ଅନୁସାରେ ମହାରାଷ୍ଟ୍ର ସୋଲାପୁର ଜିଲାର ସୁଲ୍‌ତାନପୁର ଗ୍ରାମକୁ 'ରାହୁଲ ନଗର' ଭାବେ ନାମିତ କରାଯାଇଛି। ସ୍ଥାନୀୟ ବାସିନ୍ଦାମାନେ ଗାଁ ନାମକୁ ସେମାନଙ୍କ ଅଞ୍ଚଳର ଶହୀଦଙ୍କ ନାଁରେ ନାମିତ କରିଛନ୍ତି। ୧୪ ବର୍ଷ ପୂର୍ବେ ମୁମ୍ବାଇରେ ଆକ୍ରମଣକାରୀ ଆତଙ୍କବାଦୀଙ୍କ ସହ ମୁକାବିଲାବେଳେ ରାହୁଲ ଶହୀଦ ହୋଇଥିଲେ।



## ସଂକ୍ଷେପରେ

### ଶୀତ ଅଧିବେଶନ ଲାଗି ୬ରେ ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ,୨୫।୧୧(ପି.ଟି.):** ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୭ରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏହା ପୂର୍ବରୁ କେନ୍ଦ୍ର ସରକାର ୬ ତାରିଖ ପୂର୍ବାହ୍ନ ୧୧ଟାରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ସଂସଦ ଭବନର ଲାଇବ୍ରେରି ବିଲ୍ଡିଂରେ ଉକ୍ତ ବୈଠକ ଅନୁଷ୍ଠିତ ହେବ। ଅଧିବେଶନରେ ଆସିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯିବ। ଏଥିପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ରାଜନୈତିକ ଦଳଗୁଡ଼ିକର ନେତାଙ୍କୁ ବୈଠକରେ ଯୋଗଦେବା ଲାଗି ଆମନ୍ତ୍ରଣ କରିଛନ୍ତି। ୨୩ ଦିନ ଲାଗି ଚାଲିବାକୁ ଥିବା ଅଧିବେଶନରେ ୧୭ଟି କାର୍ଯ୍ୟଦିବସ ରହିଛି।

### ଆପାର୍ଟମେଣ୍ଟରେ ନିଆଁ: ୧୦ ମୃତ

**ବେଜିଂ,୨୫।୧୧(ପି.ଟି.):** ଚାଇନାର ଜିନ୍‌ଜିଆଙ୍ଗସ୍ଥିତ ଓ୍ୱିଗୁର୍ ଅଟୋନମସ୍ ଅଞ୍ଚଳରେ ଗୁରୁବାର ରାତିରେ ଏକ ବହୁତଳ ଆବାସିକ କୋଠାରେ ନିଆଁ ଲାଗି ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦିନକ ପୂର୍ବରୁ କେନ୍ଦ୍ରୀୟ ଚାଇନାରେ ଘଟିଥିବା ଅନ୍ୟ ଏକ ଅଗ୍ନିକାଣ୍ଡରେ ୩୮ ଜଣଙ୍କ ମୃତ୍ୟୁ ହୋଇଥିଲା।

### ସିବିଆଇ ଚାର୍ଜଶିଟ୍‌ରେ ସିସୋଡିଆଙ୍କ ନାଁ ନାହିଁ

**ଅବକାରୀ ଦୁର୍ନୀତି ମାମଲା**



**ନୂଆଦିଲ୍ଲୀ,୨୫।୧୧:** ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ସିବିଆଇ ଶୁକ୍ରବାର ପ୍ରଥମ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ୨ ଗିରଫ ବ୍ୟବସାୟୀଙ୍କ ସମେତ ୭ ଜଣଙ୍କ ବିରୋଧରେ ଅଭିଯୋଗ ଅଣାଯାଇଛି। ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ଏକ ନ୍ୟୁଜ୍ ଚ୍ୟାନେଲ ମୁଖ୍ୟ, ହାଇଦ୍ରାବାଦର ଜଣେ ମଦ ବ୍ୟବସାୟୀ, ଦିଲ୍ଲୀର ମଦ ଡିଷ୍ଟ୍ରିବ୍ୟୁଟର ଏବଂ ଅବକାରୀ ବିଭାଗର ଦୁଇଜଣ ଅଧିକାରୀ। ତେବେ ସିବିଆଇ ଏତଲାରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ନାଁ ଥିଲେ ମଧ୍ୟ ଚାର୍ଜଶିଟ୍‌ରୁ ତାଙ୍କୁ ବାଦ୍ ଦିଆଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୧୨୦ବି (ଅପରାଧ ଷଡ଼ଯନ୍ତ୍ର) ଏବଂ ଦୁର୍ନୀତି ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ମାମଲାର ବିଚାର ଚାଲିବ। ବିବାଦୀୟ ଅବକାରୀ ନୀତିରେ ଲାଇସେନ୍ସ ପ୍ରଦାନରେ ହୋଇଥିବା ଷଡ଼ଯନ୍ତ୍ର ଓ ଲାଞ୍ଚ କାରବାରରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହା ଜାଣିବା ପାଇଁ ସିବିଆଇ ତଦନ୍ତ ଜାରି ରଖିଛି। ଅନ୍ୟତମ ଅଭିଯୁକ୍ତ ସିସୋଡିଆଙ୍କ ଘନିଷ୍ଠ ସହଯୋଗୀ ଦିନେଶ ଆରୋରା ମାମଲାରେ ରାଜସାକ୍ଷୀ ହୋଇଛନ୍ତି।




ଜଣେ ପ୍ରାଣୀ ଅଧିକାର କର୍ମୀ ନିଜ ଦେହରେ କଙ୍କଡ଼ା ଭଳି ପେଣ୍ଟିଂ କରାଇ ତାଇୱାନର ତାଇପେଇସ୍ଥିତ ଏକ ମାଛ ବଜାର ସାମ୍ନାରେ ଗଡ଼ୁଛନ୍ତି। ଲୋକେ କ'ଣ ସବୁ ଖାଉଛନ୍ତି ତା' ଉପରେ ସେମାନଙ୍କୁ ସଚେତନ କରାଇବା ହେଉଛି ଏହି ଆକ୍ଟିଭିଷ୍ଟଙ୍କ ଉଦ୍ଦେଶ୍ୟ।

## ନିଜ ଦେଶ ନାଁରେ ମାମଲା କଲେ ଗ୍ରେଟା



**ସମ୍ବିଧାନ ଉଲ୍ଲଂଘନ କରୁଛି ସୁଇଡେନ୍‌ର ଜଳବାୟୁ ନୀତି**

**ଷ୍ଟକ୍‌ହୋମ୍,୨୫।୧୧:** ଜଳବାୟୁ ପରିବର୍ତ୍ତନ ପୃଥିବୀ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଛିଡ଼ା ହୋଇଛି। ଏହାର ମୁକାବିଲା ପାଇଁ କାର୍ଯ୍ୟ କରୁଥିବା ବିଶ୍ୱର ସର୍ବାଧିକ ଜଣାଶୁଣା କ୍ଲାଇମେଟ୍ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗ ଏବେ ନିଜ ଦେଶ ସୁଇଡେନ୍ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁଇଡେନ୍‌ର ଜଳବାୟୁ ନୀତି ଦେଶର ସମ୍ବିଧାନର ଉଲ୍ଲଂଘନ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ଗ୍ରେଟାଙ୍କ ସହ ଏହି ଆଇନଗତ ଲଢ଼େଇରେ ୬୦୦ରୁ ଊର୍ଦ୍ଧ୍ୱ ଜଣ ସାମିଲ ହୋଇଛନ୍ତି।

ସୁଇଡେନ୍‌ର ଯୁବ ପରିବେଶବିତ୍ ଗ୍ରେଟା ଥନ୍‌ବର୍ଗଙ୍କ ସମେତ ବହୁ ସଂଖ୍ୟକ ଯୁବ କ୍ଲାଇମେଟ୍ ଆକ୍ଟିଭିଷ୍ଟଙ୍କ ଅଭିଯୋଗ ହେଲା ସେମାନଙ୍କ ଦେଶର ସରକାର ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ପର୍ଯ୍ୟାପ୍ତ ପଦକ୍ଷେପ ନେଉନାହାନ୍ତି। ଏହା ସୁଇଡେନ୍ ସମ୍ବିଧାନ ଓ ମାନବ ଅଧିକାର ସମ୍ପର୍କିତ ୟୁରୋପୀୟ ସନ୍ଧିର ଉଲ୍ଲଂଘନ। ଏଥିଯୋଗୁ ବର୍ତ୍ତମାନ ଓ ଭବିଷ୍ୟତର ପିଢ଼ି ଭଲ ପରିବେଶରୁ ବଞ୍ଚିତ ହେବେ। ତେଣୁ ସରକାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ପ୍ରକାଶ ଯେ, ୨୦୧୭ରେ ସୁଇଡେନ୍ ଏକ ଜଳବାୟୁ ଆଇନ ପ୍ରଣୟନ କରିଥିଲା। ଉକ୍ତ ଆଇନ ଅନୁସାରେ ସରକାର ଉତ୍ସର୍ଜନ ହ୍ରାସ କରି ୨୦୪୫ ମସିହା ସୁଦ୍ଧା ନେଟ୍-ଜିରୋ ଲକ୍ଷ୍ୟ ହାସଲ କରିବେ ବୋଲି ସ୍ଥିର କରାଯାଇଥିଲା। କିନ୍ତୁ ସରକାର ଏହାକୁ ଏକ ସଙ୍କଟ ବୋଲି କେବେ ବିବେଚନା କରୁନାହାନ୍ତି ବୋଲି ମୁଖ୍ୟ ଆବେଦନକାରୀ ୨୦ ବର୍ଷୀୟ ଆଣ୍ଟୋନ୍ ଫୋଲି କହିଛନ୍ତି। ଶୁକ୍ରବାର ଷ୍ଟକ୍‌ହୋମ୍‌ସ୍ଥିତ ଏକ କୋର୍ଟରେ ଏହି ମାମଲା ଦାଏର ହୋଇଛି।

**ସମଲିଙ୍ଗୀ ବିବାହ ପାଇଁ ସୁପ୍ରିମକୋର୍ଟରେ ପିଟିଶନ**

# କେନ୍ଦ୍ରକୁ ଜବାବ ତଲବ

**ନୂଆଦିଲ୍ଲୀ,୨୫।୧୧**

ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟଲିଙ୍ଗୀ, ତୃତୀୟଲିଙ୍ଗୀ ଓ ଅପ୍ରାକୃତିକ ଯୌନ ସମ୍ବନ୍ଧ ରକ୍ଷାକାରୀ (ଏଲ୍‌ଜିବିଟିକ୍ୟୁ) ସମ୍ପ୍ରଦାୟକୁ ବିବାହ ସମ୍ପର୍କିତ ଅଧିକାର ପ୍ରଦାନ ପାଇଁ ସୁପ୍ରିମକୋର୍ଟରେ ୨ଟି ପିଟିଶନ ଦାଖଲ ହୋଇଛି। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏହା ଉପରେ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ୪ ସପ୍ତାହ ପରେ ହେବ।



ଦୁଇଜଣ ପୁରୁଷ ସମଲିଙ୍ଗୀ ପରସ୍ପରକୁ ବିବାହ କରିବାକୁ ଚାହୁଁଛନ୍ତି। ହାଇଦ୍ରାବାଦ ବାସିନ୍ଦା ସୁପ୍ରିୟୋ ଚକ୍ରବର୍ତ୍ତୀ ଓ ଅଭୟ ଡାଙ୍ଗ ସେମାନଙ୍କ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ବଳରେ ସ୍ୱୀକୃତି ପ୍ରଦାନ ପାଇଁ ରାୟ ପ୍ରକାଶ ସକାଶେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଆଉ ଏକ ଯୋଡ଼ି ପାର୍ଥ ଫିରୋଜ ମେହରୋତ୍ରା ଓ ଉଦୟ ରାଜ ମଧ୍ୟ ଅନୁରୂପ ଆବେଦନ କରିଛନ୍ତି। ସମଲିଙ୍ଗୀ ବିବାହକୁ ସ୍ୱୀକୃତି ନ ଦେବା ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୨୧ ଅନୁସାରେ ସମାନତା ଏବଂ ଜୀବନ ଧାରଣ ଅଧିକାରର ଉଲ୍ଲଂଘନ। ତେଣୁ ସେମାନଙ୍କୁ ସମଲିଙ୍ଗୀ ବିବାହ କରିବାକୁ ଅନୁମତି ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀଙ୍କ ଯୁକ୍ତି ଶୁଣିବା ପରେ କେନ୍ଦ୍ର ସରକାର ଓ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣିଙ୍କୁ ନୋଟିସ କରିଛନ୍ତି। ପ୍ରକାଶ ଯେ, ୨୦୧୮ ସେପ୍ଟେମ୍ବର ୬ରେ ସୁପ୍ରିମକୋର୍ଟଙ୍କ ୫ ଜଣିଆ ସାମ୍ବିଧାନିକ ପୀଠ ସମଲିଙ୍ଗୀ ସମ୍ପର୍କକୁ ସର୍ବସମ୍ମତିକ୍ରମେ ସ୍ୱୀକୃତି ପ୍ରଦାନ ପୂର୍ବକ ୧୫୮ ବର୍ଷ ପୁରୁଣା ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ଦଫା ୩୭୭କୁ ଅପରାଧମୁକ୍ତ ଘୋଷଣା କରିଥିଲେ। ଉକ୍ତ ପୀଠରେ ମଧ୍ୟ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ସାମିଲ ଥିଲେ।

### ୩୩ ଦେଶରେ ବୈଧ



ସମଲିଙ୍ଗୀ ବିବାହକୁ ଅଦ୍ୟାବଧି ୩୩ ଦେଶରେ ସ୍ୱୀକୃତି ଦିଆଯାଇଛି। ସେଗୁଡ଼ିକ ହେଲା ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବେଲ୍‌ଜିୟମ୍, ବ୍ରାଜିଲ, କାନାଡା, ଚିଲି, କଲମ୍ବିଆ, କୋଷ୍ଟାରିକା, କ୍ୟୁବା, ଡେନ୍‌ମାର୍କ, ଇକ୍ୱେଡର, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆଇସଲାଣ୍ଡ, ଆୟର୍ଲାଣ୍ଡ, ଲକ୍ସମବର୍ଗ, ମାଲ୍ଟା, ମେକ୍ସିକୋ, ନେଦରଲାଣ୍ଡ୍‌ସ, ନ୍ୟୁଜିଲାଣ୍ଡ, ନରୱେ, ପର୍ତ୍ତୁଗାଲ, ସ୍ଲୋଭେନିଆ, ଦକ୍ଷିଣ ଆଫ୍ରିକା, ସ୍ପେନ୍, ସୁଇଡେନ୍, ସୁଇଜରଲାଣ୍ଡ, ତାଇୱାନ୍, ବ୍ରିଟେନ, ଆମେରିକା ଓ ଉରୁଗୁଏ। ୨୦୨୩ ଫେବୃୟାରୀ ୧୭ରେ ଆଣ୍ଡୋରାରେ ସମଲିଙ୍ଗୀ ବିବାହ ବୈଧ ମାନ୍ୟତା ପାଇବ।

### ଦଫା ୩୭୭: କ'ଣ କହିଥିଲେ ସୁପ୍ରିମକୋର୍ଟ

୧୮୬୦ ମସିହାରେ ପ୍ରଣୀତ ଆଇପିସିର ଦଫା ୩୭୭ ଅନୁସାରେ ପ୍ରକୃତିର ବିରୁଦ୍ଧାଚରଣ କରୁଥିବା କୌଣସି ପ୍ରକାର ଯୌନ ସମ୍ପର୍କ ଏକ ଅପରାଧ ବୋଲି ବିବେଚନା କରାଯାଉଥିଲା। ଏଭଳି ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ ୧୦ ବର୍ଷ (ସ୍ଥଳ ବିଶେଷରେ ଆଜୀବନ) କାରାଦଣ୍ଡାଦେଶ ଓ ଜରିମାନାର ବିଧାନ କରାଯାଉଥିଲା। ଭିକ୍ଟୋରିଆ ଯୁଗୀୟ ଏହି ଆଇନକୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିରୋଧ କରି ଦୀର୍ଘବର୍ଷ ଧରି ଆଇନଗତ ଲଢ଼େଇ ଜାରି ରଖିଥିଲେ। ଦଫା ୩୭୭କୁ ଚ୍ୟାଲେଞ୍ଜ କରି ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ୨୦୧୮ ଜୁଲାଇ ୧୭ରେ ତତ୍କାଳୀନ ସିଜେଆଇ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ସେପ୍ଟେମ୍ବର ୬ରେ ଏହାର ଐତିହାସିକ ରାୟ ଆସିଥିଲା। ପୀଠ କହିଥିଲେ, ଯୌନ ଆକାଂକ୍ଷା ଏକ ପ୍ରାକୃତିକ 'ଜୈବିକ ଅଭିଳାଷ'। ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତବୟସ୍କ ସମଲିଙ୍ଗୀଙ୍କ ମଧ୍ୟରେ ରଖାଯାଉଥିବା ସମ୍ପର୍କ ଆଉ ଅପରାଧ ପରିଗଣିତ ହେବନାହିଁ। ଦଫା ୩୭୭ ଅଯୌକ୍ତିକ, ଅସମର୍ଥନୀୟ ଓ ସ୍ପଷ୍ଟ ସ୍ୱେଚ୍ଛାଚାରିତା ହୋଇଥିବାରୁ ଏହାକୁ ଅପରାଧମୁକ୍ତ କରାଯାଉଛି। ସମ୍ବିଧାନ ପ୍ରଦତ୍ତ ସମାନତା ଓ ସସମ୍ମାନେ ବଞ୍ଚିବା ଅଧିକାରକୁ ଏହି ୧୫୮ ବର୍ଷ ପୁରୁଣା ଆଇନ ଉଲ୍ଲଂଘନ କରୁଛି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ।

**୨୬/୧୧ ଆକ୍ରମଣକୁ ୧୪ ବର୍ଷ**

### ଷଡ଼ଯନ୍ତ୍ରକାରୀଙ୍କୁ ସୁରକ୍ଷା ଦେଉଛି ଚାଇନା



**ମୁମ୍ବାଇ/ନୂଆଦିଲ୍ଲୀ,୨୫।୧୧(ପି.ଟି.)**

୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ରକାରୀ ଓ ପରିଚାଳକମାନଙ୍କୁ ଦଣ୍ଡ ଦେବା ଲାଗି ଭାରତ ଉଦ୍ୟମ ଜାରି ରଖିଥିଲେ ହେଁ ଚାଇନା କ୍ରମାଗତ ଭାବେ ଏହାକୁ ରୋକୁଥିବା ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ୍ କହିଛନ୍ତି। ରାଜନୈତିକ କାରଣରୁ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଜାତିସଂଘରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନକୁ କଳା ତାଲିକାଭୁକ୍ତ କରିବା ଲାଗି ନୂଆଦିଲ୍ଲୀର ବାରମ୍ବାର ଉଦ୍ୟମ କରିଛି। ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ପ୍ରତି ଆତଙ୍କବାଦ ଗମ୍ଭୀର ବିପଦ ଭାବେ ଉଭା ହୋଇଛି। ଏସୀୟ, ଆଫ୍ରିକା ସମେତ ବିଭିନ୍ନ ଦେଶରେ ଆଇଏସ୍ଆଇଏସ୍ ଏବଂ ଅଲ୍‌କାଏଦା ସ୍ୱୀକୃତିପ୍ରାପ୍ତ ଆତଙ୍କବାଦୀ ସଂଗଠନ ନିର୍ଦ୍ଦିଷ୍ଟ ବ୍ୟକ୍ତି ଏବଂ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ଆକ୍ରମଣ ଜାରି ରଖିଛନ୍ତି। ୨୦୦୮ ନଭେମ୍ବରରେ ପାକିସ୍ତାନରୁ ୧୦ ଆତଙ୍କବାଦୀ ସମୁଦ୍ରପଥରେ ଆସି ମୁମ୍ବାଇରେ ଆକ୍ରମଣ କରିଥିଲେ। ସେମାନଙ୍କ ଆକ୍ରମଣରେ ୨୬ ବିଦେଶୀଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ପାକିସ୍ତାନୀ ଆତଙ୍କବାଦୀ ହଫିଜ୍ ତଲାହ ସୟିଦ, ଲଷ୍କର ନେତା ସହିଦ ମହମ୍ମଦ, ସାଜିଦ ମୀର, ଜୈଶ-ଇ-ମହମ୍ମଦ ନେତା ଅବଦୁଲ ରୌଫ ଆଝାର ଏବଂ ଅବଦୁଲ ରେହମନ ମକ୍କିଙ୍କୁ କଳା ତାଲିକାଭୁକ୍ତ କରିବା ଲାଗି ଭାରତ ପ୍ରସ୍ତାବ ଆଣିଥିଲେ ମଧ୍ୟ ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ଏହାକୁ ରୋକୁଛି।

### ଅଷ୍ଟ୍ରେଲିଆରେ ମହିଳାଙ୍କୁ ହତ୍ୟା କରିଥିବା ଭାରତୀୟ ବଂଶୋଦ୍ଭବ ଗିରଫ

**ନୂଆଦିଲ୍ଲୀ,୨୫।୧୧(ପି.ଟି.):** ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡରେ ଜଣେ ମହିଳାଙ୍କୁ ୪ ବର୍ଷ ପୂର୍ବେ ହତ୍ୟା କରିଥିବା ଭାରତୀୟ ବଂଶୋଦ୍ଭବ ଅଷ୍ଟ୍ରେଲୀୟ ନାଗରିକ ରାଜୱିନ୍ଦର ସିଂଙ୍କୁ ଦିଲ୍ଲୀ ପୋଲିସ ଶୁକ୍ରବାର ଗିରଫ କରିଛି। ତାଙ୍କୁ ଗିରଫ କଲେ ୧ ନିୟୁତ ଅଷ୍ଟ୍ରେଲୀୟ ଡଲାର ପୁରସ୍କାର ଦିଆଯିବ ବୋଲି ଅଷ୍ଟ୍ରେଲୀୟ ହାଇକମିଶନର ଘୋଷଣା କରିଥିଲେ। ୩୮ ବର୍ଷୀୟ ସିଂଙ୍କ ବିରୋଧରେ ଇଣ୍ଟରପୋଲ୍ ପକ୍ଷରୁ ରେଡ୍‌କର୍ନର ନୋଟିସ ଜାରି ପରେ ପ୍ରତ୍ୟର୍ପଣ ଆଇନରେ ପଟିଆଲା ହାଉସ୍ କୋର୍ଟ ଗତ ୨୧ ତାରିଖରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ଭାରତରେ ଇଣ୍ଟରପୋଲ୍‌ର ନୋଡାଲ ସଂସ୍ଥା ସିବିଆଇ ଏବଂ ଅଷ୍ଟ୍ରେଲିଆର ତଦନ୍ତକାରୀ ସଂସ୍ଥାର ସୂଚନା ଆଧାରରେ ସିଂଙ୍କୁ ଶୁକ୍ରବାର ସକାଳ ୬ଟାରେ ଜି.ଟି. କର୍ନାଲ ରୋଡ୍ ନିକଟରୁ ଗିରଫ କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ୨୦୧୮ ଅକ୍ଟୋବରରେ ଟୋୟା କୋର୍ଡିଙ୍ଗଲେ(୨୪) କୁଇନ୍ସଲ୍ୟାଣ୍ଡର ୱାଙ୍ଗେଟ୍ଟି ବିଚ୍‌ରେ ତାଙ୍କ କୁକୁରକୁ ବୁଲାଉଥିବାବେଳେ ତାଙ୍କୁ ସିଂ ହତ୍ୟା କରିଥିଲେ। ସିଂ ଇନିସ୍‌ଫେଲ୍‌ରେ ଜଣେ ନର୍ସ ଭାବେ କାର୍ଯ୍ୟ କରୁଥିଲେ।



### ସୁଡ଼ଙ୍ଗ ଖୋଳି ଟ୍ରେନ୍ ଇଞ୍ଜିନ ଚୋରି

**ମୁଜାଫରପୁର,୨୫।୧୧**



**ପୂର୍ବରୁ ୩ଟି ଲୁହା ବ୍ରିଜ୍‌କୁ ଗ୍ୟାସ୍ କଟରରେ କାଟି ଚୋରି କରିଥିଲେ**

ଗତ ଏପ୍ରିଲ-ମେ' ମାସରେ ବିହାରର ରୋହତାସ, ଜାହାନାବାଦ ଏବଂ ବାଙ୍କା ଜିଲାରୁ ୩ଟି ଲୁହା ବ୍ରିଜ୍‌କୁ ଚୋରମାନେ ଗ୍ୟାସ୍ କଟରରେ କାଟି ଚୋରି କରି ନେଇଥିଲେ। ଏବେ ବିହାର ବେଗୁସରାଇ ଜିଲାରେ ଚୋରମାନେ ସୁଡ଼ଙ୍ଗ ଖୋଳି ସମ୍ପୂର୍ଣ୍ଣ ଡିଜେଲ୍ ଟ୍ରେନ୍ ଇଞ୍ଜିନ୍ ଚୋରିକରି ନେଇଯାଇଛନ୍ତି। ମରାମତି ପାଇଁ ଆସିଥିବା ଇଞ୍ଜିନ୍‌ଟି ବହୁଦିନ ହେଲା ବେଗୁସରାଇ ରେଲୱେ ୟାର୍ଡରେ ଛିଡ଼ାହୋଇଥିଲା। ଚୋରମାନେ ସୁଡ଼ଙ୍ଗ ଖୋଳି ଇଞ୍ଜିନ୍‌ର ଗୋଟିଏ ପରେ ଗୋଟିଏ ପାର୍ଟସ ଖୋଲି ନେଇଯାଇଥିବା ପୋଲିସ କହିଛି। ଏ ନେଇ ଗତ ସପ୍ତାହରେ ପରାଉଣି ଥାନାରେ ମାମଲା ରୁଜୁ ହୋଇଛି। ଇଞ୍ଜିନ୍ ଚୋରିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଥିବା ମୁଜାଫରପୁର ରେଳ ସୁରକ୍ଷା ବଳ(ଆର୍‌ପିଏଫ)ର ଇନ୍ସପେକ୍ଟର ପି.ଏସ୍. ଦୁବେ କହିଛନ୍ତି। ଜେରା ବେଳେ ସେମାନଙ୍କଠାରୁ ମିଳିଥିବା ସୂଚନା ଆଧାରରେ ମୁଜାଫରପୁର ଜିଲା ପ୍ରଭାତ ନଗର ଅଞ୍ଚଳରେ ଥିବା ଏକ ସ୍କ୍ରାପ୍ ଗୋଦାମରେ ଚଢ଼ାଉ କରାଯାଇଥିଲା। ସେଠାରୁ ୧୩ଟି ଅଖାରେ ଥିବା ଟ୍ରେନ୍ ପାର୍ଟସ ମିଳିଛି। ସ୍କ୍ରାପ୍ ଗୋଦାମ ମାଲିକଙ୍କୁ ପୋଲିସ ଖୋଜୁଛି। ଜବତ ସାମଗ୍ରୀ ମଧ୍ୟରେ ଇଞ୍ଜିନ୍ ପାର୍ଟସ, ଭିଣ୍ଟେଜ୍ ଟ୍ରେନ୍ ଇଞ୍ଜିନ୍‌ର ଚକ ଓ ଅନ୍ୟାନ୍ୟ ପାର୍ଟ୍ସ ରହିଛି। ଲୁହା ବ୍ରିଜ୍ ଚୋରି ଘଟଣାରେ ମଧ୍ୟ ଉକ୍ତ ଚୋର ସମ୍ପୃକ୍ତ ବୋଲି ଦୁବେ କହିଛନ୍ତି।

# ଅମିତାଭଙ୍କ ସ୍ୱର, ଫଟୋ, ନାମ ବ୍ୟବହାର ମନା

**ନୂଆଦିଲ୍ଲୀ,୨୫।୧୧**

ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନଙ୍କ ସ୍ୱର, ଫଟୋ କିମ୍ବା ନାମକୁ ତାଙ୍କ ବିନା ଅନୁମତିରେ ବ୍ୟବହାର କରାଯାଇପାରିବ ନାହିଁ। ବର୍ଷୀୟାନ ଅଭିନେତାଙ୍କ ପକ୍ଷରୁ ଦାଏର ଏକ ପିଟିଶନର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଏହି ଅନ୍ତରୀଣ ରାୟ ଦେଇଛନ୍ତି। ଆସନ୍ତା ମାର୍ଚ୍ଚରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

ଜଣେ ସେଲିବ୍ରିଟି ରୂପେ ୮୦ ବର୍ଷୀୟ ଅଭିନେତା ଅମିତାଭ ବଚ୍ଚନଙ୍କ ପବ୍ଲିସିଟି ରାଇଟ୍ସକୁ ଅନେକ ଲୋକ ବେଆଇନ ଭାବେ ବ୍ୟବହାର କରୁଛନ୍ତି। ଏପରି କି ଜଣେ ବ୍ୟକ୍ତି ଲୋକଙ୍କୁ ଠକିବା ପାଇଁ ଲୋକପ୍ରିୟ ଟିଭି ଗେମ୍ ଶୋ' କୌନ୍ ବନେଗା କରୋଡପତି (କେବିସି) ନାମରେ ଲଟେରି ସ୍କାମ୍ କରିଥିବା ଅମିତାଭ ଅଭିଯୋଗ କରିଥିଲେ। ଜଷ୍ଟିସ୍ ନବୀନ ଚାୱଲା ଏହାର ଶୁଣାଣି କରି କହିଛନ୍ତି, ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ ଅମିତାଭ ଜଣେ ସୁପରିଚିତ ବ୍ୟକ୍ତିତ୍ୱ। ଅଭିନେତାଙ୍କୁ ଆଶ୍ୱସ୍ତି ନ ଦେଲେ ତାଙ୍କୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିପାରେ। ତେଣୁ ଏହି ଅନ୍ତରୀଣ ରାୟ ଦିଆଯାଉଛି। ପ୍ରତିବାଦୀମାନେ ନିଜ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଅମିତାଭଙ୍କ ସେଲିବ୍ରିଟି ଷ୍ଟାଟସ୍‌କୁ ତାଙ୍କ ବିନା ଅନୁମତିରେ ବ୍ୟବହାର କରୁଥିଲେ। ଏଥିଯୋଗୁ ଅମିତାଭଙ୍କ ସମ୍ମାନରେ ଆଞ୍ଚ ଆସିପାରେ, ଯାହାକି ତାଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଏହି ପରିପ୍ରେକ୍ଷୀରେ ଅମିତାଭଙ୍କ ଅଧିକାର ଉଲ୍ଲଂଘନ ହେବା ଭଳି କଣ୍ଟେଣ୍ଟକୁ ୱେବ୍‌ସାଇଟ୍‌ଗୁଡ଼ିକରୁ ହଟାଇବା ପାଇଁ ଟେଲିକମ୍ କର୍ତ୍ତୃପକ୍ଷମାନଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉଲ୍ଲଂଘନକାରୀ ମେସେଜ୍ ପଠାଉଥିବା ମୋବାଇଲ ନମ୍ବରଗୁଡ଼ିକୁ ବ୍ଲକ୍ କରିବା ପାଇଁ ସର୍ଭିସ୍ ପ୍ରୋଭାଇଡରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



**ଦିଲ୍ଲୀ ହାଇକୋର୍ଟଙ୍କ ଅନ୍ତରୀଣ ରାୟ**

ଅମିତାଭଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ହରିଶ୍ ସାଲ୍‌ଭେ ଶୁଣାଣି ବେଳେ ଯୁକ୍ତି ବାଢ଼ିଥିଲେ, କେବଳ ଏହି ଇନ୍‌ଜକ୍ସନ ଲ' ଶୁଟ୍‌ରେ ଉଲ୍ଲେଖ କରାଯାଇଥିବା ବ୍ୟକ୍ତିମାନଙ୍କ ବିରୋଧରେ ନୁହେଁ, ବରଂ ଅଭିନେତାଙ୍କ ଲୋକପ୍ରିୟତା ଅଧିକାରରୁ ଫାଇଦା ଉଠାଇବାକୁ ଉଦ୍ୟମ କରୁଥିବା ସମସ୍ତ ଅଜ୍ଞାତ ପକ୍ଷଙ୍କ ବିରୋଧରେ ଆଦେଶ ଦିଆଯାଉ। ଏହି ଲଟେରି ବ୍ୟତୀତ ଅଭିନେତାଙ୍କ ନାମରେ କେତେକ ଡୋମେନ୍‌ର ନାମ ମଧ୍ୟ ପଞ୍ଜୀକୃତ ହୋଇଛି। 'ଅମିତାଭ ବଚ୍ଚନ ଭିଡିଓ କଲ୍' ନାମକ ଏକ ସର୍ଭିସ୍ ଖୋଲିବା ଏବଂ ତାଙ୍କ ଫଟୋ ଥିବା ଟି-ଶାର୍ଟ ତିଆରି କରିବା ଦୃଷ୍ଟାନ୍ତ ମଧ୍ୟ ରହିଛି। ଜଣେ ବ୍ୟକ୍ତି 'କେବିସି ଲଟେରି'କୁ ପ୍ରମୋଟ କରିବା ପାଇଁ ହ୍ୱାଟ୍ସଆପ୍‌ରେ ମେସେଜ୍ ପଠାଉଛନ୍ତି। ଆଉ ଜଣେ ବ୍ୟକ୍ତି ଉକ୍ତ କାର୍ଯ୍ୟକ୍ରମରେ ଭାଗନେବାକୁ ଆଗ୍ରହୀ ଲୋକଙ୍କୁ ପ୍ରଲୋଭିତ କରିବା ପାଇଁ ଅମିତାଭଙ୍କ ଫଟୋ ଥିବା ଏକ ସାଧାରଣ ଜ୍ଞାନ କୁଇଜ୍ ପୁସ୍ତକ ବିକ୍ରି କରୁଛନ୍ତି। ଅମିତାଭଙ୍କ ବ୍ୟକ୍ତିତ୍ୱର ବହୁ ବ୍ୟବସାୟିକ ମୂଲ୍ୟ ରହିଛି। ଏହାକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ୨ କୋଟି ଟଙ୍କା କ୍ଷତିପୂରଣ ଆଦାୟ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି। ତେଣୁ ଅମିତାଭଙ୍କ ଅନୁମତି ତଥା ଲିଖିତପତ୍ର ବିନା ତାଙ୍କ ବ୍ୟକ୍ତିତ୍ୱ, ନାମ, ସ୍ୱର, ଫଟୋ, ପସନ୍ଦ ଭଳି ବୈଶିଷ୍ଟ୍ୟକୁ କେହି ବ୍ୟବହାର କରିପାରିବେ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଅମିତ୍ ନାଏକ ଏବଂ ପ୍ରବୀଣ ଆନନ୍ଦ ମଧ୍ୟ ହାଇକୋର୍ଟରେ ଅମିତାଭଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

# ଫେରିଲା ରାଜପଥ ତାତି

- ୫୫ନଂ. ଏନ୍ଏଚ୍ ସମ୍ପ୍ରସାରଣରେ ବିଳମ୍ବ
- ବିଜେଡିର ୪ ଘଣ୍ଟା ରାସ୍ତା ଅବରୋଧ
- ଆରଡିସିଙ୍କୁ ଅଟକାଇଲେ ଆନ୍ଦୋଳନକାରୀ

**ଢେଙ୍କାନାଳ ଅଫିସ, ୨୫।୧୧**

କଟକ ଜିଲା ମଙ୍ଗୁଳି ଛକଠାରୁ ଢେଙ୍କାନାଳ-ଅନୁଗୋଳ ଜିଲା ଦେଇ ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ୫ ବର୍ଷ ହେଲା ଶେଷ ହେଉନାହିଁ। ଶୋଚନୀୟ ହୋଇପଡ଼ିଥିବା ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କେନ୍ଦ୍ର ସରକାର, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେଉନାହାନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୧୨ଟା ଯାଏ ବିଜେଡି ପକ୍ଷରୁ ସହର ଉପକଣ୍ଠ କଲେଜ ବାଇପାସ୍‌ରେ ଜାତୀୟ ରାଜପଥ ଅବରୋଧ କରାଯାଇଛି। କିଛିଦିନର ବ୍ୟବଧାନ ପରେ ଢେଙ୍କାନାଳକୁ ଜାତୀୟ ରାଜପଥ ତାତି ଫେରିଥିବାବେଳେ ଏହାର ସ୍ଥାୟୀ ସମାଧାନ ନ କଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

କେନ୍ଦ୍ର ସରକାର ଏବଂ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଅବହେଳାରୁ ବ୍ୟସ୍ତବହୁଳ ୫୫ନଂ. ଜାତୀୟ ରାଜପଥ କାମ ଶେଷ ହେଉ ନ ଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଆନ୍ଦୋଳନ ସମୟରେ କଟକ ଅଭିମୁଖ ଯାଉଥିବା ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଡ. ସୁରେଶ ଚନ୍ଦ୍ର ଦଳାଇଙ୍କୁ ଆନ୍ଦୋଳନକାରୀ ଅଟକାଇବା ସହ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ତେବେ ଜିଲାପାଳଙ୍କ ସହ ଏ ସଂକ୍ରାନ୍ତରେ କଥାହେବି ବୋଲି କହି ଆର୍‌ଡିସି ଫେରିଯାଇଥିଲେ। ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା କୃଷକ ବିଜେଡି ସଭାପତି ନରୋତ୍ତମ ସାହୁ, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଗଁଦିଆ ବ୍ଲକ ସଭାପତି ବିଶ୍ୱନାଥ ଜେନା, ଯୁବ ବିଜେଡି ସଭାପତି ପ୍ରଦୀପ ରାଉତ, ହିନ୍ଦୋଳ ବ୍ଲକ ସଭାପତି ବରୁଣ ସର, ଅନୁଗୋଳ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ବିଧାୟକଙ୍କ ପ୍ରତିନିଧି ଅର୍ଣ୍ଣବ ସିଂ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ଜିଲା ପରିଷଦ ସଭ୍ୟ ଗୋପାଳ ନାୟକ, ଧ୍ରୁବ ଦେହୁରୀ, ତାଳଚେର ବ୍ଲକ ବିଜେଡି ସଭାପତି ସନ୍ତୋଷ ପ୍ରଧାନ, ପାଲଲହଡା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍, କଣିହାଁ ବ୍ଲକ ସଭାପତି କପିଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଆନ୍ଦୋଳନରେ ଢେଙ୍କାନାଳ, ଅନୁଗୋଳ ଜିଲାର କେହି ବିଧାୟକ କିମ୍ବା ଏମ୍‌ପି ଉପସ୍ଥିତ ନ ଥିଲେ। ଆନ୍ଦୋଳନ ଶେଷ ହେବା ପରେ ଘଟଣାସ୍ଥଳରେ ପଡ଼ିଥିବା ଆବର୍ଜନାକୁ ବିଜେଡି ନେତୃବୃନ୍ଦ ସଫା କରିଥିଲେ। ଦଳୀୟ କର୍ମୀମାନେ ଅଳିଆ ସଂଗ୍ରହ କରି ଡଷ୍ଟବିନ୍‌ରେ ପକାଇଥିଲେ।


ବିଜେଡି କର୍ମୀମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ୨୭ରେ ଭୁବନେଶ୍ୱର ଚାଲ ଡାକରା

**କାମାକ୍ଷାନଗର, ୨୫।୧୧(ଡି.ଏନ୍.ଏ.)**
ଯୋଗ୍ୟତା ଭିତ୍ତିରେ ଦରମା ପ୍ରଦାନ ଦାବିରେ ରାଜ୍ୟ ଅମଲା ସଂଘ ପକ୍ଷରୁ ଆସନ୍ତା ୨୭ ତାରିଖରେ ଭୁବନେଶ୍ୱରରେ ବିଶାଳ ସମାବେଶ ଡାକରା ଦିଆଯାଇଛି। ଏଥିରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରାଇବାକୁ ନିବେଦନ କରିଛି ଢେଙ୍କାନାଳ ଜିଲା ଅମଲା ସଂଘ। ସଂଘ ସଦସ୍ୟମାନେ କାମାକ୍ଷାନଗରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଲିଫଂଲେଟ୍ ମାରି ସଚେତନତା ସୃଷ୍ଟି କରିଛନ୍ତି। ଶୈଳଜା ପ୍ରସାଦ ବେହେରା, ସବ୍ୟସାଚୀ ସେଠୀ, ଜୟନ୍ତ ନାୟକ, ସବିତା ସେଠୀ, ସସ୍ମିତା ନାୟକ, ସୁମିତ୍ରା ମୁଣ୍ଡା, ଧରିତ୍ରୀ ସିଂ, ଦୀପକ ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ୩ ବାଲି ବୋଝେଇ ଗାଡ଼ି ଜବତ

**ପରଜଙ୍ଗ, ୨୫।୧୧(ଡି.ଏନ୍.ଏ.):**
କାମାକ୍ଷାନଗର ଉପଖଣ୍ଡ ସ୍କ୍ୱାଡ୍ ପକ୍ଷରୁ ପରଜଙ୍ଗ ତହସିଲ ଅଞ୍ଚଳରେ ଗୁରୁବାର ରାତିରେ ଚଢ଼ାଉ କରାଯାଇ ୩ ଚୋରା ବାଲି ବୋଝେଇ ଗାଡ଼ି ଜବତ କରାଯାଇଛି। ବ୍ରାହ୍ମଣୀ ବ୍ରିଜ୍ ନିକଟରୁ କୁନାଲ ଠିକାସଂସ୍ଥା ରାତିଅଧିଆ ବାଲି ଚାଲାଣ କରୁଥିବା ସୂଚନା ପାଇ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ସହକାରୀ ଜିଲାପାଳ ମଦନମୋହନ ଜେନା, ରୋଡ୍ ରାଜସ୍ୱ ନିରୀକ୍ଷକ ଆଶିଷ ସାହୁ, ଅମିନ ରାକେଶ ପଣ୍ଡା, ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ସାହୁ ମିଳିତ ଭାବେ ଚଢ଼ାଉ କରିଥିଲେ। କୁନାଲ କମ୍ପାନୀର ୨ ହାଇୱା ଏବଂ ତାଳଚେର ଅଞ୍ଚଳର ଗୋଟିଏ ଗାଡ଼ି ଜବତ କରାଯାଇଥିବାବେଳେ ମୋଟ ୧ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚୋରା ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ସହକାରୀ ଜିଲାପାଳ କହିଛନ୍ତି।

### ଇତିହାସ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

**ସାତମାଇଲ, ୨୫।୧୧(ଡି.ଏନ୍.ଏ.):**
ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ଇତିହାସ (ସମ୍ମାନ) ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧାପକ ମହେଶ୍ୱର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁଧାଂଶୁ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଡ. କୁମାର ଚନ୍ଦ୍ର ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧାପିକା ଡ. ଶୁଭଲକ୍ଷ୍ମୀ ପଟ୍ଟନାୟକ, ରାଜନିତୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧାପିକା ବିଭାବତୀ ଦାଶ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧାପକ ଅଜୟ କୁମାର ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥି ଭାବ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଭାବେ ଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ସାମଲ ସଂଯୋଜନା କରିଥିବା ବେଳେ ଅଧାପିକା ସନ୍ଧ୍ୟାରାଣୀ ଦାସ, ସଂଯୁକ୍ତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଟ୍ରଷ୍ଟ କୋଷାଧ୍ୟକ୍ଷଙ୍କ ସ୍ମୃତିଚାରଣ

**ଭୁବନ, ୨୫।୧୧(ଡି.ଏନ.ଏ.)-**
ଢେଙ୍କାନାଳ ଜିଲା ଭୁବନର ବରିଷ୍ଠ ନାଗରିକ ଜନସ୍ୱାର୍ଥ ଟ୍ରଷ୍ଟ କୋଷାଧକ୍ଷ ଭିକାରୀ ଚରଣ ସାହୁଙ୍କ ବିୟୋଗରେ ସ୍ଥାନୀୟ କାର୍ଯ୍ୟାଳୟ ପାଲା ମଣ୍ଡପଠାରେ ଶୋକ ଦିବସ ପାଳିତ ହୋଇଯାଇଛି। ଟ୍ରଷ୍ଟ ମୁଖ୍ୟ ରଥ ସେଠୀ ଏଥିରେ ଅଧକ୍ଷତା କରିଥିଲେ। ଭିକାରୀ ଦୀର୍ଘଦିନ ଧରି ଟ୍ରଷ୍ଟର କୋଷାଧକ୍ଷ ଥିଲେ। ସୋମବାର ହୃଦ୍‌ଘାତରେ କଟକ ବଡ ଡାକ୍ତରଖାନାରେ ସେ ପ୍ରାଣ ହରାଇଥିଲେ। ତାଙ୍କ ମରଶରୀରକୁ ଭୁବନ ସହର ପରିକ୍ରମା କରିବା ପରେ ବୁଢ଼େଶ୍ୱର ପୀଠ ନିକଟରେ ସତ୍କାର କରାଯାଇଥିଲା। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଶୋକ ଦିବସ ପାଳନ କରାଯିବା ସହିତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସମ୍ପାଦକ ଦୁର୍ଗାପ୍ରସାଦ ପୃଷ୍ଟି, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ଦାଶ, ଓକିଲ ସଂଘ ପୂର୍ବତନ ସଭାପତି ବାବୁଲି ସେଠୀ, ବରିଷ୍ଠ କର୍ମକର୍ତ୍ତା ଚିନ୍ତାମଣି ଦାସ, କପିଳେଶ୍ୱର ବେହେରା, ନିର୍ମଳ କୁଣ୍ଡୁ, କୃଷ୍ଣଚନ୍ଦ୍ର ସାହୁ, ପଣ୍ଡିତ ଗୁରୁ, ଧନେଶ୍ୱର ସାହୁ, ପ୍ରଶାନ୍ତ ମହାରଣାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ଲାଭ ଦେବ ଶ୍ରୀପଦ୍ଧତିରେ ମାଣ୍ଡିଆ ଚାଷ

**ପରଜଙ୍ଗ, ୨୫।୧୧(ଡି.ଏନ୍.ଏ.)**

ତାଳଚେରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେଶନ' ତରଫରୁ ପରଜଙ୍ଗ ବ୍ଲକ ନୂଆ କୁଆଲୋ ଗ୍ରାମରେ ମାଣ୍ଡିଆ ଚାଷ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରବିଋତୁରେ ଶ୍ରୀପଦ୍ଧତିରେ ମାଣ୍ଡିଆ ଚାଷ ଲାଭଦେବ ବୋଲି ଉପସ୍ଥିତ ଅତିଥିମାନେ କହିବା ସହ ମହିଳା ଗୋଷ୍ଠୀର ମାର୍ଗଦର୍ଶନ କରାଇଥିଲେ। ଅନୁଷ୍ଠାନର ସମ୍ପାଦକ ବୁଦ୍ଧଦେବ ଦାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଉପଯୁକ୍ତ ବିହନ ଚୟନ, ବିଶୋଧନ, ତଳି ପ୍ରସ୍ତୁତି, ରୁଆ ପଦ୍ଧତି, ଖାଦ୍ୟସାର ପରିଚାଳନା, ଜଳସେଚନ, ଘାସ ଓ ରୋଗ ପୋକ ନିୟନ୍ତ୍ରଣ, ଫସଲ ସଂରକ୍ଷଣ, ଦୈନନ୍ଦିନ ଜୀବନରେ ମାଣ୍ଡିଆର ବ୍ୟବହାର ବିଷୟରେ ବୁଝାଇଥିଲେ। ଅନ୍ୟତମ ଅତିଥି ଶାନ୍ତନୁ ଭୁକ୍ତା ମାଣ୍ଡିଆର ଉପକାରୀ ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ। ଡେଭେଲପମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ମମତା ରାଣୀ ବିଶିମାଝି ମାଣ୍ଡିଆ ଉଦ୍ୟୋଗ ଏବଂ ଏଥିରୁ କେଉଁ କେଉଁ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୨୫ରୁ ଉର୍ଦ୍ଧ୍ୱ ମହିଳା ଗୋଷ୍ଠୀ ସଦସ୍ୟାଙ୍କ ସମେତ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ। ସୁଦର୍ଶନ ବଳ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଆକୁ ହରାଇ ଫାଇନାଲରେ ଫାଓ

**ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ**

**ଢେଙ୍କାନାଳ ଅଫିସ, ୨୫।୧୧**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ୧-୦ ଗୋଲ୍‌ରେ ମର୍ନିଂ କ୍ଲବ ଗୋଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏକମାତ୍ର ଗୋଲ ସ୍କୋର କରିଥିବା ବିଜୟୀ ଦଳର ୯ନଂ. ଖେଳାଳି ଅରବିନ୍ ଲାକ୍ରା ଶ୍ରେଷ୍ଠ ବିବେଚିତ ହୋଇଥିଲେ। ବିଶିଷ୍ଟ କ୍ରୀଡ଼ାବିତ୍ ବରଦା ପ୍ରସାଦ ନନ୍ଦ ତାଙ୍କୁ ପୁରସ୍କୃତ କରିଥିଲେ।

ମୁଖ୍ୟ ରେଫରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ସହଯୋଗୀ ଅରୁଣ ନାୟକ, ଶଶିକାନ୍ତ ଦାସିଆ, ଅନିଲ ପ୍ରସାଦ ନନ୍ଦ ମ୍ୟାଚ୍ ପରିଚାଳନା କରିଥିବାବେଳେ ମାୟାଧର ସାହୁ କମିଶନର ରହିଥିଲେ। ଅତିଥି ଭାବେ ରିଲାଏନ୍ସ ଟ୍ରେଣ୍ଡ୍ ଓଡିଶାର ଅପରେଶନ ମୁଖ୍ୟ ଆୟୁଷ୍ମାନ ରାୟ, ମୁଖ୍ୟ ମାର୍କେଟିଂ ହେଡ୍ ସଚ୍ଚିଦାନନ୍ଦ ସାହୁ, ଡାଲମିଆ ସିମେଣ୍ଟର ଟେକ୍ନିକାଲ ହେଡ୍ ଅଜିତ କୁମାର ସ୍ୱାଇଁ, ଟେକ୍ନିକାଲ ସେଲ୍ସ ମ୍ୟାନେଜର ପ୍ରଦୋଷ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ ଓ ସମ୍ପାଦକ ନଳିନୀ କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର କଟକ ଭେଟେରାନ ଏକାଦଶ ଏବଂ ଢେଙ୍କାନାଳ ଭେଟେରାନ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ରବିବାର ଅପରାହ୍ନ ସାଢ଼େ ୨ଟାରେ ଜଗା ୟୁନାଇଟେଡ କ୍ଲବ ଭୁବନେଶ୍ୱର ଏବଂ ଫାଓ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

## ୧୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

**ଢେଙ୍କାନାଳ ଅଫିସ, ୨୫।୧୧**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ନଡିଆଳୀ ଗ୍ରାମ ମଙ୍ଗଳା ମନ୍ଦିର ନିକଟରୁ ଶୁକ୍ରବାର ସକାଳ ୭ଟାରେ ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ଚଢ଼ାଉ କରି ୧୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏଭଳି ନିଷିଦ୍ଧ ନିଶା କାରବାରରେ ସମ୍ପୃକ୍ତି ଅଭିଯୋଗରେ ଆଠଗଡ଼ ଥାନା ଗୁଣ୍ଡିଚାପୁର ଅଂଚଳର ସୁଜିତ କୁମାର ଦେହୁରୀ ଗିରଫ ହୋଇଛନ୍ତି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୧ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ମୋବାଇଲ ଇନ୍ସପେକ୍ଟର ବିବେକାନନ୍ଦ ପେରାଇଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।


ଗିରଫ ଅଭିଯୁକ୍ତ।

## 'ଭାରତୀୟ ସଂସ୍କୃତି ମହାନ୍'


କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୫।୧୧**

ଢେଙ୍କାନାଳ ଦେଉଳସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୱତ୍ ପରିଷଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଭାରତୀୟ ସଂସ୍କୃତି, ପରମ୍ପରା ମହାନ୍ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଅଟଳ ବିହାରୀ ଦାସ, ମୁଖ୍ୟବକ୍ତା ବିଦ୍ୟାଭାରତୀର ପୂର୍ବକ୍ଷେତ୍ର ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ରାମାୟଣ ଓ ମହାଭାରତ ଆଧାରିତ ପରମ୍ପରା ଉପରେ ଆଲୋକପାତ କରିଥିଲେ। ବାବୁଚାନ୍ଦ ମହାଳିକଙ୍କ ସଭାପତିତ୍ୱରେ ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରା ବୈଠକ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଗଗନ ବିହାରୀ ନାୟକ ଧନ୍ୟବାଦ ଦେଇଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ଧାରଣା

**ଭୁବନ, ୨୫।୧୧(ଡି.ଏନ୍.ଏ.)**

ଭୁବନ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ୮ଦଫା ଦାବିରେ ଅଙ୍ଗନୱାଡି କର୍ମୀମାନେ ଶୁକ୍ରବାର ଧାରଣା ଦେଇଥିଲେ। ଦାବିପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ୨୦୧୮ରେ ବହିଷ୍କୃତ ୬ ଅଙ୍ଗନୱାଡି କର୍ମୀଙ୍କୁ ପୁନଃନିଯୁକ୍ତି, ସରକାରୀ ମାନ୍ୟତା, ମିନି ଅଙ୍ଗନୱାଡି ଉଚ୍ଛେଦ, ଅବସରକାଳୀନ ସହାୟତା ରାଶି ସହିତ ପେନ୍‌ସନ ବ୍ୟବସ୍ଥା ଲାଗୁ, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ଘଟିଥିବା ପରିବାରର ଜଣଙ୍କୁ ନିଯୁକ୍ତି ଦେବା, ଯୋଗ୍ୟତା ଅନୁଯାୟୀ ପ୍ରି, ପ୍ରାଇମେରୀ ଶିକ୍ଷୟତ୍ରୀ ମାନ୍ୟତା ଆଦି ଦାବିରେ ଏହି ଧାରଣା ଦିଆଯାଇଥିଲା। ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ସମ୍ପାଦିକା ସନ୍ଧ୍ୟାରାଣୀ ମହାନ୍ତି, ଜିଲା ଉପଦେଷ୍ଟା ପାର୍ବତୀ ରାଉତଙ୍କ ସମେତ ବହୁ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିପିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।




## ପ୍ରାକୃତିକ ଚିକିତ୍ସା ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୨୫।୧୧**

ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ଖମାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୂର୍ଯ୍ୟ ଫାଉଣ୍ଡେଶନ ଓ ଇଣ୍ଟରନ୍ୟାଶନାଲ ନାଚୁରୋପାଥି, ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ନାଚୁରୋପାଥି, ଆୟୁଷ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ପ୍ରାକୃତିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି।

ବରିଷ୍ଠ ପ୍ରାକୃତିକ ଚିକିତ୍ସକ ତଥା ଇଣ୍ଟରନ୍ୟାଶନାଲ ନାଚୁରୋପାଥି ସଂସ୍ଥାର ଓଡ଼ିଶା ନିର୍ବାହୀ ସମିତି ସଭାପତି ପତିତପାବନ ରାଉତ ଯୋଗଦେଇ ଶରୀରରେ ରୋଗର କାରଣ, ପ୍ରାକୃତିକ ଚିକିତ୍ସା ପଦ୍ଧତି ଦ୍ୱାରା ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ମୃତ୍ତିକା ଚିକିତ୍ସା, ଉପବାସ ଚିକିତ୍ସା, ଆହାର ଚିକିତ୍ସାର ବିଭିନ୍ନ ପ୍ରୟୋଗ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଉପସଭାପତି ବୈକୁଣ୍ଠ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଶ୍ୱିନୀ କୁମାର ପତି, ସମ୍ମାନିତ ଅତିଥି ପୀତବାସ ସାହୁ ଯୋଗ ଦେଇଥିଲେ। ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।


ପ୍ରାକୃତିକ ଚିକିତ୍ସା ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିମାନେ।

# ଦୁର୍ଗମ ଗ୍ରାମକୁ ଗମନାଗମନ ସୁଧୁରୁଛି

**ଢେଙ୍କାନାଳ ଅଫିସ, ୨୫।୧୧**

ଢେଙ୍କାନାଳ ଜିଲାର ଦୁର୍ଗମ ଗ୍ରାମକୁ ଗମନାଗମନ ବ୍ୟବସ୍ଥା ସୁଧୁରୁଛି। ଚିହ୍ନଟ କରାଯାଇଥିବା ୪୬ ଉପାନ୍ତ ଅଞ୍ଚଳ ମଧ୍ୟରୁ ଅର୍ଦ୍ଧାଧିକ ଗ୍ରାମକୁ ଗମନାଗମନ ବ୍ୟବସ୍ଥା ସୁଗମ ହୋଇଛି। ସମ୍ପୃକ୍ତ ଅଞ୍ଚଳବାସୀଙ୍କ ନିକଟରେ ମୌଳିକ ସୁବିଧା ପହଞ୍ଚାଯାଉଛି ବୋଲି ସୂଚନା ଦେଇଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଦୁର୍ଗମ ଅଞ୍ଚଳବାସୀ ଅଧିକ ସଚେତନ ହେଲେ ସେମାନଙ୍କ ଜୀବନଧାରଣ ମାନରେ ପରିବର୍ତ୍ତନ ଆସିବ। ସେମାନଙ୍କ ଆୟବୃଦ୍ଧି ହୋଇପାରିବ ବୋଲି ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଦୁର୍ଗମ ଓ ଉପାନ୍ତ ଗ୍ରାମ ବିକାଶ କାର୍ଯ୍ୟ ସମୀକ୍ଷା ବୈଠକରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ବିଡିଓ, ତହସିଲଦାର, ବରିଷ୍ଠ ଅଧିକାରୀମାନେ ଚିହ୍ନଟ ଦୁର୍ଗମ ଗ୍ରାମଗୁଡ଼ିକୁ ନିୟମିତ ଗସ୍ତ କରି ରାସ୍ତା ନିର୍ମାଣ, ପାନୀୟଜଳ ବ୍ୟବସ୍ଥା, ଶିକ୍ଷାରେ ଉନ୍ନତି, ଅଙ୍ଗନୱାଡି କାର୍ଯ୍ୟକାରିତା, ସ୍ୱାସ୍ଥ୍ୟରକ୍ଷା, ଖାଉଟି ସାମଗ୍ରୀ ବିତରଣ ବ୍ୟବସ୍ଥା, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ଖାଦ୍ୟପେୟ ଅଭ୍ୟାସରେ ପରିବର୍ତ୍ତନ, ଜୀବିକାର୍ଜନ ନିମନ୍ତେ ପଶୁପାଳନ, କୃଷି କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଉନ୍ନୟନ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା,୨୫।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଠାକୁରଗଡ଼ ଓ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଠାକୁରଗଡ଼ ଥାନା ସାନହୁଲା ଗ୍ରାମର ସନ୍ତୋଷ କୁଦେଇ, ପଟାପଥର ଗ୍ରାମର ପ୍ରଫୁଲ୍ଲ ନାୟକ ଏବଂ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ସୁଜନ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ ଚଢ଼ାଉ କରିଥିଲେ।

### ବାକି ଟଙ୍କା ମାଗିବାରୁ ମାଡ଼

**ଅନୁଗୋଳ ଅଫିସ, ୨୫।୧୧:** ଅନୁଗୋଳ ଜିଲା ବିକ୍ରମପୁର ଥାନା ଭଞ୍ଜ କଲୋନୀ ନିକଟରେ ଦୋକାନ ଦେଇଥିବା ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ବାକି ଟଙ୍କା ମାଗିବାରୁ ଜଣେ ଗ୍ରାହକ ତାଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୩୦୫/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଜଣେ ଗ୍ରାହକ ପୂର୍ଣ୍ଣଚନ୍ଦ୍ରଙ୍କ ଦୋକାନରୁ ଦେଢ଼ ହଜାର ଟଙ୍କା ଗତ ୬ ମାସ ହେବ ବାକି ରଖିଥିଲେ। ପୂର୍ଣ୍ଣଚନ୍ଦ୍ର ବାକି ଟଙ୍କା ମାଗିବାରୁ ଅଭିଯୁକ୍ତ ମାଡ଼ ମାରିବା ସହ ଦୋକାନ ଜାଳି ଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ହାଟରୁ ଗାଡ଼ି ଚୋରି

**ଅନୁଗୋଳ ଅଫିସ, ୨୫।୧୧:** ଅନୁଗୋଳ ଜିଲା ଜରପଡ଼ା ଥାନା ତୁକୁଡ଼ା ସାପ୍ତାହିକ ହାଟରୁ ଏକ ଗାଡ଼ି ଚୋରି ହୋଇଛି। ଏ ନେଇ ପାଲସବଣିଆଁର ବିଜୟ କୁମାର ଦାଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୧୬/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ବିଜୟ ତାଙ୍କ ମୋଟର ସାଇକେଲ ନଂ ଓଡି୧୯ସି ୬୫୦୩ରେ ହାଟକୁ ଆସିଥିଲେ। ବାହାରେ ଗାଡ଼ି ରଖି ସେ କାକୁଡ଼ି ବିକ୍ରି କରୁଥିଲେ। ପରେ ଗାଡ଼ି ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ମାଡ଼ ମାରିବା ଅଭିଯୋଗରେ ଜଣେ ଗିରଫ

**ଅନୁଗୋଳ ଅଫିସ, ୨୫।୧୧:** ନିଶା ପାନ କରି ଅନୁଗୋଳ ଡେଲି ମାର୍କେଟରେ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିବା ଅଭିଯୋଗରେ ଅନୁଗୋଳ ପୋଲିସ ରାଧାରମଣପଡ଼ାର ବବୁଲୁ ସାହୁ(୩୧)ଙ୍କୁ ଗିରଫ କରିଛି। ହୁଲୁରିସିଂହାର ପ୍ରଶାନ୍ତ ରଥ ବବୁଲୁଙ୍କ ବିରୋଧରେ ଅଭିଯୋଗ କରିବା ପରେ ନଂ. ୬୨୬/୨୨ରେ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ବବୁଲୁ ଡେଲି ମାର୍କେଟରେ ମଦ ପାନ କରିବା ପରେ ଜଣେ ଯୁବକଙ୍କୁ ମାଡ଼ ମାରୁଥିଲେ। ପ୍ରଶାନ୍ତ ଏହାକୁ ବାରଣ କରିବାରୁ ବବୁଲୁ ତାଙ୍କୁ ମଧ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ

**ଅନୁଗୋଳ ଅଫିସ, ୨୫।୧୧:** ଅନୁଗୋଳ ସଦର ଥାନା ମଝିକା ଗ୍ରାମରେ ଜଣେ ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଚୋରାରେ ବିଦ୍ୟୁତ୍ ଜାଳୁଥିଲେ। ଏହାକୁ ବିଦ୍ୟୁତ୍ କର୍ମଚାରୀ ଜନ୍ମେଞ୍ଜୟ ମିଶ୍ର ବାରଣ କରିବା ସହ ସଂଯୋଗ କାଟିଦେଇଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତି ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ୨ ଗୁରୁତର

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଛେଣ୍ଡିପଦା-ଶାଳଖିମଣ ରାସ୍ତାରେ ମୋଟର ସାଇକେଲରୁ ପଡି ଶୁକ୍ରବାର ୨ ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ କଣ୍ଡସଲା ଗ୍ରାମର ଅଜୟ ସାହୁ ଓ କୁଣ୍ଡେଇଗୋଲା ଥାନା ସୁରୁଙ୍ଗିପାଳ ଗ୍ରାମର ବିଦ୍ୟାଧର ପ୍ରଧାନ। ଦୁହେଁ ଛେଣ୍ଡିପଦାରୁ ଶାଳଖିମଣ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେହି ରାସ୍ତାରେ ଯାଉଥିବା କେତେଜଣ ବ୍ୟକ୍ତି ଉଭୟଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଦୁଇ ଗୁରୁତରଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କେନ୍ଦୁପତ୍ର ତୋଳାଳିଙ୍କୁ ଆବଶ୍ୟକ ସୁବିଧା ମିଳୁ



କର୍ମଶାଳାରେ ମଞ୍ଚାସୀନ ଅତିଥି ଓ ଅନ୍ୟ କର୍ମକର୍ତ୍ତାମାନେ।

**ବଅଁରପାଳ,୨୫।୧୧(ଡି.ଏନ.ଏ.)**

ନାଲ୍‌କୋନଗରସ୍ଥିତ ନାଲ୍‌କୋ ଏମ୍ପ୍ଲୋଇଜ୍ ସଂଘ କାର୍ଯ୍ୟାଳୟରେ ଓଡ଼ିଶା ଜଙ୍ଗଲ ଓ ଅଣୁ ଜଙ୍ଗଲ ଉତ୍ପାଦକ ଶ୍ରମିକ ସଙ୍ଗଠନ ପକ୍ଷରୁ ଜଙ୍ଗଲ ଓ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ମଜଦୁର୍ କଂଗ୍ରେସର ରାଜ୍ୟ ଉପସଭାପତି ମଦନ ମୋହନ ଧଳ ଯୋଗଦେଇ କହିଲେ ଯେ, ଜଙ୍ଗଲ ଶ୍ରମିକମାନଙ୍କୁ ସାଧାରଣ ଶ୍ରମିକଙ୍କ ଭଳି ସାମାଜିକ ସୁରକ୍ଷା ମିଳୁନାହିଁ। ତେଣୁ କେନ୍ଦୁପତ୍ର ତୋଳାଳିଙ୍କୁ ରାଜ୍ୟ ସରକାର ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଅନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ମଜଦୁର୍ କଂଗ୍ରେସ ସାଧାରଣ ସମ୍ପାଦକ କିଶୋର କୁମାର ଜେନା, ନାଲ୍‌କୋ ଏମ୍ପ୍ଲୋଇଜ୍ ସଂଘର ସାଧାରଣ ସମ୍ପାଦକ ନିର୍ମଳ ସାମଲ, ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ସାଧାରଣ ସମ୍ପାଦକ ବିଭବ ଜେନା, ରାଷ୍ଟ୍ରୀୟ ମଜଦୁର୍ କଂଗ୍ରେସ ମହିଳା ଶାଖା ସଭାନେତ୍ରୀ ପ୍ରଣତୀ ମିଶ୍ର, ଅନୁଗୋଳ ଜିଲାର ନିର୍ମାଣ ଶ୍ରମିକ ମହାସଂଘ ସଭାପତି ବିମ୍ବାଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିରରେ ଦେବ ଦୀପାବଳି

**ଖମାର, ୨୫।୧୧ (ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଖମାର ଆଞ୍ଚଳିକ ଜଗନ୍ନାଥ ମନ୍ଦିର ପରିସରରେ ମହାପ୍ରଭୁଙ୍କ ଦେବ ଦୀପାବଳି ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ସନ୍ଧ୍ୟା ସମୟରେ ଖମାର ଗ୍ରାମ ଓ ଆଖପାଖ ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ସେବକ ମାଗୁଣି ଚନ୍ଦ୍ର ଦାସ, ବିମଳ ଚନ୍ଦ୍ର ପାଣି, ଟିକାୟତ ମିଶ୍ର ଓ ମନ୍ଦିର ପରିଚାଳକ ଅରୁଣ କୁମାର ବେହେରା ପ୍ରମୁଖ ସମ୍ପାଦନ କରିଥିଲେ। ମନ୍ଦିର ପରିଚାଳନା କମିଟି, ଗ୍ରାମ୍ୟ କମିଟି ଓ ଯୁବକ ସଂଘ ଏହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପରିଚାଳନା କମିଟି ତରଫରୁ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଚଳନ୍ତା ଟ୍ରକ୍‌ରେ ନିଆଁ

**ଅନୁଗୋଳ ଅଫିସ, ୨୫।୧୧**

ଅନୁଗୋଳ ଜିଲା ପାଲଲହଡ଼ା ଥାନା କନ୍ତଲା ଛକରେ ଶୁକ୍ରବାର ପୂର୍ବାହ୍ନ ୮ଟାରେ ଏକ ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗିଯିବାରୁ ରାସ୍ତା ଉପରେ ତାହା ଜଳିଯାଇଛି। ତେବେ ଟ୍ରକ୍ ଚାଳକ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ଟ୍ରକ୍ ପାଲଲହଡ଼ାରୁ ଷ୍ଟିଲ ପ୍ଲେଟ ଧରି କେନ୍ଦୁଝର ଅଭିମୁଖେ ଯାଉଥିଲା। କୌଣସି କାରଣରୁ ହଠାତ୍ ଇଞ୍ଜିନ୍‌ରୁ ନିଆଁ ବାହାରିଥିଲା। ଏହା ଦେଖି ଚାଳକ ଜଣଙ୍କ ଗାଡ଼ିରୁ ଓହ୍ଲାଇ ପଡ଼ିଥିବାବେଳେ ରାସ୍ତା ଉପରେ ହୁ ହୁ ହୋଇ ଗାଡ଼ିଟି ଜଳି ଯାଇଥିଲା।


ରାସ୍ତା ଉପରେ ଟ୍ରକ୍ ଜଳୁଛି।

# ଅତିରିକ୍ତ ଦାୟିତ୍ୱ ନେଲେ ଗିରିଜା ଶଙ୍କର



**ଅନୁଗୋଳ ଅଫିସ, ୨୫।୧୧**

ତାଳଚେର ପୌରପାଳିକା ନିର୍ବାହୀ ଅଧିକାରୀ ଭାବେ ଶୁକ୍ରବାର ଅତିରିକ୍ତ ଦାୟିତ୍ୱ ନେଇଛନ୍ତି ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ। ସେ ଅପରାହ୍ନରେ ତାଳଚେର ପୌରପାଳିକା କାର୍ଯ୍ୟାଳୟରେ ପହଞ୍ଚି ଏହି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଳଚେର ବିକାଶକୁ ପ୍ରାଥମିକତା ଦିଆଯିବା ସହ ସମସ୍ତଙ୍କୁ ନେଇ ସରକାରୀ ଯୋଜନାର ଠିକ୍ ରୂପାୟନ କରାଯିବ ବୋଲି ଦାୟିତ୍ୱଗ୍ରହଣ ବେଳେ ମଲ୍ଲିକ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ତାଳଚେରବାସୀଙ୍କ ସହଯୋଗ କାମନା କରିଛନ୍ତି। ସୂଚନାଯୋଗ୍ୟ, ତାଳଚେର ନିର୍ବାହୀ ଅଧିକାରୀ ରଶ୍ମିରେଖା ଅମାନ୍ତଙ୍କ ପଦୋନ୍ନତି ସହ ବଦଳି ହେବା ପରଠାରୁ ତାଳଚେର ବିଡିଓ ଚିନ୍ମୟୀ ଚେତନା ଦାସ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିଲେ। ତେବେ ସେ ପ୍ରଶିକ୍ଷଣ ପାଇଁ ଯାଉଥିବାରୁ ଅନୁଗୋଳ ନିର୍ବାହୀ ଅଧିକାରୀଙ୍କୁ ତାଳଚେର ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରଦାନ କରିଛନ୍ତି। ଏ ନେଇ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୪୩୩୬/୨୫.୧୧.୨୦୨୨ରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

# ଦ୍ୱିତୀୟ ଦିନରେ ପରୀକ୍ଷା ଦେଲେ ୧୬,୦୮୯

**ଅନୁଗୋଳ ଅଫିସ, ୨୫।୧୧**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରିଚାଳିତ ମାଟ୍ରିକ ସମ୍ମେଟିଭ୍ ଆସେସ୍‌ମେଣ୍ଟ-୧ର ଦ୍ୱିତୀୟ ଦିନରେ ଗଣିତ ପାଠ୍ୟକ୍ରମ ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲାରେ ମୋଟ ୧୬ ହଜାର ୮୯ ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ କୌଣସି ପରୀକ୍ଷାର୍ଥୀ କପି କରି ଦ୍ୱିତୀୟ ଦିନରେ ଧରାପଡ଼ି ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଜିଲାରେ ୨୬୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ୯୧ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ମୋଟ ୧୬,୩୫୦ ଜଣ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬,୦୮୯ ଜଣ ପରୀକ୍ଷାର୍ଥୀ ଦ୍ୱିତୀୟ ଦିନରେ ଗଣିତ ପରୀକ୍ଷା ଦେଇଥିବା ବେଳେ ୨୬୧ ଜଣ ଅନୁପସ୍ଥିତ ରହିଛନ୍ତି।


## ODISHA UNIVERSITY OF TECHNOLOGY AND RESEARCH

(Formerly College of Engineering & Technology, Bhubaneswar)
Techno Campus, Ghatikia, Mahalaxmi Vihar, Bhubaneswar - 751029
No. 3751/OUTR Date: 24.11.2022

### NOTICE FOR SPOT ADMISSION AGAINST VACANT SEATS (2022-23)

No. KK-261: Some seats in various UG and PG programs are lying vacant in OUTR, Bhubaneswar after the 1st and 2nd phase spot admission process. Therefore, interested and eligible candidates may submit their response in the Google Form Link **(https://forms/gle/npBW4pTMX4eyEe268)** for the 3rd Phase and final spot admission (against such vacant seats) to be held on 29.11.2022 at OUTR campus. For detail information, please visit the official website of the University **(www.cet.edu.in)**.

**Sd./- OFFICER ON SPECIAL DUTY**
OIPR-16005/11/0050/2223

## OFFICE OF THE REVENUE DIVISIONAL COMMISSIONER, NORTHERN DIVISION, ODISHA, SAMBALPUR

e-Mail Id - rdcsbp@nic.in
File No. XV-12/2022 No. 10417/Estt.(A) Dated: 24.11.2022

### ADVERTISEMENT FOR ENGAGEMENT OF RETIRED GOVT. SERVANT

Applications are invited from the willing retired ministerial officers in proper format for re-engagement in the Office of the RDC (ND), Sambalpur as OSD against 10 (ten) numbers of vacant posts of Junior Assistant on contractual basis for a period of one year or till the vacancies are filled up, whichever is earlier. The application duly filled in may be sent to the O/o. RDC, ND, Sambalpur by Regd./Speed Post only and should be reached on or befoe 17.12.2022 by 5.00 P.M. The application forms, details of terms and conditions, related Government guidelines etc. will be available in the office website: **https://rdcsambalpur.nic.in** till 17.12.2022. The advertisement issued vide this office Notice No. 6416 Dated 18.07.2022 for re-engagement against vacant posts of ASO is cancelled.

**Sd./- RDC, ND, Sambalpur**

## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

### ନିବେଦନ

ଆଗାମୀ ଦିନରେ ଏକ ଆଦର୍ଶ ଓ ସୁସ୍ଥ, ସବୁଜ ଓ ସୁନ୍ଦର ସହର ଗଠନ ନିମନ୍ତେ ପ୍ରୟାସ ଜାରି ରଖିବାକୁ ସଂକଳ୍ପ ନେଇ ଏହି ପୌର ପରିଷଦ ନିମ୍ନୋକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ପ୍ରଚେଷ୍ଟାରତ।

୧. ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ।
୩. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ। ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ।
୪. କର୍ତ୍ତବ୍ୟରତ ପୌର କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହଯୋଗ କରନ୍ତୁ।
୫. ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ।
୬. ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ନ କରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ।
୭. ନିୟମିତ କର ଦେଇ ପୌର ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ।
୮. ପ୍ରତି ବର୍ଷ ଏପ୍ରିଲ ଓ ମେ ମାସରେ ଘର ଟିକସ ପୈଠ କରି ରିହାତିର ସୁଯୋଗ ନିଅନ୍ତୁ।
୯. ପୌରାଞ୍ଚଳରେ ଗୃହ ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାରୁ ଗୃହ ନକ୍ସାକୁ ଅନୁମୋଦନ କରାଇ ନିଅନ୍ତୁ।
୧୦. ଖୋଲା ସ୍ଥାନରେ ମଳତ୍ୟାଗ ନ କରି ନିଜସ୍ୱ ପାଇଖାନା, ଗୋଷ୍ଠୀ ପାଇଖାନା କିମ୍ବା ସର୍ବସାଧାରଣ ପାଇଖାନା ବ୍ୟବହାର କରନ୍ତୁ।

**''ଆସନ୍ତୁ ଢେଙ୍କାନାଳ ସହରକୁ ପଲିଥିନ ମୁକ୍ତ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ ସୁନ୍ଦର କରି ଗଢ଼ି ତୋଳି ପ୍ରଗତି ପଥରେ ଆଗେଇନେବା''।**

**ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା**

ଶ୍ରୀଯୁକ୍ତ ତରୁଣ କୁମାର ମହାପାତ୍ର, ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା
ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର କୁଅଁର, ଉପାଧ୍ୟକ୍ଷ, ଢେଙ୍କାନାଳ ପୌରପାଳିକା
ଶ୍ରୀମତୀ ଜୟନ୍ତୀ ପାତ୍ର, ଅଧ୍ୟକ୍ଷା, ଢେଙ୍କାନାଳ ପୌରପାଳିକା

## GOVERNMENT OF ODISHA
### OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR

No. O-1331
(E-Mail address: cerw_bbsr@yahoo.com)
Lr. No. 34952 Dt.21.11.2022

### "e" Procurement Notice for Bridge Works in Odisha
(Online - 07 (Bridge)/2022-23 Dt.21.11.2022)

1. Name of the Work : Construction of Bridge Work
2. Total No. of Works : 06 (Six) Nos.
3. Estimated Cost : Rs.1426.17 lakh to Rs.3466.96 lakh
4. Class of Contractor : A Class, Special Class & Super Class
5. Period of Completion : 24 (Twenty Four) & 30 (Thirty) Calendar Months
6. Other Details :

| Procurement Officer | Bid Identification No. | No. of Bridge Works | Availability of Tender Online for Bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online - 07 (Bridge)/ 2022-23 | 06 (Six) Nos. | 06.12.2022 at 11.00 A.M. | 28.12.2022 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**.

**Sd./- Chief Engineer (Buildings & Bridges) Rural Works, Odisha, Bhubaneswar**
OIPR-25123/11/0019/2223

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: 21819/IND-II-PH-1111 ତାରିଖ: 24.11.2022

### ବିଜ୍ଞାପନ

No. CAD-3859: ଏତଦ୍ଵାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀମତୀ ଦେବଯାନୀ ପ୍ରହରାଜ ଓଡ଼ିଶାର କଟକ ଜିଲା ବଡ଼ମ୍ବା ତହସିଲ ଅନ୍ତର୍ଗତ ଟୁନାପୁର ଗ୍ରାମରେ ୦୫.୨୬ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ଟୁନାପୁର ମହାନଦୀ ବାଲିଘାଟରୁ ବାର୍ଷିକ ୨୫୦୦ ଘନ ମିଟର ବାଲୁକା ଉତ୍ତୋଳନ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୮।୧୨।୨୦୨୨ରିଖ ଦିବା ୧୨.୩୦ ଘଟିକା ସମୟରେ କଟକ ଜିଲା ବଡ଼ମ୍ବା ତହସିଲ, ମୁଗଗହୀର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟୁନାପୁର ଗ୍ରାମସ୍ଥିତ ଫୁଟବଲ ଖେଳପଡ଼ିଆରେ ଥିବା ମଣ୍ଡପଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କଟକ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କଟକ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କଟକ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଟକସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0351/2223 ସ୍ୱା./- ସଦସ୍ୟ ସଚିବ

## GOVERNMENT OF ODISHA
No. A-779

### "e" PROCUREMENT NOTICE
**Bid Identification No. CCE, KIP (KCD-II)-09/2022-23**
**(Pertaining to Kanupur Canal Division No. II, Rimuli)**

| | | | |
|---|---|---|---|
| 1 | Name of the Work | : | "Construction of Minors & Sub-Minors off-taking from RD 5148 to RD 7980m of Gidhibas Distributary (Excluding Forest Area) including all structures of Kanupur Irrigation |
| 2 | Estimated Cost | : | Rs.620.53 lakh |
| 3 | Period of Completion | : | 11 (Eleven) Calendar Months including rainy season |
| 4 | Date & Time of availability of bid document in the portal | : | Dt.29.11.2022 from 10.00 hours to Dt.14.12.2022 upto 17.00 hours |
| 5 | Last date/time of receipt of bid in the portal | : | Dt.14.12.2022 upto 17.00 hours |
| 6 | Name & address of the Officer Inviting Bid | : | Er. Prasanna Kumar Pani Chief Construction Engineer, Kanupur Irrigation Project, At/P.O.: Basudevpur, Dist.- Keonjhar, Odisha - 758047 |

Further details can be seen from e-Procurement portal **www.tendersodisha.gov.in**.

**Sd./- (Er. Prasanna Kumar Pani)
Chief Construction Engineer, Kanupur Irrigation Project, Basudevpur, Keonjhar**
OIPR-32376/11/0012/2223

## BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg, Bhubaneswar - 751001
Visit us at: http://www.bda.gov.in/

### 'e' Procurement Notice
**BID IDENTIFICATION No. BDA/08-EE-III/2022-23**

No. 1178 Date: 24.11.2022

No. CAD-3868: Executive Engineer, Division No. III, BDA on behalf of Bhubaneswar Development Authority invites percentage rate bids in Single Cover System to be received in online mode only for the work detailed below.

| | | | |
|---|---|---|---|
| 1. | No. of Works | - | 02 (Two) Nos. |
| 2. | Estimated Cost | - | Approximate Rs.95.71 lakh and Rs.19.10 lakh |
| 3. | Period of Completion | - | 90 (Ninety) Days & 30 (Thirty) Days |
| 4. | Tender Cost | - | Rs.10,000/- & Rs.6,000/- each excluding 18% GST |
| 5. | Date & time of availability of Bid | - | 30.11.2022 to 5.00 P.M. of 12.12.2022 |
| 6. | Class of Contractor | - | 'B' & 'A' Class & 'C' & 'D' Class |

The bidders have to participate in ONLINE bidding only. Further details can be seen from the website **http://tendersodisha.gov.in/**.
**N.B.:** The quoted rate should be all inclusive but excluding G.S.T. applicable under works contract.

**Sd./- Executive Engineer
Division No. III, BDA**
OIPR-13033/11/0378/2223

## ପୌର ପରିଷଦ, ବେଲପାହାଡ଼

ଦୈନିକ ସମ୍ବାଦ ପତ୍ର 'ଧରିତ୍ରୀ'ର ୪୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ।

### ପୌର ପରିଷଦର ପରିକଳ୍ପିତ ଯୋଜନାରୁ କାର୍ଯ୍ୟକାରିତା:

୧. ପୌରବାସୀଙ୍କୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରଗତି ପଥେ।
୨. ନୂତନ ଶ୍ମଶାନ ଘାଟର ନିର୍ମାଣ ପ୍ରଗତି ପଥେ।
୩. ବର୍ଜ୍ୟବସ୍ତୁ ସୁପରିଚାଳନା ଘରକୁ ଘର ପୃଥକୀକରଣ ଆବର୍ଜନା ସଂଗ୍ରହ କରାଯାଇ ସମ୍ପଦ କେନ୍ଦ୍ର କାଡୁପଡ଼ା, ୱାର୍ଡ଼ ନଂ. ୧୧ଠାରେ ଜୈବିକ ଖତ ଉତ୍ପାଦନ ଓ ବିକ୍ରୟ।
୪. ସ୍ମାର୍ଟ ପାର୍କର ନିର୍ମାଣ କାର୍ଯ୍ୟ ପ୍ରଗତି ପଥେ।
୫. ସମଡ଼ା କଁଟା ଓ ବଡ଼ କଁଟାର ସୌନ୍ଦର୍ଯ୍ୟକରଣ ଓ ନୌକା ବିହାର ପ୍ରକଳ୍ପ ପ୍ରସ୍ତାବିତ।

### ପୌରବାସୀଙ୍କୁ ନିବେଦନ:

- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ନାମ ଫଳକ ଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖନ୍ତୁ।
- ପୌର ପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଏବଂ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେ ତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
- ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌର ପରିଷଦକୁ ସହଯୋଗ କରନ୍ତୁ।
- ଏକକାଳୀନ ବ୍ୟବହାର ହେଉଥିବା ପଲିଥିନର ବ୍ୟବହାର ବର୍ଜନ କରନ୍ତୁ।
- ପୌର ପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ବିକାଶ କୁମାର ଭୋଇ (ଓ.ଆର୍.ଏସ୍), ନିର୍ବାହୀ ଅଧିକାରୀ, ପୌର ପରିଷଦ, ବେଲପାହାଡ଼ ଏବଂ ସମସ୍ତ ପୌର କର୍ମଚାରୀ ବୃନ୍ଦ
ଶ୍ରୀମତୀ ରୀନା ସୁନା, ଉପାଧ୍ୟକ୍ଷା ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ
ଶ୍ରୀ ନିମାଇଁ ଚରଣ ପଣ୍ଡା (ବୁଲୁ), ଅଧ୍ୟକ୍ଷ, ପୌର ପରିଷଦ, ବେଲପାହାଡ଼

## GOVERNMENT OF ODISHA
No. O-1320

### "e" PROCUREMENT NOTICE
**Bid Identification No. 20 of 2022-23**

1. Name of the Work : Laying of pipe lines, construction of Water Treatment Plant, R.C.C. E.S.R. construction of valve chambers, pumping unit installation and providing 100% functional household tap connection including 5 (five) year operation and maintenance in connection with piped water supply to multi villages in the district of Kandhamal.
(Refer DTCN available in the website: **tendersorissa.gov.in**)
2. Total No. of Work : 7 Nos.
3. Estimated Cost : Rs.110.21 to Rs.388.58 lakhs
4. Eligible Bidder : Class B & A Contractor
5. Period of Completion : 11 (Eleven) months (Refer DTCN available in the website **tendersorissa.gov.in**)
6. Other details :

| Procurement Officer | Bid Identification No. | Availability of tender online for bidding | | Date and time for opening of Technical Bid |
|---|---|---|---|---|
| | | From | To | |
| Superintending Engineer, RWSS Division, Phulbani | 20 of 2022-23 | Dt.03.12.2022 At 10.00 Hrs. | Dt.30.12.2022 Upto 17.00 Hrs. | Dt.31.12.2022 at 11.00 A.M. |

Further details can be seen from the website **www.tendersorissa.gov.in**.
Corrigendum, if any, will be uploaded in website only.

**Sd./- Superintending Engineer
RWS&S Division, Phulbani**
OIPR-25006/11/0016/2223

See Career Appointment on every Wednesday & Saturday

# କାତାରକୁ ଏଲିମିନେଟ କଲା ସେନେଗାଲ

**ଦୋହା, ୨୫।୧୧**

ଚଳିତ ଫିଫା ବିଶ୍ୱକପରେ ପ୍ରଥମ ଦଳଭାବେ ଆୟୋଜକ କାତାର ଏଲିମିନେଟ ହୋଇଛି। ଅଲ ଥୁମାମା ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ସେନେଗାଲ ନିକଟରୁ ପରାଜିତ ହୋଇଛି। ୨ ମ୍ୟାଚରୁ କାତାରର ଏହା ଦ୍ୱିତୀୟ ପରାଜୟ। ପୂର୍ବ ମ୍ୟାଚରେ ଏହି ଦଳ ଇକ୍ୱେଡରଠାରୁ ୦-୨ ଗୋଲରେ ହାରି ଯାଇଥିଲା। ଅନ୍ୟପକ୍ଷରେ କାତାରକୁ ୩-୧ ଗୋଲରେ ହରାଇ ସେନେଗାଲ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ପ୍ରଥମ ଆଫ୍ରିକୀୟ ଦଳଭାବେ ସେନେଗାଲ ଏହି ବିଶ୍ୱକପରେ ବିଜୟୀ ହେବାରେ ସକ୍ଷମ ହୋଇଛି। ନିଜର ପ୍ରଥମ ମ୍ୟାଚରେ ଦଳ ନେଦରଲାଣ୍ଡଠାରୁ ୦-୨ ଗୋଲରେ ହାରି ଯାଇଥିଲା। ଅନ୍ୟ ମ୍ୟାଚ ଗୁଡ଼ିକ ପରି ଏଠାରେ ମଧ୍ୟ ଆରମ୍ଭରେ ଉଭୟ ଦଳ ଭଲ ପ୍ରଦର୍ଶନ କରିଥିଲେ। ମାତ୍ର ଖେଳ ଆଗେଇବା ସହିତ ସେନେଗାଲ ପ୍ରାଧାନ୍ୟ ବିସ୍ତାର କରିଥିଲା। ୪୧ତମ ମିନିଟରେ ବୌଲାୟେ ଡିଆ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ସେନେଗାଲକୁ ୧-୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ସେନେଗାଲ



କାତାର ବିପକ୍ଷରେ ଗୋଲ ହେବାପରେ ଉଲ୍ଲସିତ ସେନେଗାଲ ଖେଳାଳି।

ଆକ୍ରମଣ କରି ଫାଇଦାରେ ରହିଥିଲା। ୪୮ତମ ମିନିଟରେ ଫାମାରା ଡିଏଧିଉ ଗୋଲ ଦେଇ ସେନେଗାଲର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୭୮ତମ ମିନିଟରେ କାତାରର ମହମ୍ମଦ ମୁନତାରି ଗୋଟିଏ ଗୋଲ ପରିଶୋଧ କରିଥିଲେ ହେଁ ସେନେଗାଲର ବାମ୍ବା ଡିଙ୍ଗ ୮୪ତମ ମିନିଟରେ ଗୋଲ ଦେଇ ଦଳର ବିଜୟ ଏକପ୍ରକାର ନିଶ୍ଚିତ କରି ଦେଇଥିଲେ। ଏହାପରେ ଆଉ ଗୋଲ ହୋଇ ନ ଥିଲା। କାତାର ୨୯ ତାରିଖରେ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ଶକ୍ତିଶାଳୀ ନେଦରଲାଣ୍ଡକୁ ଭେଟିବ। ସେହିଦିନ ଇକ୍ୱେଡର ଓ ସେନେଗାଲ ମଧ୍ୟରେ ମୁକାବିଲା ହେବ।

### ଫିଫା ବିଶ୍ୱକପ

**(ଆଜିର ମ୍ୟାଚ)**

**ଟ୍ୟୁନିସିଆ ବନାମ ଅଷ୍ଟ୍ରେଲିଆ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ, ସମୟ:ଅପରାହ୍ନ ୩.୩୦

**ପୋଲାଣ୍ଡ ବନାମ ସାଉଦି ଆରବ**
ସ୍ଥାନ: ଏଜୁକେଶନ ସିଟି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬.୩୦

**ଫ୍ରାନ୍ସ ବନାମ ଡେନ୍‌ମାର୍କ**
ସ୍ଥାନ: ରସ ଆବୁ ଅବୌଦ ଷ୍ଟାଡିୟମ, ସମୟ: ରାତି ୯.୩୦

**ଆର୍ଜେଣ୍ଟିନା ବନାମ ମେକ୍ସିକୋ**
ସ୍ଥାନ: ଲୁସେଲ ଷ୍ଟାଡିୟମ, ସମୟ: ରାତି ୧୨.୩୦

# ଇରାନ ଶାସକ-ବିରୋଧୀ ସମର୍ଥକ ମୁହାଁମୁହିଁ

**ଅଲ୍ ରାୟାନ (କାତାର), ୨୫।୧୧(ଏପି)**

ଚଳିତ ବିଶ୍ୱକପ୍‌ରେ ଶୁକ୍ରବାର ଇରାନର ଦ୍ୱିତୀୟ ମ୍ୟାଚ ବେଳେ ଇରାନରେ ଦେଖାଦେଇଥିବା ରାଜନୈତିକ ଅସ୍ଥିରତାର ଏକ ଛାପ ଦେଖିବାକୁ ମିଳିଥିଲା। ୱେଲ୍ସ ବିପକ୍ଷ ମ୍ୟାଚ ପୂର୍ବରୁ ଷ୍ଟାଡିୟମ ବାହାରେ ସରକାରୀ ସମର୍ଥକ ବିରୋଧୀଙ୍କୁ ହଇରାଣ କରିଥିଲେ। ସରକାରଙ୍କ ନୀତିର ପ୍ରତିବାଦ କରି ଇରାନ ଫୁଟ୍‌ବଲ ଦଳର ଖେଳାଳିମାନେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଜାତୀୟ

### ବିଶ୍ୱକପ୍ ମ୍ୟାଚ୍

ସଙ୍ଗୀତ ଗାନ କରି ନ ଥିଲେ। କିନ୍ତୁ ଶୁକ୍ରବାର ୱେଲ୍ସ ବିପକ୍ଷ ମ୍ୟାଚ ପୂର୍ବରୁ ଷ୍ଟାଡିୟମରେ କିଛି ସମର୍ଥକ କାନ୍ଦିବା, ହ୍ୱିସିଲ ବଜାଇବା ସହ ହଟ୍ଟଗୋଳ କରିବାରୁ ଖେଳାଳିମାନେ ସେମାନଙ୍କ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଇରାନର କିଛି ସମର୍ଥକ ଅହମ୍ମଦ ବିନ୍ ଅଲି ଷ୍ଟାଡିୟମରେ ପ୍ରବେଶ କରୁଥିବା ସମର୍ଥକଙ୍କଠାରୁ ଫରାସୀ ପ୍ରାକ୍-କ୍ରାନ୍ତିକାରୀ ଇରାନୀ ପତାକା ଜବତ କରିଥିଲେ । ଦେଶ ବିରୋଧୀ ଆନ୍ଦୋଳନର ସ୍ଲୋଗାନ ସହ ସେମାନେ 'ନାରୀ ଜୀବନ ସ୍ୱାଧୀନତା' ସ୍ଲୋଗାନ ସ୍ଥାନ ପାଇଥିବା ଶର୍ଟ ପିନ୍ଧିଥିଲେ। କିଛି




ଇରାନରେ ପୋଲିସ ହେପାଜତରେ ଥାଇ ମୃତ୍ୟୁବରଣ କରିଥିବା ୨୨ ବର୍ଷୀୟା ମାସା ଅମିନିଙ୍କ ନାମ ଲେଖାଥିବା ଏକ ଜର୍ସିକୁ ଜଣେ ମହିଳା ଦର୍ଶକ ପ୍ରଦର୍ଶନ କରୁଛନ୍ତି।

ମହିଳା ସେମାନଙ୍କ ପ୍ରତିବାଦର କାରଣ ସମ୍ପର୍କରେ ବିଦେଶୀ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଉଥିବା ବେଳେ ଦଳେ ଉତ୍ତ୍ୟକ୍ତ ପୁରୁଷ ଲୋକ ସେମାନଙ୍କ ଉଦ୍ଦେଶ୍ୟରେ 'ଇସ୍‌ଲାମିକ୍ ରିପବ୍ଲିକ ଅଫ୍ ଇରାନ' ବୋଲି ସ୍ଲୋଗାନମାନ ଦେଇଥିଲେ। ଇରାନ ସରକାରଙ୍କ ସମର୍ଥକମାନେ ଜାତୀୟ ପତାକା ସହ ଘେରିଯିବା ସହିତ ସେମାନଙ୍କ ମୋଇଲ ଫୋନ୍‌ରେ ଚିତ୍ର ଉତ୍ତୋଳନ କରିଥିଲେ। ଅଧିକାଂଶ ମହିଳା ଏଥିରେ ଭୟଭୀତ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଇଥିଲା। ଷ୍ଟାଡିୟମ ପ୍ରବେଶପଥରେ ରହିଥିବା ସିକ୍ୟୁରିଟି ଚେକ୍ ପଏଣ୍ଟରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ସରକାରୀ ସମର୍ଥକମାନେ 'ବ୍ୟାକ୍ ଦି ଇସ୍‌ଲାମିକ୍' ସ୍ଲୋଗାନ ଦେଉଥିବା ବେଳେ ବିରୋଧୀମାନେ 'ଓମ୍ୟାନ ଲାଇଫ୍ ଫ୍ରିଡମ୍' ସ୍ଲୋଗାନ ଦେଉଥିଲେ।

# ବ୍ରାଜିଲ ୨-୦ଗୋଲ୍‌ରେ ଜିତିଲା

**ଦୋହା, ୨୫।୧୧**

ସ୍ଥାନୀୟ ଲୁସେଲ ଆଇକନିକ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଗ୍ରୁପ୍ 'ଜି'ର ଏକ ମ୍ୟାଚରେ ବ୍ରାଜିଲ ୨-୦ ଗୋଲରେ ସର୍ବିୟାକୁ ହରାଇ ଚଳିତ ଫିଫା ଫୁଟ୍‌ବଲ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ବ୍ରାଜିଲ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ବିପକ୍ଷ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲା। ଫରୱାର୍ଡ ଖେଳାଳି ରିଚାର୍ଲିସନ ୬୩ ତମ ଓ ୭୩ତମ ମିନିଟ୍‌ରେ କ୍ରମାଗତ ଦୁଇଟି ଗୋଲ ସ୍କୋର କରି ତାଙ୍କ ଦଳକୁ ଜିତାଇଥିଲେ। ଏହି ବିଜୟ ସହ ବ୍ରାଜିଲ ଏହାର ପ୍ରଥମ ମ୍ୟାଚରୁ ସମ୍ପୂର୍ଣ୍ଣ ୩ ପଏଣ୍ଟ ଗ୍ରୁପ୍ 'ଜି' ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ ସୁଇଜରଲାଣ୍ଡ ରହିଥିବା ବେଳେ ଗୋଟିଏ ହେଲେ ମ୍ୟାଚ ଜିତି ନ ଥିବା କାମେରୁନ୍ ଓ ସର୍ବିୟା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ସୂଚନାଯୋଗ୍ୟ, ୧୯୩୪ ଜୁନ୍ ୩ରେ ବେଲ୍‌ଗ୍ରେଡ୍‌ଠାରେ ୮-୪ରେ ପରାଜୟ ପରେ ସର୍ବିୟା (ଯୁଗୋସ୍ଲାଭିଆ ସମେତ) ବିପକ୍ଷରେ ଏଥରକୁ ମିଶାଇ ବ୍ରାଜିଲ ଖେଳିଥିବା ସମସ୍ତ ୧୮ଟି ମ୍ୟାଚରେ ବିଜୟ ଲାଭ କରିଛି। ବ୍ରାଜିଲ ଏହାର ପରବର୍ତ୍ତୀ ମ୍ୟାଚ ୨୮ ତାରିଖରେ ସୁଇଜରଲାଣ୍ଡ ବିପକ୍ଷରେ ଖେଳିବ। ସେହିଦିନ କାମେରୁନ ଓ ସର୍ବିୟା ମଧ୍ୟରେ ମୁକାବିଲା ହେବ। ବ୍ରାଜିଲ ଏହାର ଶେଷ ଲିଗ୍ ମ୍ୟାଚରେ କାମେରୁନ୍‌କୁ ଭେଟିବ।

# ନେମାରଙ୍କ ଡାହାଣ ଗୋଇଠିରେ ଆଘାତ

**ଲୁସେଲ (କାତାର), ୨୫।୧୧ (ଏପି):** ବ୍ରାଜିଲ ଫୁଟ୍‌ବଲ ଦଳର ଷ୍ଟାର ଖେଳାଳି ନେମାରଙ୍କ ଡାହାଣ ଗୋଇଠିରେ ଆଘାତ ଲାଗିଛି। ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତାଙ୍କର ଚିକିତ୍ସା ଚାଲିଥିବା ବ୍ରାଜିଲ ଟିମ୍ ଡାକ୍ତର ରୋଡ୍ରିଗୋ ଲାସ୍‌ମାର କହିଛନ୍ତି। ସର୍ବିୟା ବିପକ୍ଷ ୨-୦ ବିଜୟ ମ୍ୟାଚ ପରେ ନେମାର ବେଞ୍ଚ୍‌ରେ ବସି କାନ୍ଦୁଥିବା ଲକ୍ଷ୍ୟ କରାଯାଇଥିଲା। ତାଙ୍କ ଗୋଇଠି ଫୁଲି ଯାଇଥିଲା। ସେ ସ୍ୱାଭାବିକ ଚାଲିପାରୁ ନ ଥିଲେ। ତାଙ୍କର ପ୍ରଥମେ ବରଫ ଚିକିତ୍ସା ଏବଂ ପରେ ଫିଜିଓଥେରାପି କରାଯାଇଥିଲା। ତାଙ୍କର ବର୍ତ୍ତମାନ କୌଣସି ଟେଷ୍ଟ କରାଯାଇ ନାହିଁ। ଆବଶ୍ୟକ ପଡ଼ିଲେ କରାଯିବ। ତାଙ୍କ ଉପରେ ନଜର ରଖାଯାଇଛି। ଶନିବାର ଅଧିକ କିଛି ଜଣାପଡ଼ିବ। ବିଶ୍ୱକପ୍‌ରେ ନେମାର ତାଙ୍କ ଖେଳ ଜାରି ରଖିବେ ବୋଲି ବ୍ରାଜିଲ କୋଚ୍ ଟିଟେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। କିନ୍ତୁ ଇଞ୍ଜୁରି କେତେ ଗୁରୁତର ସେ ସମ୍ପର୍କରେ ଏବେ କହିହେବ ନାହିଁ। ସୂଚନାଯୋଗ୍ୟ, ନେମାର ୨୦୧୪ ନିଜ ଦେଶରେ ବିଶ୍ୱକପ୍ ଖେଳୁଥିବା ବେଳେ କଲମ୍ବିଆ ବିପକ୍ଷ କ୍ୱାର୍ଟରଫାଇନାଲ ମ୍ୟାଚରେ ଆଘାତପ୍ରାପ୍ତ ହୋଇଥିଲେ। ସେ ତାଙ୍କ ପିଠିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଷ୍ଟ୍ରେଚର ସହାୟତାରେ ପଡ଼ିଆ ବାହାରକୁ ନିଆଯାଇଥିଲା।

# ଗୋଲ୍ ଶୂନ୍ୟ ଡ୍ର' ରେକର୍ଡ

**ଦୋହା, ୨୫।୧୧(ଏପି)**

### ଫିଫା ବିଶ୍ୱକପ୍

ଚଳିତ ବିଶ୍ୱକପ୍‌ରେ ଉରୁଗୁଏ ଓ ଦକ୍ଷିଣ କୋରିଆ ମଧ୍ୟରେ ମ୍ୟାଚ ଗୋଲ୍ ଶୂନ୍ୟଭାବେ ଶେଷ ହୋଇଛି। ଟୁର୍ନାମେଣ୍ଟ ଏଇମାତ୍ର ଆରମ୍ଭ ହୋଇଛି। ହେଲେ ଚଳିତ ବିଶ୍ୱକପ୍‌ରେ ଗୋଲ ଶୂନ୍ୟ ଡ୍ର' ସଂଖ୍ୟା ୪ରେ ପହଞ୍ଚିଛି। ବିଶ୍ୱକପ୍‌ରେ ଗୋଲ୍ ଶୂନ୍ୟ ଡ୍ର ରେକର୍ଡ ୭ ରହିଛି, ତାହା ପୁଣି ୪ ଥର ୧୯୮୨, ୨୦୦୬, ୨୦୧୦ ଓ ୨୦୧୪ରେ ହୋଇଛି। ରୁଷିଆରେ ଅନୁଷ୍ଠିତ ୨୦୧୮ ଟୁର୍ନାମେଣ୍ଟରେ ଏକମାତ୍ର ୦-୦ ଡ୍ର ଡେନ୍‌ମାର୍କ ଓ ଫ୍ରାନ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ହୋଇଥିଲା। ଗୁରୁବାର ସୁଦ୍ଧା ଶେଷ ହୋଇଥିବା ୧୬ଟି ଗେମ୍ ମଧ୍ୟରେ ମେକ୍ସିକୋ-ପୋଲାଣ୍ଡ, ଡେନ୍‌ମାର୍କ-ଟ୍ୟୁନିସିଆ, କ୍ରୋଏସିଆ-ମରକ୍କୋ ଏବଂ ଦକ୍ଷିଣ କୋରିଆ-ଉରୁଗୁଏ ମ୍ୟାଚ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଛି। ପୂର୍ବରୁ ୧୯୩୦, ୧୯୩୪, ୧୯୩୮, ୧୯୫୦ କିମ୍ବା ୧୯୫୪ରେ ଗୋଟିଏ ହେଲେ ଗୋଲ୍‌ଶୂନ୍ୟ ଡ୍ର ହୋଇ ନ ଥିଲା। କାତାର ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ବିଶ୍ୱକପ୍‌ରେ ଗେମ୍ ପିଛା ହାରାହାରି ଗୋଲ୍ ସଂଖ୍ୟା ଦୁଇରୁ ଅଧିକ ରହି ଆସିଛି। ସର୍ବାଧିକ ଆଭରେଜ ୧୯୫୪ରେ ଦେଖିବାକୁ ମିଳିଥିଲା। ଏହି ସଂସ୍କରଣରେ ଖେଳାଯାଇଥିବା ୨୬ଟି ଗେମ୍‌ରେ ମୋଟ ଗୋଲ୍ ସଂଖ୍ୟା ୧୪୦ ରହିଥିଲା। ଗେମ୍ ପିଛା ହାରାହାରି ଗୋଲ୍ ସଂଖ୍ୟା ୫.୩୮ ରହିଥିଲା। ସବୁଠାରୁ କମ୍ ସଂଖ୍ୟକ ଗୋଲ ସ୍କୋର ହୋଇଥିଲା ୧୯୯୦ ଟୁର୍ନାମେଣ୍ଟରେ। ଗେମ୍ ପିଛା ୨.୨୧ ଗୋଲ୍ ହାରରେ ୧୧୫ ଗୋଲ୍ ସ୍କୋର ହୋଇଥିଲା।

# ଇରାନର ପ୍ରଥମ ବିଜୟ

**ଅଲ୍ ରାୟାନ, ୨୫।୧୧ (ଏପି)**

ଚଳିତ ଫିଫା ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି ଇରାନ। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨-୦ ଗୋଲରେ ୱେଲ୍ସକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ଇରାନ ଶକ୍ତିଶାଳୀ ଇଂଲଣ୍ଡଠାରୁ ୨-୬ ଗୋଲରେ ହାରି ଯାଇଥିଲା। ୨ ମ୍ୟାଚରୁ ଏହି ଦଳ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚକୁ ଆମେରିକା ବିପକ୍ଷରେ ଡ୍ର ରଖିଥିବା ୱେଲ୍ସ ୨ ମ୍ୟାଚ ପରେ ଟେବୁଲର ନିମ୍ନରେ ରହିଛି।

ଇରାନ-ୱେଲ୍ସ ଗ୍ରୁପ୍ 'ବି' ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ୯୦ ମିନିଟ ପର୍ଯ୍ୟନ୍ତ ଗୋଲ ନ ହେବାରୁ ମ୍ୟାଚଟି ଡ୍ର ରହିବା ଆଶା କରାଯାଉଥିଲା। ତେବେ ଇଞ୍ଜୁରି ଟାଇମ୍‌ର ମାତ୍ର ୩ ମିନିଟ ମଧ୍ୟରେ ୨ଟି ଗୋଲ ଇରାନକୁ ବିଜୟ ମୁକୁଟ ପିନ୍ଧାଇ ଦେଇଥିଲା। ଇରାନର ମେହଦି ଟାରେମିଙ୍କୁ ହାଇ ଚ୍ୟାଲେଞ୍ଜ ପାଇଁ ୱେଲ୍ସର ପ୍ରଥମ ପସନ୍ଦ ଗୋଲକିପର ୱେନି ହେନେସି ୮୬ତମ ମିନିଟରେ ରେଡ୍ କାର୍ଡ ପାଇ ପଡ଼ିଆ ଛାଡ଼ିଥିଲେ। ଏହା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ତାଙ୍କ ସ୍ଥାନରେ ଗୋଲକିପିଂ କରିଥିବା ଡାନି



ୱେଲ୍ସ ବିପକ୍ଷ ମ୍ୟାଚରେ ଷ୍ଟାଡିୟମରେ ଉପସ୍ଥିତ ଇରାନ ସମର୍ଥକ।

ୱାର୍ଡଙ୍କୁ ୯୦+୮ ମିନିଟରେ ଚକ୍‌ମା ଦେଇଥିଲେ ରୌଜ୍‌ବେ ଚେସମି। ବକ୍ସ ଏରିଆ ବାହାରୁ ଚେସ୍‌ମି ମାରିଥିବା ଶଟ୍‌କୁ ୱାର୍ଡ ଡାଇଭ୍ ମାରି ମଧ୍ୟ ରୋକିପାରି ନ ଥିଲେ। ୯୦+୧୧ ମିନିଟରେ ଇରାନ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ ରମିନ ରେଜାଇନ। ଏହାପରେ ଇରାନ ଶିବିରରେ ଏକପ୍ରକାର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।

ଏହି ମ୍ୟାଚରେ ୱେଲ୍ସ ପକ୍ଷରୁ ଗାରେଥ ବାଲେ ୧୧୦ତମ ମ୍ୟାଚ ଖେଳିଥିଲେ। ୱେଲ୍ସ ଜାତୀୟ ଦଳ ପକ୍ଷରୁ କୌଣସି ଖେଳାଳି ଏତେ ମ୍ୟାଚ ଖେଳିବା ଏହା ପ୍ରଥମ। ୧୯୫୮ ପରେ ୱେଲ୍ସ ଦ୍ୱିତୀୟ ଥରପାଇଁ ବିଶ୍ୱକପ ଖେଳୁଛି। ଗତ ସିଜନରେ ଏଲ୍‌ଏଏଫ୍‌ସି ପକ୍ଷରୁ ବଡ଼ ଲିଗ୍‌ରେ ପ୍ରତିନିଧିତ୍ୱ କରିଥିବା ବାଲେ ୱେଲ୍ସ ପକ୍ଷରୁ ମୋଟ ୪୧ଟି ଗୋଲ ସ୍କୋର କରିଛନ୍ତି। ଦେଶ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାରେ ସେ କ୍ରିସ୍ ଗୁଣ୍ଟର (୧୦୯)ଙ୍କ ରେକର୍ଡ ଭାଙ୍ଗିଛନ୍ତି। ଗତ ୨ଟି ବିଶ୍ୱକପ ଖେଳି ଆସୁଥିବା ଇରାନ କେବେହେଲେ ନକ୍‌ଆଉଟରେ ପ୍ରବେଶ କରି ପାରିନାହିଁ। ଇଂଲଣ୍ଡ ବିପକ୍ଷ ମ୍ୟାଚରେ କନ୍‌କସନ ଯୋଗୁ ଇରାନର ମୁଖ୍ୟ ଗୋଲକିପର ଅଲୀ ବେରାନଭାଣ୍ଡ ୱେଲ୍ସ ବିପକ୍ଷ ମ୍ୟାଚ ଖେଳି ନ ଥିଲେ। ହୋସେନ ହୋସେନି ତାଙ୍କ ସ୍ଥାନ ନେଇଥିଲେ। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଇରାନ ସରକାରଙ୍କୁ ବିରୋଧ କରି ଖେଳାଳିମାନେ ଜାତୀୟ ସଙ୍ଗୀତ ଗାନ କରି ନ ଥିଲେ। ୱେଲ୍ସ ବିପକ୍ଷ ମ୍ୟାଚରେ ଖେଳାଳିମାନେ ଜାତୀୟ ସଙ୍ଗୀତ ଗାଇଥିଲେ ହେଁ ଷ୍ଟାଡିୟମ ବାହାରେ ବିରୋଧ ପ୍ରଦର୍ଶନ ଜାରି ରହିଥିଲା।

# ଲଥାମଙ୍କ ଶତକରେ ନ୍ୟୁଜିଲାଣ୍ଡ ବିଜୟୀ

**ଅକ୍‌ଲାଣ୍ଡ, ୨୫।୧୧**

ଉଇକେଟକିପର ଟମ୍ ଲଥାମଙ୍କ ଅପରାଜିତ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ଶୁକ୍ରବାର ଏଠାରେ ଅନୁଷ୍ଠିତ ଏକ ହାଇସ୍କୋରିଂ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୭ ଉଇକେଟରେ ପରାସ୍ତ କରିଛି। ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୩୦୬ ରନ ସଂଗ୍ରହ କରିଥିଲେ ମଧ୍ୟ ବିଜୟ ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଲଥାମ ଏବଂ ଅଧିନାୟକ କେନ୍ ୱିଲିୟମସନଙ୍କ ଦ୍ୱିଶତକୀୟ ଭାଗୀଦାରି ବଳରେ ନ୍ୟୁଜିଲାଣ୍ଡ ୪୭.୧ ଓଭରରେ ୩ ଉଇକେଟ ହରାଇ ୩୦୯ ରନ ସଂଗ୍ରହ କରି ନେଇଥିଲା। ୧୦୪ ବଲ୍‌ରୁ ୧୯ ଚୌକା ଓ ୫ ଛକା ସହାୟତାରେ ୧୪୫ ରନ କରି ନ୍ୟୁଜିଲାଣ୍ଡ ବିଜୟରେ ହିରୋ ସାଜିଥିବା ଲଥାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କେନ୍ ୱିଲିୟମସନ ମଧ୍ୟ ଅଧିନାୟକ ଇନିଂସ ଖେଳି ୯୪ ରନରେ ଅପରାଜିତ ଥିଲେ। ୯୮ଟି ବଲ୍‌ର ସମ୍ମୁଖୀନ ହୋଇ ସେ ୭ ଚୌକା ଓ ୧ ଛକା ମାରିଥିଲେ।




**୪ର୍ଥ ଉଇକେଟରେ ୱିଲିୟମସନଙ୍କ ସହ ଦ୍ୱିଶତକୀୟ ଭାଗୀଦାରି**

ଶତକ ହାସଲ ପରେ ଟମ୍ ଲଥାମ।

ଅସମାପ୍ତ ୪ର୍ଥ ଉଇକେଟରେ ଲଥାମ ଓ ୱିଲିୟମସନ ୧୬୫ ବଲ୍‌ରୁ ୨୨୧ ରନ ସଂଗ୍ରହ କରିଥିଲେ। ଡେଭନ କନ୍‌ୱେ ୨୪ ଓ ଫିନ୍ ଆଲେନ ୨୨ ରନ କରିଥିଲେ। ଭାରତର ସମସ୍ତ ବୋଲର ମହଙ୍ଗା ପଡ଼ିଥିଲେ। ୧୦ ଓଭରରେ ୬୬ ରନ ଦେଇଥିବା ଉମ୍ରାନ ମଲିକ ୨ଟି ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଟପ୍ ଅର୍ଡରର ୩ ଖେଳାଳି ଅଧିନାୟକ ଶିଖର ଧାୱନ, ଶୁବମନ ଗିଲ୍ ଓ ଶ୍ରେୟସ ଆୟାରଙ୍କ ଅର୍ଦ୍ଧଶତକ ବଳରେ ବଡ଼ ସ୍କୋର କରିଥିଲା। ଧାୱନ ୭୨, ଗିଲ୍ ୫୦ ଓ ଆୟାର ୮୦ ରନ କରିଥିଲେ। ସଞ୍ଜୁ ସାମସନ ୩୬ ଓ ୱାଶିଂଟନ ସୁନ୍ଦର ମାତ୍ର ୧୬ ବଲ୍‌ରୁ ୩୭ (୩ ଚୌକ, ୩ ଛକା) ରନ କରିବାରୁ ଭାରତ ସ୍କୋର ୩୦୦ ଅତିକ୍ରମ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୦୬/୭ (ଶ୍ରେୟସ ଆୟାର-୮୦, ଶିଖର ଧାୱନ-୭୨, ଶୁବମନ ଗିଲ୍-୫୦, ଟିମ୍ ସୌଦୀ-୩/୭୩, ଲୋକି ଫର୍ଗୁସନ-୩/୫୯, ଆଡାମ ମିଲ୍‌ନେ-୧/୬୭)। ନ୍ୟୁଜିଲାଣ୍ଡ ୪୭.୧ ଓଭରରେ ୩୦୯/୩ (ଟମ୍ ଲଥାମ-୧୪୫*, କେନ୍ ୱିଲିୟମସନ-୯୪*, ଉମ୍ରାନ ମଲିକ-୨/୬୬, ଶାର୍ଦ୍ଦୁଳ ଠାକୁର-୧/୬୩)।

## ଅନ୍ୟ ଖେଳ ଖବର

# ଦକ୍ଷିଣ ଏସିଆ କରାଟେରେ ଭାଗନେବେ ଭାଲେଣ୍ଟିନା, ବ୍ରତତୀ, ମଧୁପ୍ରିୟା

**ଭୁବନେଶ୍ୱର, ୨୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଶ୍ରୀଲଙ୍କାର କଲମ୍ବୋଠାରେ ଦକ୍ଷିଣ ଏସିଆ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ଭାଲେନା ଭାଲେଣ୍ଟିନା, ବ୍ରତତି ବିଶ୍ୱପ୍ରଭା ପତି ଓ ମଧୁପ୍ରିୟା କଲମ୍ବୋ ଯାତ୍ରା କରିଛନ୍ତି। ଜାତୀୟ ପ୍ରତିଯୋଗିତାର ଫଳାଫଳ ଭିତ୍ତିରେ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କେଆଇଓ) ଦ୍ୱାରା ଉପରୋକ୍ତ ୩ଜଣ ଓଡ଼ିଶାରୁ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଛନ୍ତି। ଭାଲେଣ୍ଟିନା ମହିଳା ବ୍ୟକ୍ତିଗତ କାଟା, ମଧୁପ୍ରିୟା କ୍ୟାଡେଟ୍ ମହିଳା ବ୍ୟକ୍ତିଗତ କାଟା ଏବଂ ବ୍ରତତୀ ମହିଳା ୫୦ କିଗ୍ରା କୁମିତେ ପ୍ରତିଯୋଗିତାରେ ଭାଗ ନେବେ। ଓଡ଼ିଶା ରାଜ୍ୟ କରାଟେ ସଂଘ ସମ୍ପାଦକ ଡ. ଗୌରି ମହାନ୍ତି ଓ ଅନ୍ୟକର୍ମକର୍ତ୍ତାଗଣ ସେମାନଙ୍କର ଶୁଭକାମନା କରିଛନ୍ତି।

# ଭାରତ-ଅଷ୍ଟ୍ରେଲିଆ ହକି ସିରିଜ ଆଜିଠାରୁ

**ଆଡିଲେଡ, ୨୫।୧୧**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ହକି ସିରିଜର ପ୍ରଥମ ମ୍ୟାଚ ଶନିବାର ଏଠାରେ ଅନୁଷ୍ଠିତ ହେବ। ୨୦୨୩ ହକି ବିଶ୍ୱକପ କ୍ରମେ ପାଖେଇ ଆସିଥିବାବେଳେ ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ ଭାରତ ପାଇଁ ଭଲ ପ୍ରସ୍ତୁତି ସଦୃଶ ହେବ। ଭାରତ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ମ ସ୍ଥାନରେ ରହିଛି। ଶେଷଥରପାଇଁ ଭାରତ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଷ୍ଟ୍ରେଲିଆକୁ ଭେଟିଥିଲା। ସେହି ମ୍ୟାଚରେ ଅଷ୍ଟ୍ରେଲିଆ ୭-୦ ଗୋଲରେ ବିଜୟୀ ହୋଇଥିଲା। ନିକଟ ଅତୀତରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ଓ ସ୍ପେନ୍ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚରେ ଭାରତକୁ ମିଶ୍ରିତ ଫଳ ମିଳିଥିଲା। ନ୍ୟୁଜିଲାଣ୍ଡକୁ ଭାରତ ୨ଟି ଯାକ ମ୍ୟାଚରେ ହରାଇଥିବାବେଳେ ସ୍ପେନ୍ ବିପକ୍ଷରେ ଗୋଟିଏ ଲେଖାଏ ବିଜୟ ପରାଜୟ ସ୍ୱାଦ ଚାଖିଥିଲା। ତେଣୁ ଆଗାମୀ ସିରିଜରେ ଭାରତ କଡ଼ା ଟକ୍କର ଦେବା ଆଶା କରାଯାଉଛି। ବିଶ୍ୱକପ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ପ୍ରସ୍ତୁତ ହେବାଠାରୁ ଆଉ ବଡ଼ କିଛି ନାହିଁ ବୋଲି କହିଛନ୍ତି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍। ଅଧିନାୟକ ହରମନପ୍ରୀତ ସିଂ ମଧ୍ୟ କୋଚ୍‌ଙ୍କ ସହ ଏକମତ ହୋଇଛନ୍ତି।



ପରିବାର ଓ ବନ୍ଧୁଙ୍କ ଗହଣରେ ଶୁକ୍ରବାର ଭୁବନେଶ୍ୱରରେ ଜନ୍ମଦିନ ପାଳନ କରୁଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ନାନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରେମିକଙ୍କ ଘର ଜାଳିଦେଲେ ପ୍ରେମିକା

**ୱାଶିଂଟନ୍**

ଫୋନ୍ କଲ୍‌କୁ କେନ୍ଦ୍ର କରି ଆମେରିକା ଟେକ୍ସାସ୍‌ରେ ଜଣେ ଯୁବତୀ ତାଙ୍କ ବଏଫ୍ରେଣ୍ଡଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ୨୩ ବର୍ଷୀୟା ସେନାଇଡା ମାରି ସୋଟୋ ପ୍ରେମିକଙ୍କୁ ଫୋନ୍ କରିଥିଲେ। ତାଙ୍କର ଜଣେ ସମ୍ପର୍କୀୟ ଭଉଣୀ କଲ୍ ରିସିଭ୍ କରିବା ପରେ ସେନାଇଡା ରାଗି ଯାଇଥିଲେ। ରାତି ୨ଟାବେଳେ ସେ ତାଙ୍କ ବଏଫ୍ରେଣ୍ଡ ଘର କବାଟ ଭାଙ୍ଗି ନିଆଁ ଲଗାଇ ଦେଲେ। ଏହାପରେ ସେନାଇଡା ଜଳୁଥିବା ଆସବାବପତ୍ରର ଏକ ଭିଡିଓ ତାଙ୍କ ଏବଫ୍ରେଣ୍ଡଙ୍କ ପାଖକୁ ପଠାଇଥିଲେ। ବଏଫ୍ରେଣ୍ଡ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରିନେଇଛି। ପୋଲିସ ସୂଚନା ଅନୁଯାୟୀ ସୋଇଇଡା ପ୍ରେମିକଙ୍କ ଘରୁ ବହୁ ଜିନିଷ ଚୋରି କରି ନେଇଛନ୍ତି। ଏ ଘଟଣାରେ ଯୁବକଙ୍କର ପାଖାପାଖି ୫୦ ହଜାର ଡଲାର କ୍ଷତି ହୋଇଥିବା ଜଣାପଡ଼ିଛି।

# ଟାଟୁରେ ଗିନିଜ ରେକର୍ଡ କଲେ ଦମ୍ପତି




**ୱାଶିଂଟନ୍**

ଯୁବପିଢ଼ି ଓ ବୟସ୍କ ବର୍ଗଙ୍କ ମଧ୍ୟରେ ଟାଟୁ କରିବାର ଆଗ୍ରହ ବଢ଼ିବାରେ ଲାଗିଛି। ଖାଲି ଟାଟୁ ନୁହେଁ ବଡି ଅଲ୍‌ଟରେଶନ୍ (ଶରୀରରେ କୃତ୍ରିମ ପରିବର୍ତ୍ତନ କରିବା)ର ଚାହିଦା ବି ବଢ଼ିଛି। ସୁନ୍ଦର ଦେଖାଯିବା ଲାଗି ଅନେକେ ଟାଟୁ କରୁଥିବାବେଳେ କିଛି ଲୋକ ସ୍ମୃତିକୁ ସାଇତି ରଖିବା ପାଇଁ ଏହା କରୁଛନ୍ତି। ଆର୍ଜେଣ୍ଟିନାର ଏକ ଦମ୍ପତି ଏବେ ଟାଟୁ ଓ ବଡି ଅଲ୍‌ଟରେଶନ୍ କରି ଗିନିଜ ରେକର୍ଡରେ ନିଜ ନାଁକୁ ସାମିଲ କରିଛନ୍ତି। ଗାବ୍ରିଲା ଏବଂ ଭିକ୍ଟୋର ହ୍ୟୁଗୋ ପେରାଲଟା ନିଜ ଦେହରେ ୯୮ ଟାଟୁ ସାଙ୍ଗକୁ ବଡି ଅଲ୍‌ଟରେଶନ କରି ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ୨୦୧୪ରେ ଏହି ଦମ୍ପତି ୮୪ଟି ଟାଟୁ କରି ଗିନିଜ ୱାର୍ଲ୍ଡ ରେକର୍ଡ କରିଥିଲେ। ଉଭୟେ ନିଜ ଦେହରେ ୫୦ କାନଫୁଲ, ୮ ମାଇକ୍ରୋଡର୍ମାଲ, ୧୪ ବଡି ଇମ୍ପ୍ଲାଣ୍ଟ, ୫ ଡେଣ୍ଟାଲ ଇମ୍ପ୍ଲାଣ୍ଟ, ୪ ଇଅର ଏକ୍ସପାଣ୍ଡର, ଏକ ଫର୍କଡ ଟଙ୍ଗ୍ ଏବଂ ୨ଟି ଇଅର ବୋଲ୍ଟ ଲଗାଇଛନ୍ତି।

୨୪ ବର୍ଷ ପୂର୍ବେ ଗାବ୍ରିଲା ଓ ଭିକ୍ଟୋର ଏକ ମୋଟରସାଇକେଲ ଇଭେଣ୍ଟରେ ପ୍ରଥମ ଥର ଭେଟ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଆର୍ଜେଣ୍ଟିନାର ବୁଇନୋସ ଏରିସ୍‌ରେ ଆୟୋଜିତ ହୋଇଥିଲା। ସେମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ବନ୍ଧୁତା ପରେ ପ୍ରେମର ରୂପ ନେଇଥିଲା। ବଡି ଅଲ୍‌ଟରେଶନ୍ ଓ ଟାଟୁ ପ୍ରତି ଉଭୟଙ୍କ ଦୁର୍ବଳତା ଥିବା ଜଣାପଡ଼ିବା ପରେ ଦୁହେଁ ବାକି ଜୀବନ ଏକାଠି ବିତାଇବାର ନିଷ୍ପତ୍ତି ନେଇଥିଲେ।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ନ୍ୟାଶନାଲ ଫାଇନାନ୍ସ**

ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ ନ୍ୟାଶନାଲ ଫାଇନାନ୍ସ ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ। ସମସ୍ତ ଋଣ 2% ସୁଧ, 40% ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)
ଏଜେଣ୍ଟ ଆମନ୍ତ୍ରିତ –
**9807641532**

**ମୁଦ୍ରା ଫାଇନାନ୍ସ**

PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
**Mob. 8985384630**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ‘ଆନିମଲ୍’ରେ ରକ୍ତ ଜୁଡୁବୁଡୁ ରଣବୀର

**ମୁମ୍ବାଇ**



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁର ଏବେ ତାଙ୍କ ଆଗାମୀ ଫିଲ୍ମକୁ ନେଇ ବ୍ୟସ୍ତ ରହିଛନ୍ତି। ତେବେ ଏହା ଭିତରେ ତାଙ୍କର ଏକ ଫଟୋ ଭାଇରାଲ ହେଉଛି; ଯେଉଁଥିରେ ତାଙ୍କୁ ଲମ୍ବା ଚୁଟି, ଦାଢ଼ି ସହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ମିଳୁଛି। ପ୍ରକୃତରେ ରଣବୀରଙ୍କ ଏହି ଫଟୋ ତାଙ୍କ ଫିଲ୍ମ ‘ଆନିମଲ୍’ର ଅଂଶବିଶେଷ। ଏଥିରେ ରଣବୀର ଏବଂ ଅଭିନେତ୍ରୀ ରଶ୍ମିକା ମାନ୍ଧାନା ଲିଡ୍ ରୋଲ୍‌ରେ ନଜରକୁ ଆସିବେ। ଫିଲ୍ମଟି ଏକ ଗ୍ୟାଙ୍ଗଷ୍ଟର ଡ୍ରାମା, ଯେଉଁଥିରେ ସମସ୍ତ ଚରିତ୍ରଙ୍କ ଭିତରେ ଅଶାନ୍ତ ସମ୍ପର୍କ ରହିଛି। ମୁଭି ‘କବୀର ସିଂ’ର ଡାଇରେକ୍ଟର ସନ୍ଦୀପ ରେଡ୍ଡୀ ଏହି ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି। ଏଥିସହ ବଲିଉଡ୍ ଅଭିନେତା ସୈଫ୍ ଅଲି ଖାନ୍‌ଙ୍କ ଦିଲ୍ଲୀର ପାଟୌଦି ପ୍ୟାଲେସ୍‌ରେ ଏହି ଫିଲ୍ମର ଅନ୍ୟ ଏକ ଶୁଟିଂର ଫଟୋ ଦେଖିବାକୁ ମିଳୁଛି। ରଣବୀରଙ୍କ ଏପରି ନୂଆ ଲୁକ୍ ଦର୍ଶକଙ୍କ ମନରେ ଆଶା ଆଣିଦେଇଛି। ଏହା ପୂର୍ବରୁ ରଣବୀରଙ୍କ ବ୍ରହ୍ମାସ୍ତ୍ର ବ୍ଲକ୍ ବଷ୍ଟର ହୋଇଥିଲା। ସେଥିରେ ସେ ତାଙ୍କ ସ୍ତ୍ରୀ ଆଲିଆ ଭଟ୍ଟଙ୍କ ସହ ନଜରକୁ ଆସିଥିଲେ। ଏହି ଫିଲ୍ମରେ ଅନ୍ୟ ଚରିତ୍ରରେ ପରିଣୀତି ଚୋପ୍ରା, ଅନିଲ କପୁର, ସୌରଭ ଶୁକ୍ଲା, ବିପିନ କର୍କି, ଶରତ ସାକ୍‌ସେନା ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ଏମ୍. ବେୱଫା ଚା’ବାଲା

**ଭୋପାଳ**

ମଧ୍ୟପ୍ରଦେଶର ରାୟଗଡ଼ସ୍ଥିତ ଏକ ଚା’ ଦୋକାନ ମାଲିକ ଏବେ ଚର୍ଚ୍ଚାରେ। ଖିଲଚିପୁର ନଗର ବସ୍‌ଷ୍ଟାଣ୍ଡ ନିକଟରେ ନୂଆକରି ଦୋକାନ ଖୋଲିଥିବା ଅନ୍ତର ଗୁଜର ନିଜ ଚା’ ଦୋକାନର ନାଁ ରଖିଛନ୍ତି ଏମ୍. ବେୱଫା ଚା’ ବାଲା। ଏମ୍ ହେଉଛି ତାଙ୍କ ପୂର୍ବତନ ପ୍ରେମିକାଙ୍କ ନାମର ପ୍ରଥମ ଅକ୍ଷର, ଯିଏକି ଅନ୍ତରଙ୍କୁ ବାହାହେବା ପାଇଁ ମନା କରିଥିଲେ। ଏକ୍ସ-ଗର୍ଲଫ୍ରେଣ୍ଡଙ୍କୁ ଚିଡ଼ାଇବା ପାଇଁ ଏପରି ନାମକରଣ କରିଛନ୍ତି। ସବୁଠୁ ମଜାକଥା ହେଲା ବି.ଏ. ଶେଷବର୍ଷ ଛାତ୍ର ଅନ୍ତର ବିଭିନ୍ନ ଲୋକଙ୍କୁ ଭିନ୍ନ ଭିନ୍ନ ମୂଲ୍ୟରେ ଚା’ ଦେଉଛନ୍ତି। ତାଙ୍କ ଭଳି ବିଫଳ ପ୍ରେମିକଙ୍କୁ ଚା’ କପ୍ ପିଛା ୫ ଟଙ୍କାରେ ବିକ୍ରି କରୁଥିବାବେଳେ ସାଧାରଣ ଲୋକେ ୧୦ ଟଙ୍କା ଦେଇ ସମାନ ଚା’ କିଣୁଛନ୍ତି। ଏ ନେଇ ଅନ୍ତର କହିଛନ୍ତି, ୫ ବର୍ଷ ତଳେ ଜଣେ ସମ୍ପର୍କୀୟଙ୍କ ବିବାହ ବେଳେ ସେହି ଝିଅଙ୍କୁ ସେ ଭେଟିଥିଲେ। ସେଇଠୁ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨ ବର୍ଷର ସମ୍ବନ୍ଧରେ ସେତେବେଳେ ଫାଟ ସୃଷ୍ଟି ହୋଇଥିଲା, ଯେତେବେଳେ ଅନ୍ୟଜଣଙ୍କ ସହ ବାହା ହେବା ପାଇଁ ପ୍ରେମିକା ରାଜି ହୋଇଥିଲେ। ସେ ଅନ୍ତରଙ୍କୁ କହିଥିଲେ, ଜୀବନରେ କେବେ କିଛି କଲେ ତାହା ମୋ ନାଁରେ କରିବ। ବେକାର ବୋଲି ପ୍ରତ୍ୟାଖ୍ୟାତ ହେବାପରେ ଅନ୍ତର ପ୍ରେମିକାଙ୍କ କଥା ମନେପକାଇ ତାଙ୍କ ନାଁରେ ଚା’ ଦୋକାନ କରିଛନ୍ତି।


# Classified Everyday
0674-2580101, 2549949




**SALE**

ଭୁବନେଶ୍ୱର-ନଖରା ଛକ ପାଖରେ ସଙ୍ଗେସଙ୍ଗେ ଘର କଲା ଭଳି SC plot ବିକ୍ରିହେବ। 9439832956. D-2093

Buy/ Sale. 5BHK Duplex Apollo Hospital-2.3cr, 4BHK Duplex Nandankanan-85Lakh, 3BHK Apartment Rasulgarh Square- 89Lakh, 2BHK Simplex Nakhara-39Lakh. 8984071303. D-2061

ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ 4BHKର Duplex ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ sqft.କୁ 1600-Rs. ରେ ବିକ୍ରି କରାଯାଉଛି। Contact: 9439539146, 9777777525. D-2075

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165. D-2069

House for Sale: Raipur-Chhattisgarh, Bhoipara, Jaykali Chowk, Hall, Bed Room, Bath Room, Kitchen, Parking, Portico, Govt. water supply, 500 sqft area. Rs.15, 00,000/-(Fifteen Lakh). Mob. 9300888798. D-2077

Luxurious 4BHK Duplex near Balianta Bazar. Land-1400 Construction- 2200-85lakh. 9938219397, 9861022055. D-2056

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127




Full body massage by smart/expert therapist @999 only. 9078484455. D-73660

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

Relax, Refresh your body, Mind at Saikrupa Spa with best therapies. 8984068077. D-2048

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଜନ୍ମ ଦିନର ହାର୍ଦ୍ଦିକ ଶୁଭେଚ୍ଛା**



**ସାଇଶ୍ରୀ (ନାନୁ)**
ଭଞ୍ଜିମୁଣ୍ଡା, କଟକ
ପାରିଜାତ ପରି ବାସ୍ନା ଚହଟାଇ ରଖିବୁ ତୁ ଆମ ଗାଁର ନାଁ,
ଆକାଶ କହିବ, ପବନ ଗାଇବ ଶ୍ରଦ୍ଧାଶିଷ ଝରା ଏ ମାଟି ମା’ ।।
୫ମ ଜନ୍ମ ବାର୍ଷିକରେ ତୋର ସୁସ୍ଥ ନିରାମୟ ଜୀବନ ନିମନ୍ତେ ବାବା ଧବଳେଶ୍ୱର, ମା’ ନାରାୟଣୀ ଓ ପ୍ରଭୁ ଶ୍ରୀନୀଳମାଧବଙ୍କ ପଦ କମଳରେ ଗୁହାରି।
ଆଶୀର୍ବାଦ ସହ: ପାପା, ମାମା, ମାମାଲିଦିଦି, କଣ୍ଟିଲୋ ନୀଳମାଧବ କ୍ଷେତ୍ରରୁ ଗୁରୁ, ଗୁରୁଜନମାନେ।
ଧ-୨୦୯୪




Centrally located near new BMC Office 1 Bedroom Double Bedded fully furnished with AC and TV etc. Mob: 7789837712. D-2064

**LOST**

I, Dr. Anjalika Pattanaik, W/o.- Dr. Surya Narayan Pattanaik, R/o- Kharavel Nagar, Bhubaneswar have lost Regd. sale deed vide No.- 7391/2001. D-2092

**AFFIDAVIT**

As per affidavit Sri Santosh Kumar Agrawal and Santosh Agrawal is same and one person. D-2089

Affidavit No.-27, dt-22.11.2022 before Executive Magistrate, Bhubaneswar my daughter's name has changed from Sheeha Hafij to Hafsa Hafij. Henceforth she will be known as Hafsa Hafij, D/o- SK Hafijuddin, At/ PO.-Jamdhar, P.S.-/ Dist.- Kendrapara for all purposes. D-2097

**ଧରିତ୍ରୀ DHARITRI — Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀମତୀ ପ୍ରଗତୀ ମହାନ୍ତି (ମାମି)**
ସ୍ୱାମୀ: ଶାନ୍ତନୁ ମହାନ୍ତି
ସମ୍ରାଟ କ୍ଲବ୍ ପଡ଼ିଆ, ୟୁନିଟ୍-୬, ଭୁବନେଶ୍ୱର
ଜନ୍ମ: ୦୫।୧୦।୧୯୭୨
ପ୍ରୟାଣ: ୧୬।୧୧।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ବେଦାନ୍ତ (ପୁତୁରା), ରିଚା (ଝିଅ), ଶିବୁ, ବୁବୁ, ମାମା, ସୋମି, ଚନ୍ଦନ, ପ୍ରାଚୀ ଓ ବନ୍ଧୁ ପରିବାରବର୍ଗ।
ଧ-୨୦୯୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବସନ୍ତ କୁମାର ମହାନ୍ତି**
ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଜେନେରାଲ ଜି. ଏସ୍.ଆଇ, ଆନନ୍ଦବିହାର, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୩।୦୧।୧୯୪୯
ତିରୋଧାନ: ୧୬।୧୧।୨୦୨୨
ସ୍ୱର୍ଗତ ବସନ୍ତ କୁମାର ମହାନ୍ତିଙ୍କର ଆଜି ଏକାଦଶାହ ଉପଲକ୍ଷେ, ପ୍ରଥମେ ଭକ୍ତିପୂତ ପ୍ରଣାମ ଓ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ପୁତ୍ର: ଅୟସକାନ୍ତ ମହାନ୍ତି, ଅନୁରାଗ ମହାନ୍ତି ଓ ମହାନ୍ତି ପରିବାର, ଆତ୍ମୀୟସ୍ୱଜନ।
ଧ-୨୦୯୬

**ଦଶମ ଶ୍ରାଦ୍ଧବାର୍ଷିକୀ**



**୰ଶ୍ୟାମ ସୁନ୍ଦର ସାହୁ**
(ଲିଙ୍ଗିପୁର)
ତିରୋଧାନ: ୧୫।୧୨।୨୦୧୨
(ମାର୍ଗଶିର ଶୁକ୍ଳପକ୍ଷ ତୃତୀୟା)
ଆଜି ତୁମର ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପର୍ଣ୍ଣ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ହତଭାଗ୍ୟ- ପତ୍ନୀ- ଶକୁନ୍ତଳା ଦେଇ, ପୁତ୍ର- ଅମୂଲ୍ୟ, ଗଣେଶ, ଝିଅ- ସବିତା ସାହୁ, ନାତି- ଆଦିତ୍ୟ ସାହୁ, ନାତୁଣୀ ଓ ପରିବାରବର୍ଗ।
ଧ-୨୦୮୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


# ୫ ମିନିଟ୍‌ରେ ୩୫ ରୁବିକ କ୍ୟୁବ୍ ସମାଧାନ କଲେ କୁନି ବାଳକ




ରାଜସ୍ଥାନ ସହର ଶାସ୍ତ୍ରୀନଗର କଲୋନୀର ଜଣେ ୧୦ ବର୍ଷୀୟ ବାଳକ ଖୁବ୍ କମ୍ ସମୟ ମଧ୍ୟରେ ରୁବିକ କ୍ୟୁବ୍ ସମାଧାନ କରି ଇତିହାସ ସୃଷ୍ଟି କରିଛନ୍ତି। ଅତିକ୍ଷ କଙ୍କରିଆ ତାଙ୍କର ପୂର୍ବ ରେକର୍ଡଗୁଡ଼ିକୁ ଭାଙ୍ଗି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ସେ ମାତ୍ର ୫ ମିନିଟ ୧୨ ସେକେଣ୍ଡରେ ୩୫ ରୁବିକ ସମାଧାନ କରିଛନ୍ତି। ପୂର୍ବରୁ ୨୪ ମିନିଟ୍‌ରେ ୩୨ ରୁବିକ କ୍ୟୁବ୍ ସମାଧାନର ରେକର୍ଡ ରହିଥିଲା। ଅତିକ୍ଷ କୁହନ୍ତି, ଥରେ କ୍ରୀଡ଼ା ଦିବସରେ ତାଙ୍କ ବିଦ୍ୟାଳୟରେ ରୁବିକ କ୍ୟୁବ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେତେବେଳେ ସେ ରୁବିକ କ୍ୟୁବ୍ ସମାଧାନ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏହା ପରେ ସେ ଘରକୁ ଆସି ରୁବିକ କ୍ୟୁବ ବିଷୟରେ ତାଙ୍କ ମାତାପିତାଙ୍କ ସହ କଥା ହୋଇଥିଲେ। ପିତା ଅଭିଷେକ କହିଛନ୍ତି, ଅତିକ୍ଷଙ୍କ ଆଗ୍ରହ ଦେଖି ସେ ତାଙ୍କୁ ରୁବିକ କ୍ୟୁବ୍ ଆଣିଦେଇଥିଲେ। ଅତିକ୍ଷ ୟୁଟ୍ୟୁବ୍‌ରୁ ରୁବିକ କ୍ୟୁବ୍ ସମାଧାନ କରିବାର କୌଶଳ ଶିଖିଥିଲେ। ଅତିକ୍ଷଙ୍କ ମା’ ଅଭିଲାଷା ରୁବିକ କ୍ୟୁବ୍ ସମାଧାନର ଭିଡିଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡର ପ୍ରତିନିଧିଙ୍କ ନିକଟକୁ ପଠାଇଥିଲେ। ଏହା ପରେ ତାଙ୍କ ନାମ ଇଣ୍ଡିଆନ୍ ରେକର୍ଡ ବୁକ୍ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହୋଇଥିଲା। ୨୦୨୨ ଅକ୍ଟୋବର ୨୫ରେ ଅତିକ୍ଷ ତାଙ୍କ ନାମରେ ୩୫ ରୁବିକ କ୍ୟୁବ୍‌କୁ ମାତ୍ର ୫ ମିନିଟ ୧୨ ସେକେଣ୍ଡରେ ସମାଧାନ କରି ଏହି ରେକର୍ଡ ସୃଷ୍ଟି କରିଥିଲେ। ଏହି ରେକର୍ଡରେ ୨ ରୁ ୨, ୧ରୁ ୩୦, ୩ ରୁ ୩ ଏବଂ ୪ କ୍ୟୁବ ୪ରୁ ୪ଥିଲା। ଦ୍ୱିତୀୟ ରେକର୍ଡରେ, ଅତିକ୍ଷ ୧୦ ରୁବିକ୍ କ୍ୟୁବ୍‌କୁ ୩କୁ ୪୭ ସେକେଣ୍ଡରେ ଏବଂ ୮୦ ମିଲି ସେକେଣ୍ଡରେ ସମାଧାନ କରିଥିଲେ।

# ପଲ୍ଲୀବାଣୀର ରୌପ୍ୟଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ



**ଭୁବନେଶ୍ୱର,୨୫ା୧୧(ବ୍ୟୁରୋ)**

ଓଡ଼ିଆ ପତ୍ରିକା 'ପଲ୍ଲୀବାଣୀ'ର ରୌପ୍ୟଜୟନ୍ତୀ ବିଶେଷାଙ୍କ ନୂଆଦିଲ୍ଲୀସ୍ଥିତ ପ୍ରେସକ୍ଲବ ଅଫ୍ ଇଣ୍ଡିଆ ପରିସରରେ ଉନ୍ମୋଚିତ ହୋଇଯାଇଛି। ୧୯୯୭ ମସିହାରୁ ଦିଲ୍ଲୀରୁ ପ୍ରକାଶ ପାଉଥିବା ଏହା ଏକମାତ୍ର ଓଡ଼ିଆ ପତ୍ରିକା। ସାହିତ୍ୟ ତଥା ସାମାଜିକ ଅନୁଷ୍ଠାନ 'ପଲ୍ଲୀବାଣୀ ମିଶନ' ପକ୍ଷରୁ ପ୍ରକାଶିତ ଏହି ପତ୍ରିକା ୨୫ବର୍ଷ ଧରି ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ନିରନ୍ତର କରିଆସୁଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାମଚନ୍ଦ୍ର ନାଥଙ୍କ ସହ ସାହିତ୍ୟିକ ଅମରେନ୍ଦ୍ର ଖଟୁଆ, ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ପ୍ରଭାକର ସ୍ୱାଇଁ, ଜେଏନ୍‌ୟୁରେ ସାରଳା ଚେୟାରର ପ୍ରଫେସର ଉଦୟନାଥ ସାହୁ, କବି ବିରଜା ମହାପାତ୍ର, ରୀତା ନାୟକ, ସାମ୍ବାଦିକ ଛାୟାକାନ୍ତ ନାୟକ, ସୁବ୍ରତ ପତି, ଦେବେନ୍ଦ୍ର ରାଉତ, ସବ୍‌ନମ ଅଦାନୀ ପ୍ରମୁଖ ଯୋଗଦେଇଥିଲେ।

# ପୋଲିସ ଅବହେଳାକୁ ଦାୟୀ କଲେ ବିଜୟ

**କଟକ ଅଫିସ,୨୫ା୧୧**

■ କେନ୍ଦ୍ରାପଡ଼ା ବାଣ ବିସ୍ଫୋରଣ ଆହତଙ୍କୁ ଭେଟିଲେ

କେନ୍ଦ୍ରାପଡ଼ା ଜିଲା ବାଲିଆ ଅଞ୍ଚଳରେ କାର୍ତ୍ତିକ ପୂଜା ଭସାଣି ବେଳେ ବାଣ ବିସ୍ଫୋରଣ ଘଟି ଅନେକ ଆହତ ହୋଇଥିଲେ। ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଶୁକ୍ରବାର ଏସ୍‌ସିବି ମେଡିକାଲରେ ଆହତମାନଙ୍କୁ ଭେଟିଛନ୍ତି। ସେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆହତଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ନିମନ୍ତେ ଡାକ୍ତରମାନଙ୍କ ସହିତ ଆଲୋଚନା କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ଭସାଣିରେ ବାଣଫୁଟା ନିଷେଧ ଥିଲେ ମଧ୍ୟ ପୋଲିସ ଉପସ୍ଥିତିରେ ହୋଇଥିବା ବାଣ ବିସ୍ଫୋରଣ ଘଟଣାକୁ ନିନ୍ଦା କରିଥିଲେ। ଉଚିତ ସମୟରେ ପୋଲିସ କଡ଼ା ପଦକ୍ଷେପ ନେଇଥିଲେ ଏପରି ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥାନ୍ତା ବୋଲି ସେ କହିଥିଲେ। ପୀଡ଼ିତମାନଙ୍କୁ ଭେଟି ସାରି ଗଣମାଧ୍ୟମ ସମ୍ମୁଖରେ ସ୍ଥାନୀୟ ପୋଲିସ ପ୍ରଶାସନ ଓ ଆଇଜିଙ୍କ ଅବହେଳାକୁ ସେ ଦାୟୀ କରି ସମାଲୋଚନା କରିଥିଲେ। ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ବରିଷ୍ଠ ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ରେଭେନ୍‌ଶା କଲେଜର ପୂର୍ବତନ ସଭାପତି ଜ୍ୟୋତିରଞ୍ଜନ ରାୟ, ଅକ୍ଷୟ ପଣ୍ଡା, ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୨୫।୧୧(ସ୍ୱ.ପ୍ର./ଡି.ଏନ୍.ଏ.)- ସତ୍ୟବାଦୀ ପଞ୍ଚନାୟିକିଆ ଛକରେ ଶୁକ୍ରବାର ସକାଳ ୯ଟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ବରାଗଡ଼ କୁଳସେଖର ପାଟଣାର ଅଚ୍ୟୁତନନ୍ଦ ଦାଶ (୨୫)। ଏ ନେଇ ପୋଲିସ ଏକ ମାମଲା (ନଂ.୩୪୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅଚ୍ୟୁତନନ୍ଦ ପୁରୀ ଅଭିମୁଖେ ଏକ ବାଇକ୍ (ନଂ. ଓଡି ୦୨ ଏ ଡବ୍ଲୁ୫୮୭୯) ଯୋଗେ ଯାଉଥିବା ବେଳେ ପଞ୍ଚନାୟିକିଆ ଛକରେ ହଠାତ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେ ରାସ୍ତାକୁ ଛିଟିକି ପଡ଼ିଯିବାରୁ ଗୁରୁତର ହୋଇପଡ଼ିଥିଲେ। ଖବରପାଇ ପାଟ୍ରୋଲିଂ କରୁଥିବା ପୋଲିସ ଅଧିକାରୀ ଜି.ଏନ. ଖାଁ, କର୍ମଚାରୀ ଦୁର୍ଯ୍ୟୋଧନ ବିଶୋୟୀ, ସଞ୍ଜୟ ବେହେରା ଗୁରୁତର ଯୁବକଙ୍କୁ ଆଣି ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଅଭିନନ୍ଦନ
ଓଡ଼ିଶାର ଗୌରବ ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ । ଆସନ୍ତୁ ସମସ୍ତେ ମିଳିମିଶି ସମାଜର ନିଃସ୍ୱ, ଦୁଃସ୍ଥ, ଅବହେଳିତ ତଥା ଗରିବ ଲୋକଙ୍କ ଜୀବନ ଜୀବିକାର ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ତଥା ଜଙ୍ଗଲ ଓ ପରିବେଶକୁ ସୁରକ୍ଷା ଦେବା ନିମନ୍ତେ ଶପଥ ନେବା ।
SEWAK
Strengthening Rural & Tribal Communities
"ସେବକ"
ରଙ୍ଗିଆମୁଣ୍ଡା, ସୁନ୍ଦରଗଡ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମ୍ପାଦକ ଓ ପରିବାରବର୍ଗଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।
ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ରଣଜିତ ସାହୁ
ସଭାପତି, ନିମାପଡ଼ା ବାର୍ ଆସୋସିଏସନ,
ନିମାପଡ଼ା, ପୁରୀ,ମୋ.ନଂ.-୯୪୩୭୧୭୮୬୪୩

SHREE GANESH JEWELLERS
SHREE GANESH JEWELLERS
100% HUID HALL MARK JEWELLERY
• GOLD • SILVER • 1 G,M. GOLD • GEM'S STONE
LAXMI BAZAR, DHENKANAL
Mob - 8895363404, 9556466220, 7377532353

ଅଭିନନ୍ଦନ
ଧରିତ୍ରୀ ସଂସ୍କରଣର ୪୯ତମ ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀ ପରିବାର ଓ ସମସ୍ତ ପାଠିକା ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶମ୍ଭୁ ପ୍ରସାଦ ଗୋଏଲ
ଟିଟିଲାଗଡ଼

With Best Compliments From...
SWADHIN +2 & +3 RESIDENTIAL COLLEGE
NIMAPADA, PURI
Mr. SWADHIN KU. SAHOO
Director
Mob. No.: 7606961218, 9861322669

ଅଭିନନ୍ଦନ
ଓଡ଼ିଶାର ନିର୍ଭୀକ ଓ ନିରପେକ୍ଷ ଖବରକାଗଜ ଧରିତ୍ରୀର ୪୯ତମ ପୂର୍ତ୍ତି ପାଳନ ଅବସରରେ ଏହାର ଅଗଣିତ ପାଠିକାପାଠକ, ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସକୁ ବଜାୟ ରଖି ଧରିତ୍ରୀ ଆହୁରି ଆଗକୁ ବଢିଚାଲୁ ଏହାହିଁ କାମନା । ଏହି ଅବସରରେ ଧରିତ୍ରୀ ପରିବାର ଓ ସୁନ୍ଦରଗଡବାସୀଙ୍କ ଉତ୍ତରୋତ୍ତର ଉନ୍ନତି ସହ ସୁଖ ସମୃଦ୍ଧି କାମନା କରୁଛି ।
କୁସୁମ ଟେଟେ
ବିଧାୟିକା
ସୁନ୍ଦରଗଡ଼

With Best Wishes From
NAVA LIMITED
Kharagprasad, Dhenkanal

PPWO
PINGALAKHI PUBLIC WELFARE ORGANISATION
LAXMIVIHAR (DAHIJNGA MOUZA), NEAR TALA
ANDHIA BEHERA SAHI, RATILO, PURI, ODISHA - 752114
Ph.: 06758-296265, Mob.-9437808569, E-mail: pingalakhi@gmail.com
www.pingalakhi.org.in
Regd. Under: SRA, FCRA, RPwD, NT and NITI AYOG

SERVICES PROVIDED
1. B.Ed. in Special Education
2. D.Ed. in Special Education
3. R.D. Higher Secondary School for the PwVD
4. School for the Deaf
5. Astabakra Special School for the CP
6. Ekalavya Shiksha Kendra
7. Centre for Autism
8. Therapeutic Services for ID
9. Kalinga Home for Mentally ill
10. Niladri Nilaya Rehabilitation Home for Beggars
11. S.K.B.B. Graphics

Sd./- President
Pingalakhi Public Welfare Organisation
Nimapara, Puri, Odisha
Regd. Office: At: Denua, P.O.: Alipingala, P.S. Nimapara, Dist.- Puri
PIN - 752106, ODISHA, INDIA

NIMAPARA AUTONOMOUS COLLEGE
At/Po- Nimapara, Dist-Puri, Pin-752106 (Odisha)
(Accredited by NAAC)
PH & FAX: (06758) 250225, 250438
Glorious 50 Years 1963-2013
Name of the Principal : Prof. Ramakanta Dash
Mob.No.: 9937143154, Mail Id: nimaparacollege@gmail.com
Website: www.nimaparacollege.org.in/ www.nimaparacollege.ac.in
Name of President G.B.: Sj. Jagat Prasad Sabut, Mob.No.: 6371099244

- +2 Science : 512 Seats
- +2 Arts : 512 Seats
- +2 Commerce : 224 Seats
- +3 Science Choice based Credit System 384
- +3 Arts Choice based Credit System 384 Seats
- +3 Commerce Choice based Credit System 256 Seats
- P.G. Odia - 32 Seats
- P.G. Geology- 16 Seats
- P.G. Commerce- 32 Seats
- P.G. Chemistry- 16 Seats
- P.G. Mathematics - 16 Seats
- STUDY CENTER of Odisha Open University, Sambalpur now at Nimapara Autonomous College, Nimapara

| P.G. Course | Duration | Eligibility | U.G.Course | Duration | Eligibility |
|---|---|---|---|---|---|
| M.A. (Odia) | 2 Years | Graduation | BA (Odia Hons.) | 3 Years | +2 Pass |
| M.A. (History) | | | BA (Pol.Sc. Hons.) | | |
| M.A. (English) | | | BA (History Hons.) | | |
| M.Com | | | BA (Economics Hons.) | | |
| | | | BA (English Hos.) | | |

| Certificate Course | Duration | Eligibility |
|---|---|---|
| Certificate in Communication Skill (CCS) | 6 Months | +2 Pass |
| Certificate in Soft Skill & IT Skill (CSSITS) | 6 Months | +2 Pass |

Professional Self-financing Course in PPP Mode
UG Course 3 Years +2 Pass
Bachelor in Business Administration in Banking and Finance (BBA-BF) 64 Seats
UG Course Duration 3 Years eligibility +2 with (Math, Business Mathematics / Statistics)
Bachelor of Computer application - 64 Seats (MCA)
PG Course - Duration 2 years - Eligibility Any Graduate
Master of Commecs in Finance & Control (MFC) - 32 Seats
Master of Arts in Journalism and Mass Communication (MA-JMC- 32 Seats)
Prof. Ramakanta Dash
Principal

